EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

ବର୍ଷ-୪ | ସଂଖ୍ୟା-୩୭ | ୨୮ ସେପ୍ଟେମ୍ବର - ୦୪ ଅକ୍ଟୋବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-37 | 28th SEPTEMBER - 04th OCTOBER, 2020 | BHUBANESWAR | ₹ 5/- (8 Pages)



## କୋଭିଡ୍ ତଥ୍ୟ କିଏ କହୁଛି ସତ୍ୟ

# ଶ୍ମଶାନ ନା ସରକାର !

**ଭୁବନେଶ୍ୱର :** ଗତ ମାର୍ଚ୍ଚ ମାସଠାରୁ ଓଡ଼ିଶାରେ ମହାମାରୀ କରୋନା ନିଜର କାୟା ବିସ୍ତାର କରିଚାଲିଛି। ରାଜ୍ୟରେ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ଆଡକୁ ମୁହାଁଉଥିଲା ବେଳେ ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଯେଉଁ ସବୁ ନିଷ୍ପତ୍ତି ନେଉଛନ୍ତି ତାହା ପ୍ରକୃତରେ କାର୍ଯ୍ୟକାରୀ ହେଲା ଭଳି ମନେହେଉନାହିଁ। ଘୋଷଣା ହୋଇଥିବା ନିଷ୍ପତ୍ତି ଓ ବାସ୍ତବ ସ୍ଥିତିରେ ସମ୍ପୂର୍ଣ୍ଣ ପାର୍ଥକ୍ୟ ପରିଲକ୍ଷିତ ହେଉଛି। କୋଭିଡ୍ ପରିଚାଳନାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଏବେ ସବୁଠି ଅଭିଯୋଗ ମିଳିବାରେ ଲାଗିଛି। ସାଢ଼େ ଚାରିକୋଟି ଲୋକଙ୍କ ମଧ୍ୟରୁ ଗତ ଶନିବାର ସୁଦ୍ଧା ମାତ୍ର ୩୦ ଲକ୍ଷ ୬୨ ହଜାର ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷଣ କରାଯାଇଥିବା ସୂଚନା ମିଳିଛି। ଏହା ଓଡ଼ିଶା ଜନସଂଖ୍ୟାର ମାତ୍ର ୭% ହୋଇଥିଲା ବେଳେ ସଂକ୍ରମିତଙ୍କ ସଂଖ୍ୟାକୁ ନେଇ ଅଧିକ ଭୟର ବାତାବରଣ ସୃଷ୍ଟି ହୋଇଛି। ଦେଶର ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସଂକ୍ରମଣର ଶୀର୍ଷ ଆଡକୁ ଗତି କରୁଥିଲା ବେଳେ କୋଭିଡ୍ ହସ୍ପିଟାଲ ଗୁଡିକରେ ଆକ୍ରାନ୍ତମାନଙ୍କ ଚିକିତ୍ସା ଓ ମୃତ ରୋଗୀଙ୍କ ଶବ ସତ୍କାର ଠିକ୍‌ରେ ହୋଇପାରୁ ନଥିବା ମଧ୍ୟ ଅଭିଯୋଗ ହେଉଛି। ଆକ୍ରାନ୍ତ ଓ ମୃତକଙ୍କ ବିଷୟରେ ସେମାନଙ୍କ ପରିବାରକୁ ସଠିକ୍ ତଥ୍ୟ ଦିଆଯାଉନାହିଁ ବୋଲି ବିରୋଧୀ ଦଳ ଗୁଡିକ ଅଭିଯୋଗ କରୁଛନ୍ତି। କୋଭିଡ୍ ହସ୍ପିଟାଲ ବାରଣ୍ଡାରେ ମୃତ ରୋଗୀଙ୍କ ଶବ ପଡି ରହିବା ଚର୍ଚ୍ଚାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ ଯେ, ରାଜ୍ୟର



ସମସ୍ତ କୋଭିଡ୍ ହସ୍ପିଟାଲରେ ଆକ୍ରାନ୍ତ ବ୍ୟକ୍ତିଙ୍କ ନିକଟ ଆତ୍ମୀୟଙ୍କୁ ସବିଶେଷ ତଥ୍ୟ ଦେବା ପାଇଁ ହେଲ୍ପ ଡେସ୍କ ଖୋଲିବ। ହେଲେ ଏଯାବତ୍ ଏହି ସୁବିଧା କରାଯାଇନାହିଁ କିମ୍ବା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ କରୋନା ରୋଗୀଙ୍କ ସମ୍ପର୍କୀୟଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ ବୋଲି ଏକାଧିକ ଅଭିଯୋଗ ହେଉଛି। ରାଜ୍ୟ ସରକାର ଦେଉଥିବା କୋଭିଡ୍ ତଥ୍ୟ ଓ କେନ୍ଦ୍ର ସରକାରଙ୍କ ୱେବ୍‌ସାଇଟ୍ ତଥ୍ୟରେ ତାଳମେଳ ରହୁନଥିବାରୁ ଓଡ଼ିଶାରେ କରୋନା ମୁକାବିଲା ବାଟବଣା ହୋଇଯାଇଥିବା ଚର୍ଚ୍ଚା ହେଉଛି। କାରଣ ଦୈନିକ କେତେ ରୋଗୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, କେତେ ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ଓ କେତେ ରୋଗୀ କରୋନା ଦ୍ୱାରା ମୃତ୍ୟୁବରଣ କରୁଛନ୍ତି ତାହାର ସଠିକ୍ ତଥ୍ୟ ପ୍ରକାଶ ପାଉନାହିଁ। ଯାହାକୁ ନେଇ ରାଜ୍ୟ ସରକାରଙ୍କ କୋଭିଡ୍ ରଣନୀତିରେ ଖିଲାପ ରହୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଚିକିତ୍ସା ଅବହେଳାରୁ ଅନେକ ରୋଗୀ ମୃତ୍ୟୁବରଣ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଆଗାମୀ ଦିନ ପାଇଁ ସରକାର ସତର୍କ ନ ରହିଲେ ରାଜ୍ୟ ଏକ ଭୟଙ୍କର ସ୍ଥିତି ଆଡକୁ ଗତି କରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

ବର୍ତ୍ତମାନ ରାଜ୍ୟରେ ଦୈନିକ କେତେ ଲୋକଙ୍କ ଜୀବନ ନେଉଛି କରୋନା ଏହାର ଉତ୍ତର ଦାୟିତ୍ୱରେ ଥିବା ଅଧିକାରୀମାନେ ଦେଇପାରୁ ନଥିବା ମଧ୍ୟ ସନ୍ଦେହର କାରଣ ବୋଲି ଜଣାପଡିଛି। ସରକାରୀ ତଥ୍ୟ ଅନୁସାରେ ଦିନକୁ ୧୫ ରୁ ୧୬ଜଣଙ୍କ ମୃତ୍ୟୁ ହେଉଥିବା ହିସାବ ଦେଉଛନ୍ତି। ତେବେ ଏହି ସଂଖ୍ୟାକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ।

➤ ପୃ-୬

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ

## ବିଶ୍ୱରେ ମରିପାରନ୍ତି ୨୦ଲକ୍ଷ ଲୋକ

**ନୂଆଦିଲ୍ଲୀ :** ବିଶ୍ୱରେ ମହାମାରୀ କରୋନା ମୃତ୍ୟୁ ସଂଖ୍ୟା ୯ଲକ୍ଷ ୯୪ ହଜାର ଟପିଯାଇଥିଲା ବେଳେ ଖୁବ୍‌ଶୀଘ୍ର ୨୦ଲକ୍ଷ ଟପିବା ସମ୍ଭାବନା ରହିଛି। ଯଦି କରୋନା ମହାମାରୀର ମୁକାବିଲା ପାଇଁ ମିଳିତ ଭାବରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଖୁବ୍‌ଶୀଘ୍ର ବିଶ୍ୱ ୨୦ଲକ୍ଷ ମୃତ୍ୟୁ ଦେଖିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଚେତାବନୀ ଦେଇଛି। 'ହୁ' ଏମର୍ଜେନ୍ସି ପ୍ରୋଗ୍ରାମ ମୁଖ୍ୟ ମାଇକ ର୍ୟାନ୍ କହିଛନ୍ତି, କୋଭିଡ୍ ଟିକା ଆସିବା ପୂର୍ବରୁ ଏବଂ ଟିକାର ବହୁଳ ବ୍ୟବହାର ପୂର୍ବରୁ କରୋନା ମୃତ୍ୟୁ ସଂଖ୍ୟା ୨୦ଲକ୍ଷ ଟପିଯିବ ବୋଲି ସମ୍ଭାବନା ରହିଛି। ଏନେଇ ଯଦି କୌଣସି ବଳିଷ୍ଠ ପଦକ୍ଷେପ ନ ନିଆଯାଏ ତେବେ ଏହି ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ରହିବ ବୋଲି କହିଛନ୍ତି ର୍ୟାନ୍। ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଯୁବବର୍ଗଙ୍କୁ ଦାୟୀ କରାଯିବା ଅନୁଚିତ। ସବୁବର୍ଗର ଲୋକ ଘରେ ଏକାଠି ରହିବା ଦ୍ୱାରା କରୋନା ସଂକ୍ରମଣ ବୃଦ୍ଧି ପାଉଛି।

### ସାରା ବିଶ୍ୱ କରୋନା ଭୂତାଣୁ ସହ ସଂଘର୍ଷ କରୁଛି

# ଜାତିସଂଘ କେଉଁଠି ଅଛି ?

**ନୂଆଦିଲ୍ଲୀ :** ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଟିକା ଠାରୁ ଆରମ୍ଭ

## ନିରାପତ୍ତା ପରିଷଦ ସ୍ଥାୟୀ ସଦସ୍ୟତା ପାଇଁ ଆଉ କେତେଦିନ ଅପେକ୍ଷା କରିବ ଭାରତ ?

କରି ଅନେକ ପ୍ରସଙ୍ଗରେ ବଡ ବୟାନ ଦେଇଛନ୍ତି। ଏଥିସହିତ ମିଳିତ ଜାତିସଂଘରେ



ସଂସ୍କାର ଆସିବା ଦରକାର ବୋଲି ମୋଦି ମତ ରଖିଛନ୍ତି। ମହାମାରୀ କରୋନା ସହ ସାରା ବିଶ୍ୱ ଲଢ଼େଇ କରୁଥିବା ବେଳେ ଭାରତ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇଛି। ଏଥିସହ ଭାରତ ପ୍ରସ୍ତୁତ କରୁଥିବା କରୋନା ଟିକା ସମଗ୍ର ବିଶ୍ୱକୁ ଯୋଗାଇ ଦିଆଯିବ ବୋଲି ମୋଦି ଜାତିସଂଘରେ ପ୍ରତିଜ୍ଞା କରିଛନ୍ତି। ଭର୍ଚ୍ୟୁଆଲ ପ୍ଲାଟଫର୍ମରେ ସମ୍ବୋଧନ କରି ମୋଦି କହିଛନ୍ତି, ୭୫ ବର୍ଷ ମଧ୍ୟରେ ଜାତିସଂଘ ଅନେକ

➤ ପୃ-୬

# କାଳିଆ ଟଙ୍କା ଘୋଟାଲା, ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ଚାଷୀ

**ଜଗତସିଂହପୁର :** ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟସରକାର କାଳିଆ ଯୋଜନା ଆରମ୍ଭକରି ଭୋଟର ପରିସଂଖ୍ୟାନ ବଢାଇଥିବା ବେଳେ ବହୁ ବଡଚାଷୀ ସେମାନଙ୍କ ଅବିବାହିତ ପୁଅ ଓ ଅବସର ପ୍ରାପ୍ତ ସରକାରୀ କର୍ମଚାରୀମାନେ କାଳିଆ ଯୋଜନାକୁ ହାତେଇ ନେଇଥିବାବେଳେ ବହୁ ଗରିବ, ଦିନ ମଜୁରିଆ ଚାଷୀମାନେ ଅଯୋଗ୍ୟ ତାଲିକାରେ ପଡିଯାଇଥିବାର ଦେଖିବାକୁ ମିଳିଛି। ସରକାରଙ୍କ ଏହି ନିର୍ବାଚନ ବିଗୁଲ ଏବେ ବିଜେଡି ପାଇଁ କଣ୍ଟା ହୋଇଛି। କାଳିଆ ଯୋଜନା ଆରମ୍ଭ କଲାବେଳେ ସରକାର ପ୍ରତିପଞ୍ଚାୟତର ଯୋଗ୍ୟ ଓ ଅଯୋଗ୍ୟ ଚାଷୀ ଚିହ୍ନଟ ନିମନ୍ତେ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଗ୍ରାମ୍ୟ କୃଷି କର୍ମଚାରୀ, ପଶୁ ନିରିକ୍ଷକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ନିରିକ୍ଷକ ଓ ସମବାୟ ସମିତି ସମ୍ପାଦକ ମାନଙ୍କୁ ଦାୟୀତ୍ୱ ଅର୍ପଣ କରିଥିବାବେଳେ ଏହି ସରକାରୀ କର୍ମଚାରୀ ମାନେ ବଡବଡିଆ ଚାଷୀମାନଙ୍କଠାରୁ ହାତଗୁଞ୍ଜାନେଇ ଅଯୋଗ୍ୟମାନଙ୍କୁ ଯୋଗ୍ୟ ଦର୍ଶାଇଥିବାବେଳେ ଯୋଗ୍ୟ ଚାଷୀମାନଙ୍କୁ ଅଯୋଗ୍ୟ ତାଲିକାରେ ପୁରାଇ ଏକପ୍ରକାର ମୁନାଫାଖୋର ମନୋବୃତ୍ତି ଆପଣେଇ ନେଇଥିଲେ। ନିର୍ବାଚନ ସମୟରେ ଚାଷୀମାନଙ୍କ ଠାରୁ ଭୋଟ ହାତେଇ ନେଲାପରେ ଏବେ କୃଷିବିଭାଗ ପାଇଁ କାଳିଆ ଯୋଜନା ମୁଣ୍ଡବ୍ୟଥାର କାରଣ ହୋଇଛି। ଏଥିପାଇଁ କୃଷି ବିଭାଗ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଚିହ୍ନଟ କରି ଟଙ୍କା ଫେରସ୍ତ ଅଣାଯିବ ବୋଲି କହିଥିବାବେଳେ ପ୍ରକୃତରେ ତାହା ତ କରାଗଲାନାହିଁ ପରନ୍ତୁ ନିରୀହ ଗରିବ ଚାଷୀମାନେ କାଳିଆ ଯୋଜନାରେ ଏକ ଟଙ୍କା

➤ ପୃ-୬

### ବକ୍ରବାଣୀ



ଭୋଅଟ ଆଇଲେ ନେତା ଆସନ୍ତି
ଗରୀବ ପିଣ୍ଡାରେ ଆସି ବସନ୍ତି
ମିଠା ମିଠା କଥା କୁହନ୍ତି କେତେ
ଭେଳିକି ଦେଖାନ୍ତି ପାରନ୍ତି ଯେତେ
ଲୋକଙ୍କ ଦୁଃଖରେ ଭାଗିଁ ପଡନ୍ତି
କୁମ୍ଭୀର କାନ୍ଦଣା ଭଲ କାନ୍ଦନ୍ତି
ହାତୀ ଘୋଡା ଦବୁ ବୋଲି କୁହନ୍ତି
ଭୋଟ ସରିଗଲେ ଭୁଲି ଯାଆନ୍ତି
ଭୋଟର ବାପୁଡା ଝୁରେ ନେତାଙ୍କୁ
ଦେଖା ମିଳେ ପୁଣି ଆର ଭୋଟକୁ।

—— ଟୁଟୁ

### ଓଡ଼ିଶାରେ ପୁଣି ସିବିଆଇର ଖୋଳତାଡ

# ଉପନିର୍ବାଚନ ପାଇଁ ନୁହେଁ ତ ?

**ଭୁବନେଶ୍ୱର, (ତାରକ ମହାନ୍ତି):** ଦୀର୍ଘଦିନର ନିରବତା ଭାଙ୍ଗି ପୁଣିଥରେ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ସିବିଆଇ ଟିମ୍ ଓଡ଼ିଶାରେ ଆବିର୍ଭାବ ହୋଇଛି। ସିବିଆଇର ଏହି ପୁନଃ ଆବିର୍ଭାବକୁ ନେଇ ବିଜେଡି ଶିବିରରେ ଛନକା ପଶିଛି। ଆଗକୁ ୨ ଗୋଟି ଉପନିର୍ବାଚନ ଆସୁଥିବାରୁ ସିବିଆଇର ଚିଟ୍‌ଫଣ୍ଡ ଖୋଳତାଡକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି, କିନ୍ତୁ ଏହା ଏକ ନିୟମିତ ପ୍ରକ୍ରିୟା ବୋଲି କହିଛି ସିବିଆଇ। ଅତୀତରେ ଯାହା ଦେଖାଯାଇଛି ଓଡିଶାରେ ଲୋକସଭା ଓ ରାଜ୍ୟସଭା ନିର୍ବାଚନ ବିଗୁଲ ବାଜିବା ଆରମ୍ଭ ହେଲେ ସିବିଆଇ ତାର ମଧ୍ୟ ବିଭିନ୍ନ ଫନ୍ଦିଫିକର ଆରମ୍ଭକରି ନିର୍ବାଚନ ରଣନିତିରେ ଝଟ୍‌କା ଲଗାଇଥାଏ। ବହୁଚର୍ଚ୍ଚିତ




ଚିଟ୍‌ଫଣ୍ଡ କେଳେଙ୍କାରୀ ଘଟଣା ହେଉ ବା ସି-ସୋର ଘଟଣା ସବୁଥିରେ ସିବିଆଇ ଖୋଳତାଡ ଆରମ୍ଭ କରୁଥିଲେ ବି ବିଜେଡି- ବିଜେପି ମେଣ୍ଟ ସରକାରଙ୍କ ଏହା ଏକ ମଧୁଚନ୍ଦ୍ରିକା ବୋଲି କଂଗ୍ରେସ ଦଳ ପକ୍ଷରୁ ମତ ପ୍ରକାଶ ପାଉଛି। କିଛିଦିନ ତଳେ ରାଜ୍ୟସଭା ଉପନିର୍ବାଚନକୁ ନେଇ ବିଜେପିର ପ୍ରାର୍ଥୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ବିଜେଡିର ସହଯୋଗ ସେ ସମୟରେ ଏକ ରାଜନୈତିକ ଝଡ ସୃଷ୍ଟି କରିଥିଲେ ବି ସିବିଆଇ ଝଟକା ଭୟରେ ସମର୍ଥନ ମଳିଥିଲା ବୋଲି ବିଜେଡି ଦଳ ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା। ସେହିପରି ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ କେଳେଙ୍କାରୀ ଘଟଣାରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ)ର ପୂର୍ବତନ ସଂପାଦକ ଆଶୀର୍ବାଦ ବେହେରାଙ୍କୁ ସିବିଆଇ ଗିରଫ କଲାବେଳେ କିଛି ନେତା ମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାପୂର୍ବରୁ ଓଡିଶାରେ ୨୦୧୯ ନିର୍ବାଚନ ବେଳେ କଟକ ଜିଲ୍ଲାର ବାଙ୍କି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଚୌଦ୍ୱାର

➤ ପୃ-୬

# ନଡ୍ଡାଙ୍କ ଟିମ୍‌ରେ ଓଡ଼ିଶାରୁ ୪



**ନୂଆଦିଲ୍ଲୀ :** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନୂଆ ଟିମ୍ ଘୋଷଣା କରାଯାଇଛି। ଏଥିରେ ୪ଜଣ ଓଡ଼ିଆଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ନିଜର ପଦ ବଜାୟ ରଖିଥିବା ବେଳେ ଡା. ସମ୍ବିତ ପାତ୍ର ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ରାଷ୍ଟ୍ରୀୟ ମୁଖପାତ୍ର ତାଲିକାରେ ସାମିଲ କରାଯାଇଛି। ସେହିପରି ମୟୂରଭଞ୍ଜ ସାଂସଦ ବିଶେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ପଦ ମିଳିଛି। ବିଜେପିର ୨୩ ଜଣିଆ ରାଷ୍ଟ୍ରୀୟ ମୁଖପାତ୍ର ତାଲିକାରେ ଓଡ଼ିଶାର ଦୁଇ ନେତା ସ୍ଥାନ ପାଇଥିବା ବେଳେ ମୟୂରଭଞ୍ଜ ସାଂସଦ ବିଶେଶ୍ୱର ଟୁଡୁଙ୍କୁ ୧୩ଜଣିଆ ରାଷ୍ଟ୍ରୀୟ ସମ୍ପାଦକ ତାଲିକାରେ ସ୍ଥାନ ମିଳିଛି। ଏହି ତାଲିକାରେ ମହାରାଷ୍ଟ୍ରରୁ ବିନୋଦ ତାୱଡେ, ଉତ୍ତର ପ୍ରଦେଶରୁ ବିନୋଦ ସୋନକାର, ଆନ୍ଧ୍ରପ୍ରଦେଶରୁ ସତ୍ୟ କୁମାର, ମହାରାଷ୍ଟ୍ରରୁ ସୁନିଲ ଦେଓଧର, ଦିଲ୍ଲୀରୁ ଅରବିନ୍ଦ ମେନନ, ଉତ୍ତରପ୍ରଦେଶରୁ ହରିଶ ଦ୍ୱିବେଦୀ, ମହାରାଷ୍ଟ୍ରରୁ ପଙ୍କଜ ମୁଣ୍ଡେ,

➤ ପୃ-୬




### କାଦବରାଙ୍ଗ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ

# ବାଧକ ସାଜିଛି ସେବା ସମବାୟ ସମିତି

**ଭଦ୍ରକ,(ବିକାଶ କୁମାର ଧଳ):** ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏଥିରେ କାଦବରାଙ୍ଗ ସେବା ସମବାୟ ସମିତି ବାଧକ ସାଜିଥିବାର ଜଣାପଡ଼ିଛି । ସୂଚନାନୁଯାୟୀ: ବନ୍ତ ପଂଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଏଆରସିଏସ ଭଦ୍ରକଙ୍କୁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଚିଠି ନଂ ୨୦୮୬/ତା୦୪.୦୮.୨୦ରେ କରାଯାଇଥିବା ଚିଠିରୁ ମିଳିଥିବା ସୂଚନା ଅନୁଯାୟୀ କାଦବରାଙ୍ଗ ଗ୍ରାମପଂଚାୟତର ପଂଚାୟତ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ୨୦ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହେବା ସହ ତହସିଲଦାର ବନ୍ତ ମଧ୍ୟ ଫିଜିବିଲିଟି ରିପୋର୍ଟ ପ୍ରଦାନ କରିଥିବାର ଜଣାପଡ଼ିଛି । ସେବା ସମବାୟ ସମିତି ଗୃହଟି ପୁରୁଣା ହୋଇଯାଇଥିବା ସହ ଭଗ୍ନାବସ୍ଥାରେ ଥିବାରୁ ଏହାକୁ ଭାଙ୍ଗି ଉକ୍ତ ସ୍ଥାନରେ ପଂଚାୟତ ଗୃହ ନିର୍ମାଣ କରିବାକୁ ଅନୁମତି



ଦେବା ସହ ସେବା ସମବାୟ ସମିତିକୁ ସ୍ଥାନାନ୍ତରିତ କରିବାକୁ ମଧ୍ୟ ଉକ୍ତ ଚିଠିରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଇତି ମଧ୍ୟରେ ୨ମାସ ବିତିବାକୁ ବସିଥିଲେ ସୁଦ୍ଧା ଗୃହ ନିର୍ମାଣକୁ ନେଇ କୌଣସି ସ୍ଥାୟୀ ସମାଧାନ ହୋଇ ପାରିନାହିଁ । ଏହାକୁ ନେଇ ବାଦାନୁବାଦ ଲାଗି ରହିଛି । ଏହି ସମସ୍ୟାକୁ ନେଇ କାଦବରାଙ୍ଗ ସେବା ସମବାୟ ସମିତି ସଂପାଦକଙ୍କୁ ଯୋଗାଯୋଗ କରିବାରୁ ସେ କାଦବରାଙ୍ଗ ସେବା ସମବାୟ ସମିତି କାର୍ଯ୍ୟାଳୟ ଚିଠି ନଂ୦୧/ତା ୨୧/୦୮/୨୦୨୦ରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଚିଠି ନଂ ୨୦୮୭/ତା୦୪.୦୮.୨୦ରେ ଉତ୍ତର ରଖିଥିବାର କହିଥିଲେ । ତାଙ୍କ କହିବା ଅନୁଯାୟୀ: ରାଜସ୍ୱ ଏବଂ ଦୈବୀଦୁର୍ବିପାକ ପରିଚାଳନା ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠନ କରାଯାଇଥିବା ଗ୍ରେନଗୋଲା ଗୃହ ବର୍ତ୍ତମାନ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ କାର୍ଯ୍ୟ କରୁ ଅଛି । ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗଠନ ହୋଇଥିବା ଗ୍ରେନଗୋଲା ଗୃହ ଗୁଡ଼ିକ ସମବାୟ ସମିତିର ନିଜସ୍ୱ ସମ୍ପତ୍ତି । ଏବଂ ଏଥିରେ ସାର, ବିହନ, ଧାନ ଆଦି ସଂଚିତ ହୋଇ ରହିବା ସହ କାର୍ଯ୍ୟାଳୟ ମଧ୍ୟ ଚାଲୁଛି । ତେଣୁ ଅନ୍ୟ କୌଣସି କାର୍ଯ୍ୟରେ କିମ୍ବା ଅନ୍ୟ କୌଣସି ବିଭାଗର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହା ଭଙ୍ଗା ଯାଇପାରିବ ନାହିଁ । ପରେ ଡେ଼ପୁଟି ରେଜିଷ୍ଟାର ସମବାୟ ସମିତି ବାଲେଶ୍ୱର ଡ଼ିଭିଜନ ତାଙ୍କ ଚିଠି ନଂ ୧୮୪୪/୩୧.୦୮.୨୦୨୦ରେ ଉକ୍ତ

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ବୃଷ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ତୁଳା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବିଜେପିର ଦୃଢ଼ୋକ୍ତି : ବିହାରରେ ଏନ୍‌ଡିଏ ଜିତିବ

**ନୂଆଦିଲ୍ଲୀ :** ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ଜିତିବା ସହିତ ନୀତୀଶ କୁମାର ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି କ୍ଷମତାସୀନ ବିଜେପି ଦୃଢ଼ୋକ୍ତି ପ୍ରକାଶ କରିଛି। ନିର୍ବାଚନ କମିଶନ ପକ୍ଷରୁ ବିହାର ବିଧାନସଭା ପାଇଁ ବିଜ୍ଞପ୍ତି ଜାରି କରାଯିବାର ମାତ୍ର କେତେଘଣ୍ଟା ପରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ବିହାର ନିର୍ବାଚନରେ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ୍ କରିବ ବୋଲି କହିଛନ୍ତି। ଇତିମଧ୍ୟରେ ବିହାରରେ ଏନ୍‌ଡିଏକୁ କ୍ଷମତାଚ୍ୟୁତ କରିବାକୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ରଣହୁଙ୍କାର ପ୍ରଦାନ କରିଛି। ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ନିର୍ବାଚନରେ ବିଜେପି ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ଜେଡିୟୁକୁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ତାଙ୍କ ଦଳ ସେତେଟା ଗୁରୁତ୍ୱ ଦେଉନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, କୋଭିଡ୍-୧୯ କଟକଣା ଭିତରେ ବିହାର ନିର୍ବାଚନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ବିହାରର ଶାସନଡ଼ୋରି କେଉଁ ଦଳ ବା ମେଣ୍ଟ ହାତକୁ ଯିବ, ତା'ର ନିଷ୍ପତ୍ତି ବିହାରବାସୀ କରିବେ। ଭୋଟରମାନେ ତିନୋଟି ପର୍ଯ୍ୟାୟରେ ମତଦାନ କରି ସଭ୍ୟମାନଙ୍କୁ ନିର୍ବାଚିତ କରିବେ। ନଭେମ୍ବର ୧୦ରେ ଭୋଟ ଗଣତି ଫଳାଫଳ ପ୍ରକାଶ ପାଇବ। କରୋନା ମହାମାରୀ ଭିତରେ ବିହାର ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଥିବାରୁ ଭୋଟରମାନେ ଚିନ୍ତାପ୍ରକଟ କରିଛନ୍ତି। କିନ୍ତୁ ସବୁଦିଗରୁ ବିଚାର କରି ନିର୍ବାଚନ କମିଶନ କରୋନା ଗାଇଡ୍‌ଲାଇନ୍ ଭିତରେ ରହି ନିର୍ବାଚନ କରିବାକୁ ଯାଉଛନ୍ତି। କମିଶନଙ୍କ ସୂଚନା ଅନୁସାରେ ମାଓପ୍ରବଣ ଅଞ୍ଚଳକୁ ବାଦ୍‌ଦେଲେ, ଅନ୍ୟ ଅଞ୍ଚଳର ଭୋଟରମାନେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୁଥକୁ ଯାଇ ମତଦାନ କରିପାରିବେ। ଜିଲ୍ଲାସ୍ତରୀୟ ନିର୍ବାଚନ କମିଶନ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସ୍ଥାନ ବା ପଡିଆ ଚିହ୍ନଟ କରିବେ। ଉକ୍ତ ପଡିଆରେ ଗୋଲାକାର ଚିହ୍ନଟ କରି ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବାର ବ୍ୟବସ୍ଥା କରାଯିବ। ପ୍ରତି ବୁଥରେ ଏକ ହଜାର ମତଦାତା ଭୋଟ ଦେଇପାରିବେ। ତେଣୁ ୨୦୨୦ ବିଧାନସଭା ନିର୍ବାଚନରେ ବୁଥ ସଂଖ୍ୟା ୧ ଲକ୍ଷ ଟପିବାକୁ ଯାଉଛି। କ୍ୱାରେଣ୍ଟାଇନ୍‌ରେ ଥିବା କରୋନା ରୋଗୀ ପାଇଁ ଶେଷ ପର୍ଯ୍ୟାୟରେ ବୁଥ୍‌କୁ ଯାଇ ଭୋଟ୍ ଦେଇପାରିବେ। କିନ୍ତୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଅଧିକାରୀ ରହିବେ। ଚିକିତ୍ସା ଅଧିକାରୀଙ୍କ ପରାମର୍ଶକ୍ରମେ କରୋନା ଆକ୍ରାନ୍ତ ଭୋଟ ଦେଇପାରିବେ। ଏହାବାଦ୍ କରୋନା ଆକ୍ରାନ୍ତଙ୍କ ପାଇଁ ପୋଷ୍ଟାଲ ଭୋଟ୍ ବ୍ୟବସ୍ଥା କରାଯାଇଛି। ନିର୍ବାଚନ ପାଇଁ ୭ ଲକ୍ଷ ହ୍ୟାଣ୍ଡ୍ ସାନିଟାଇଜର୍ ୟୁନିଟ୍, ୪୬ ଲକ୍ଷ ମାସ୍କ, ୬ ଲକ୍ଷ ପିପିଇ କିଟ୍, ୬.୭ ଲକ୍ଷ ଫେସ୍ ସ୍ଲାଇଡ୍, ୨୩ ଲକ୍ଷ ହ୍ୟାଣ୍ଡ୍ ଗ୍ଲୋଭ୍ସ ବ୍ୟବସ୍ଥା କରାଯାଇଛି। ଭୋଟରଙ୍କ ପାଇଁ ୭.୨ କୋଟି ଏକକ ବ୍ୟବହାରଯୁକ୍ତ ଗ୍ଲୋଭ୍ସ ବ୍ୟବସ୍ଥା କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଅନ୍‌ଲାଇନ୍‌ରେ ପ୍ରାର୍ଥିପତ୍ର ଦାଖଲ କରିବାର ବ୍ୟବସ୍ଥା।

# ଡିସେମ୍ବରରେ ଆମେରିକା-ୟୁଏଇ ଏଫ୍-୩୫ ରାଜିନାମା

**ୱାଶିଂଟନ୍ :** ସଂଯୁକ୍ତ ଆରବ ରାଷ୍ଟ୍ରସଂଘ (ୟୁଏଇ) ଜାତୀୟ ଦିବସ (୨ ଡିସେମ୍ବର) ପାଳନ ଅବସରରେ ଯୁକ୍ତରାଷ୍ଟ୍ର ଆମେରିକା ଏଫ୍-୩୫ ଲଢୁଆ ଜେଟ୍ ବୁଝାମଣା ପତ୍ର ହାସଲ୍ କରିବାକୁ ଆଗ୍ରହ ପ୍ରକାଶ କରିଛି। ଇସ୍ରାଏଲ୍‌କୁ କୋଣଠେସା କରି ୟୁଏଇ ସହିତ ଲଢୁଆ ଜେଟ୍ ବୁଝାମଣା ପାଇଁ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୂଟନୈତିକସ୍ତରରେ କଥାବାର୍ତ୍ତା ଜାରି ରଖିଛି। ଆମେରିକା-ଇସ୍ରାଏଲ୍ କୂଟନୈତିକ ରାଜିନାମା ଅନୁସାରେ ଆମେରିକା ଇସ୍ରାଏଲ୍‌କୁ ବିକିଥିବା ଯୁଦ୍ଧ ସରଞ୍ଜାମଗୁଡ଼ିକ ଅନ୍ୟଦେଶକୁ ବିକିବା ପୂର୍ବରୁ ଇସ୍ରାଏଲ୍‌ର ସ୍ୱୀକୃତି ନେବା ବାଧ୍ୟତାମୂଳକ। ଆମେରିକା-ଇସ୍ରାଏଲ୍ ମଧ୍ୟରେ ଏପରି ରାଜିନାମା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ୟ ରାଷ୍ଟ୍ରକୁ ବିକା ଯାଉଥିବା ଏଫ୍-୩୫ ଯେପରି ଇସ୍ରାଏଲ୍‌ର ରାଡାର ସିଷ୍ଟମକୁ କ୍ଷତିଗ୍ରସ୍ତ ନକରେ। ମଙ୍ଗଳବାର ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ବେନ୍ନୀ ଗାଣ୍ଟ୍ଜ ୱାଶିଂଟନ୍ ପହଞ୍ଚି ଆମେରିକାର ପ୍ରତିରକ୍ଷା ସଚିବ ମାର୍କ ଇସ୍ପେରଙ୍କୁ ଭେଟିଛନ୍ତି। ୱାଶିଂଟନ୍‌ସ୍ଥିତ ୟୁଏଇ ଦୂତାବାସ ପ୍ରସ୍ତାବିତ ରାଜିନାମା ସମ୍ପର୍କରେ କୌଣସି ବିବୃତି ଦେବାକୁ ମନା କରିଛି। ସେହିପରି ୱାଶିଂଟନ୍ ମଧ୍ୟ ନିରବତା ରକ୍ଷା କରିଛି। ଅନ୍ୟପକ୍ଷରେ ୟୁଏଇକୁ ଯୁଦ୍ଧଜେଟ୍ ବିକ୍ରି ସମ୍ପର୍କିତ ପ୍ରସ୍ତାବିତ ରାଜିନାମା କଂଗ୍ରେସ ଅନୁମୋଦନ ଅପେକ୍ଷାରେ ଥିବାରୁ ପେଣ୍ଟାଗନ୍ କୌଣସି ପ୍ରତିକ୍ରିୟା ଦେବାକୁ ପଛାଇ ଯାଇଛି। ୟୁଏଇକୁ ଯୁଦ୍ଧଜେଟ୍ ଏଫ୍-୩୫ ବିକିବା ପୂର୍ବରୁ ବିଭିନ୍ନ ରାଜନୈତିକ ପ୍ରତିବନ୍ଧକକୁ ଏଡ଼ାଇବା ଜରୁରି ବୋଲି ପେଣ୍ଟାଗନ୍ ପରୋକ୍ଷରେ ମନ୍ତବ୍ୟ ପ୍ରଦାନ କରିଛି। ତେବେ ୬ ମାସ ଭିତରେ ୟୁଏଇ ସହିତ ଏଫ୍-୩୫ ଜେଟ୍ ରାଜିନାମା ସମ୍ପାଦିତ ହେବ ବୋଲି ଗତ ଅଗଷ୍ଟରେ ପେଣ୍ଟାଗନ୍‌ର ଯୁଦ୍ଧ ସାମଗ୍ରୀ ବିକ୍ରି ବିଭାଗର ମୁଖ୍ୟ ଇଲ୍ଲେନ ଲର୍ଡ କହିଥିଲେ। ମଧ୍ୟପ୍ରାଚ୍ୟରେ ୱାଶିଂଟନର ଘନିଷ୍ଠ ବନ୍ଧୁ ତାଲିକାରେ ୟୁଏଇ ସର୍ବାଗ୍ରେ ଅଛି। ୟୁଏଇ-ଇସ୍ରାଏଲ୍ ମଧ୍ୟରେ ବନ୍ଧୁତ୍ୱ ପ୍ରତିଷ୍ଠା କରିବା ପଛରେ ୱାଶିଂଟନ୍‌ର ହାତ ଅଛି। ଏବେ ଇସ୍ରାଏଲ୍‌କୁ ନପଚାରି ୟୁଏଇକୁ ଏଫ୍-୩୫ ବିକିବା ୱାଶିଂଟନ୍ ପକ୍ଷେ ଶୋଭନୀୟ ନୁହେଁ ବୋଲି ଆନ୍ତର୍ଜାତିକ ମହଲରୁ ପ୍ରତିକ୍ରିୟାମାନ ଶୁଣିବାକୁ ମିଳୁଛି।

## 'ଗିଲ୍‌ଗିଟ୍-ବଲ୍ଟିସ୍ତାନ ଉପରେ ପାକିସ୍ତାନର ଅଧିକାର ନାହିଁ'



**ନୂଆଦିଲ୍ଲୀ :** ପିଓକେ ଅନ୍ତର୍ଗତ ଗିଲ୍‌ଗିଟ୍-ବଲ୍ଟିସ୍ତାନ ଭାରତର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ଅନ୍ତର୍ଭୁକ୍ତ ହୋଇଥିବାରୁ ଆଇନ ଦୃଷ୍ଟିରୁ ପାକ୍ ସରକାର ସେଠାରେ ବିଧାନସଭା ନିର୍ବାଚନ କରିପାରିବେନି ବୋଲି ଗୁରୁବାର ଭାରତର ବୈଦେଶିକ ବ୍ୟାପାର ପ୍ରବକ୍ତା ଅନୁରାଗ ଶ୍ରୀବାସ୍ତବ ପ୍ରତିବାଦ କରିଛନ୍ତି। ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀବାସ୍ତବ କହିଛନ୍ତି ଯେ ଗିଲ୍‌ଗିଟ୍ ବଲ୍ଟିସ୍ତାନକୁ ପାକ୍‌ସେନା ତଥାକଥିତ ଭାବେ ମାଡ଼ିବସିଛି, ମାତ୍ର ଆଇନତଃ ତା' ଉପରେ ପାକ୍ ସରକାରଙ୍କ ସାର୍ବଭୌମତ୍ୱ ନାହିଁ। ଶ୍ରୀବାସ୍ତବ ପୁନର୍ବାର ସ୍ପଷ୍ଟ କରି ଦେଇଛନ୍ତି ଯେ କେନ୍ଦ୍ରଶାସିତ ଜମ୍ମୁ-କଶ୍ମୀର ଓ ଲଦାଖର ପ୍ରତ୍ୟେକଟି ଅଞ୍ଚଳ ଉପରେ ଭାରତର ସାର୍ବଭୌମତ୍ୱ ରହିଛି। ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାର ଅଧିକାର ପାକିସ୍ତାନର ନାହିଁ। ଭାରତର ତୀବ୍ର ପ୍ରତିବାଦ ସତ୍ତ୍ୱେ ନଭେମ୍ବର ୧୫ରେ ଗିଲ୍‌ଗିଟ୍‌ବଲ୍ଟିସ୍ତାନରେ ବିଧାନସଭା ନିର୍ବାଚନ କରିବାକୁ ପାକ୍ ସରକାର ଘୋଷଣା କରିଛନ୍ତି। ପିଓକେରେ ରାଜନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ପାକ୍ ସରକାର ଉଦ୍ୟମ କରୁଛନ୍ତି। ଏହା ପୂର୍ବରୁ ପାକିସ୍ତାନ ଚାରିଟି ପ୍ରଦେଶ ଯଥାକ୍ରମେ ପଞ୍ଜାବ, ବେଲୁଚିସ୍ତାନ, ଖାଇବର ପଖତୁନ୍‌ଖ୍ୱା ଓ ଦକ୍ଷିଣାଞ୍ଚଳ ସିନ୍ଧ ପ୍ରଦେଶ ଗଠନ କରିସାରିଛି। ସେପ୍ଟେମ୍ବର ୧୬ରେ ପାକ୍‌ସେନା ମୁଖ୍ୟ ଜାଭେଦ୍ ବାଜୱା ଓ ଆଇଏସ୍‌ଆଇ ଡିଜି ଲେଫ୍ଟନାଣ୍ଟ୍ ଜେନେରାଲ୍ ଫୈଜ ହମିଦ ପାକିସ୍ତାନର ବିରୋଧୀ ଦଳଗୁଡ଼ିକ ସହ ଗିଲ୍‌ଗିଟ୍-ବଲ୍ଟିସ୍ତାନ ଅଞ୍ଚଳରେ ନିର୍ବାଚନ ବିଷୟ ଆଲୋଚନା କରିଥିଲେ। ରାଷ୍ଟ୍ରପତି ଡକ୍ଟର ଆରିଫ ଆଲ୍‌ଭୀ ସେପ୍ଟେମ୍ବର ୨୩ ତାରିଖରେ ବିଜ୍ଞପ୍ତି ଜାରି କରି ଔପଚାରିକ ଭାବେ ଗିଲ୍‌ଗିଟ୍‌ବଲ୍ଟିସ୍ତାନ ରେ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଗିଲ୍‌ଗିଟ୍-ବଲ୍ଟିସ୍ତାନ ଭାରତର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ଅନ୍ତର୍ଭୁକ୍ତ ହୋଇଥିବାରୁ ସେଠାରେ ବିଧାନସଭା ନିର୍ବାଚନ କରିବାର ଅଧିକାର ପାକ୍ ସରକାରଙ୍କ ନାହିଁ ବୋଲି ଭାରତ ଜଣାଇସାରିଛି। ଅଗଷ୍ଟ ୧୮ରେ ଗିଲ୍‌ଗିଟ୍-ବଲ୍ଟିସ୍ତାନ ଅଞ୍ଚଳରେ ନିର୍ବାଚନ ପାଇଁ ଘୋଷଣା କରାଯାଇଥିଲା।

## 'ଉହାନ ଲ୍ୟାବ୍‌ରେ କରୋନା ଭାଇରସ୍ ମନୁଷ୍ୟକୃତ'

**ୱାଶିଂଟନ୍ :** ଚୀନ୍‌ର ଉହାନ ପରୀକ୍ଷାଗାରରେ କରୋନା ଭାଇରସ୍‌ର ଉତ୍ପତ୍ତି ଘଟିଛି ବୋଲି ଚୀନା ଭୂତାଣୁତତ୍ତ୍ୱବିତ୍ ଲି ମେଙ୍ଗ ୟାନ୍ ପୁନର୍ବାର କହିଛନ୍ତି। ନିକଟରେ 'ୱିଅନ୍' ସହ ସାକ୍ଷାତକାରରେ ସେ କହିଛନ୍ତି ଯେ, କୋଭିଡ୍-୧୯ ଭୂତାଣୁ ବ୍ୟାପିବ ବୋଲି ଚୀନ୍ ସରକାର ଭଲ ଭାବରେ ଜାଣିଥିଲେ ଏବଂ ଏ କଥା ଲୁଚାଇବାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ର ମଧ୍ୟ ଯଥେଷ୍ଟ ଭୂମିକା ରହିଛି। ଚୀନ୍‌ରୁ ପଳାୟନ କରିଥିବା ଭୂତାଣୁତତ୍ତ୍ୱବିତ୍ ୟାନ୍ ପୂର୍ବରୁ ଖୋଲାଖୋଲି କହିଥିଲେ, କରୋନା ଭାଇରସ୍ ଉହାନ ପରୀକ୍ଷାଗାରରେ ସୃଷ୍ଟି ହୋଇଛି ବୋଲି ତାଙ୍କ ପାଖରେ ପ୍ରମାଣ ଅଛି। ୟାନ୍ କହିଛନ୍ତି, ଚୀନ୍ କମ୍ୟୁନିଷ୍ଟ ପାର୍ଟି ପ୍ରକୃତ କଥା ଲୁଚାଇବାକୁ ଯାଇ କରୋନା ଭୂତାଣୁର ଉତ୍ପତ୍ତି ସ୍ଥଳ ଉହାନର ଆମିଷ ବଜାର ବୋଲି ଦର୍ଶାଉଛି। ତାଙ୍କୁ ବଦନାମ କରିବା ପାଇଁ ଚୀନ୍ ସରକାର ସାମାଜିକ ଗଣମାଧ୍ୟମ ଜରିଆରେ ଉଦ୍ୟମ କରୁଛନ୍ତି। ଚୀନ୍‌ରେ ଥିବା ତାଙ୍କ ପରିବାରବର୍ଗଙ୍କୁ ଭୟଭୀତ କରିବାକୁ



ସାଇବର ଆକ୍ରମଣ ଚଳାଉଛନ୍ତି। ନିକଟ ଅତୀତରେ ୟାନ୍‌ଙ୍କ ଟୁଇଟର ଆକାଉଣ୍ଟ ମଧ୍ୟ ବାତିଲ କରାଯାଇଥିଲା ବୋଲି ସେ କହିଛନ୍ତି। ଚୀନ୍ ସରକାରଙ୍କ ଏହି ଗୋପନ କଥା ପ୍ରଘଟ କରିବା ସମୟରେ ଲିମେଙ୍ଗ ୟାନ୍ ହଂକଂ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥରେ ଜଣେ ବୈଜ୍ଞାନିକା ଭାବେ କାର୍ଯ୍ୟ କରୁଥିଲେ। ହଂକଂ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥରେ କାମ କରିବା ସମୟରେ ଗତବର୍ଷ ଡିସେମ୍ବର ୩୧ ତାରିଖରେ ଉହାନରେ ବ୍ୟାପିଥିବା 'ସାର୍ସ ଭଳି ଭାଇରସ୍' ସମ୍ପର୍କରେ ତଦନ୍ତ କରିବାକୁ ପ୍ରଥମେ ତାଙ୍କ ଉପରେ ଦାୟିତ୍ୱ ପଡିଥିଲା। କିନ୍ତୁ, ପରେ ଲି'ଙ୍କ ଗବେଷଣାକୁ ପ୍ରକାଶ କରାଇ ଦିଆଯାଇନଥିଲା ଏବଂ ତାଙ୍କ ପାଟି ଚୁପ୍ କରିଦିଆଯାଇଥିଲା। ସେ ଦାବି କରିଥିଲେ ଯେ, ମାରାତ୍ମକ କରୋନା ଭାଇରସ୍ ଆମିଷ ବଜାର ନୁହେଁ, ଉହାନ ସହରରେ ଥିବା ଭାଇରୋଲୋଜି ଲ୍ୟାବ୍‌ରେ ତିଆରି ହୋଇଥିବା ପ୍ରମାଣ ସେ ରଖିଛନ୍ତି। ୟୁ ଟ୍ୟୁବ୍‌ରେ ରିଲିଜ୍ ହୋଇଥିବା ଭିଡିଓରେ ସେ କହିଥିଲେ ଯେ, ଏହି ଭୂତାଣୁର ଜେନୋମ୍ ଅନୁକ୍ରମ ମାନବର ଟିପଚିହ୍ନ ପରି। ଚୀନ୍ ଲ୍ୟାବ୍‌ରୁ ଏହି ଭୂତାଣୁ କିପରି ଆସିଛି ଲୋକମାନଙ୍କୁ ଜଣାଇବାକୁ ମୁଁ ଏହି ପ୍ରମାଣକୁ ବ୍ୟବହାର କରିବି। ଜୀବ ବିଜ୍ଞାନରେ ଜ୍ଞାନ ନଥିବା ଲୋକେ ବି ଏହାକୁ ପଢି ପାରିବେ ଏବଂ ନିଜେ ଯାଞ୍ଚ କରି ଚିହ୍ନଟ କରିବା ସହ ପାର୍ଥକ୍ୟ ଜାଣିପାରିବେ।

## ୫ ଟ୍ରିପଲ୍ ଆଇଟିକୁ ଜାତୀୟ ପ୍ରତିଷ୍ଠାନ ମାନ୍ୟତା

**ନୂଆଦିଲ୍ଲୀ :** ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍‌ମେଶନ ଟେକ୍ନୋଲୋଜି ଆଇନ ସଂଶୋଧନ ବିଲ୍ ୨୦୨୦ ରାଜ୍ୟସଭାରେ ପାସ୍ ହେବା ସହ ସଂସଦର ଅନୁମୋଦନ ଲାଭ କରିଛି। ଟ୍ରିପଲଆଇଟି (ଆଇଆଇଆଇଟି) ଆଇନ ୨୦୧୪ ଓ ଆଇଆଇଆଇଟି ସରକାରୀ ବେସରକାରୀ ଭାଗିଦାରୀ ଆଇନ ୨୦୧୭ରେ ଏହି ବିଲ୍ ସଂଶୋଧନ ଆଣିବ। ୨୦୧୭ ଆଇଆଇଆଇଟି ସରକାରୀ-ବେସରକାରୀ ଭାଗିଦାରୀ ଆଇନ କିଛି ଆଇଆଇଆଇଟି ଅନୁଷ୍ଠାନକୁ ଜାତୀୟ ଅନୁଷ୍ଠାନର ମର୍ଯ୍ୟାଦା ପ୍ରଦାନ କରିବ। ସୁରତ, ଭୋପାଳ, ଭାଗଲପୁର, ଅଗରତାଲା ଓ ରାୟପୁର ଠାରେ ପ୍ରତିଷ୍ଠିତ ୫ଟି ଆଇଆଇଆଇଟିକୁ ଜାତୀୟ ଅନୁଷ୍ଠାନର ମର୍ଯ୍ୟାଦା ଦେବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ଏହି ବିଲ୍ ସଂକ୍ରାନ୍ତ ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ କହିଛନ୍ତି, ଦେଶର ବିକାଶରେ ବୈଷୟିକ ଜ୍ଞାନ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବୈଷୟିକ ଜ୍ଞାନ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ବିଜେପିର କାମାକ୍ଷା ପ୍ରସାଦ ତାସା କହିଛନ୍ତି, ସେହି ଆଇଆଇଆଇଟି ଅନୁଷ୍ଠାନଗୁଡ଼ିକ ଜାତୀୟ ଅନୁଷ୍ଠାନରେ ପରିଣତ ହେବା ପରେ ଏହା ଛାତ୍ରଛାତ୍ରୀମାନଙ୍କର ନୈତିକ ମନୋବଳ ବୃଦ୍ଧିକରିବ। ବିଜେଡ଼ିର ସସ୍ମିତ୍ ପାତ୍ର ଆଇଆଇଆଇଟିଗୁଡିକରେ ଓଡ଼ିଶା ପାଇଁ କୋଟା ରଖିବାକୁ ଦାବି କରିଥିଲେ। ୱାଇଏସ୍‌ଆର କଂଗ୍ରେସର ବିଜୟ ସାଇରେଡ୍ଡୀ ବିଲ୍‌କୁ ସମର୍ଥନ କରିଥିଲେ। ଜେଡିୟୁର ଆର.ସି.ପି ସିଂ କହିଥିଲେ, ଏହି ବିଲ୍ ବୈଷୟିକ ଜ୍ଞାନ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବ। ଟିଡିପିର କେ. ରବୀନ୍ଦ୍ର କୁମାର ଫି' ଢାଞ୍ଚାକୁ ନେଇ ପ୍ରଶ୍ନ ଉଠାଇବା ସହ ଗରିବ ଛାତ୍ରଛାତ୍ରୀମାନଙ୍କ ଉପରେ ଏହାଦ୍ୱାରା ଅଧିକ ବୋଝ ପଡୁଛି ବୋଲି କହିଥିଲେ।

### ସାର୍କ ବୈଦେଶିକ ମନ୍ତ୍ରୀ ବୈଠକରେ ଜୟଶଙ୍କର

# ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ରାଷ୍ଟ୍ରୀୟ ନିରାପତ୍ତା ପ୍ରତି ସଙ୍କଟ

**ନୂଆଦିଲ୍ଲୀ :** ସାର୍କ (ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସଂଗଠନ) ବୈଠକରେ ସୀମାପାର ଆତଙ୍କବାଦ, ଯୋଗାଯୋଗ ବିଚ୍ଛିନ୍ନ ଓ ବାଣିଜ୍ୟ ପ୍ରତିବନ୍ଧକକୁ ମୁଖ୍ୟ ସମସ୍ୟା ଭାବେ ବର୍ଣ୍ଣନା କରିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ୮ଟି ଦେଶକୁ ନେଇ ଗଠିତ ସାର୍କ ସଂଗଠନର ବୈଦେଶିକ ମନ୍ତ୍ରୀଙ୍କ ଆଲୋଚନା ଚକ୍ରରେ ଭାରତ-ପାକ୍ ଛାୟାଯୁଦ୍ଧ ପ୍ରସଙ୍ଗ ଉଠାଇ ଜୟଶଙ୍କର ଏପରି ମନ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରତିବର୍ଷ ନ୍ୟୁୟର୍କରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକ ପୂର୍ବରୁ ସାର୍କ ବୈଦେଶିକ ମନ୍ତ୍ରୀମାନେ ଏକତ୍ର ବସି ଦକ୍ଷିଣ ଏସିଆର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥାନ୍ତି। ଏବେ ଭାରତ-ପାକ୍ ମନାନ୍ତର ସାର୍କ ସଂଗଠନର ଅନ୍ୟ ସଭ୍ୟରାଷ୍ଟ୍ରଙ୍କୁ ଅଡୁଆରେ ପକାଇଛି। ଜୟଶଙ୍କର ତାଙ୍କ ଉଦ୍‌ବୋଧନରେ ସୀମାପାର ଆତଙ୍କବାଦ, ଯାତାୟାତ ଓ ବାଣିଜ୍ୟ କଟକଣାକୁ ପ୍ରାଥମିକତା ଦେଇଛନ୍ତି। ଏହି ତିନୋଟି ସମସ୍ୟାର ସ୍ଥାୟୀ ସମାଧାନ ସାର୍କ ଦେଶଗୁଡ଼ିକ ପାଇଁ ଶାନ୍ତି, ନିରାପତ୍ତା ଓ ବିକାଶର ମାର୍ଗ ଖୋଲିଦେବ ବୋଲି ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି। ସେ ପୁଣି କହିଛନ୍ତି, ଗତ ୨୫ ବର୍ଷ ଭିତରେ ସାର୍କ ସଭ୍ୟରାଷ୍ଟ୍ରଗୁଡ଼ିକ ବେଶ ଅଗ୍ରଗତି କରିଛନ୍ତି। ମାତ୍ର ସେମାନଙ୍କ କାର୍ଯ୍ୟଦକ୍ଷତା ଅନୁସାରେ ଆଶାନୁରୂପ ଫଳ ନପାଇବାର ମୁଖ୍ୟ କାରଣ ହେଉଛି ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ରାଷ୍ଟ୍ରୀୟ ନିରାପତ୍ତା ପ୍ରତି ସଙ୍କଟ ସୃଷ୍ଟି କରିବା। ଏଭଳି ପ୍ରତିବନ୍ଧକକୁ ଏଡ଼ାଇବାକୁ ହେଲେ ମିଳିତ ପ୍ରୟାସ ଜରୁରୀ। ପ୍ରତି ରାଷ୍ଟ୍ର ବ୍ୟକ୍ତିଗତ ଭାବେ ଆତଙ୍କବାଦକୁ ମୁକାବିଲା କରିପାରିବ ନାହିଁ। ସବୁ ରାଷ୍ଟ୍ର ଏକଜୁଟ ହୋଇ ଆତଙ୍କବାଦକୁ ଲୋପ କରିବା ଦରକାର। କିନ୍ତୁ ଆମ ଭିତରେ ଏକତା ନଥିବାରୁ ଏବେବି ଆତଙ୍କବାଦ କାୟା ବିସ୍ତାର କରିଚାଲିଛି। ଏହି ବୈଠକରେ ଜମ୍ମୁ-କଶ୍ମୀରରେ ସୀମାପାର ଆତଙ୍କ ପାଇଁ ଭାରତ ପାକିସ୍ତାନକୁ ଦାୟୀ କରିଛି। ଚଳିତବର୍ଷ ଆରମ୍ଭରେ ସାର୍କ ସଭ୍ୟରାଷ୍ଟ୍ରଗୁଡ଼ିକ ମିଳିମିଶି କରୋନା ମୁକାବିଲା କରିବା ଦର୍ଶାଇ ଭାରତ ଜରୁରିକାଳୀନ ପାଣ୍ଠି ଗଠନ କରିବା ବିଷୟ ଉଠାଇବାରୁ ପାକିସ୍ତାନ ତା'ର ମୋଡ଼ ବଦଳାଇ ଦେଇଥିଲା। ସାର୍କ କୋଭିଡ୍-୧୯ ପାଣ୍ଠି



ପାଇଁ ଭାରତ ୧୦ ମିଲିୟନ୍ ଡଲାର ସହାୟତା ରାଶି ଘୋଷଣା କରି ଅତ୍ୟାବଶ୍ୟକ ଔଷଧପତ୍ର ଓ କୋଭିଡ୍-୧୯ କିଟ୍ କିଣିବାକୁ ପରାମର୍ଶ ଦେଇଥିଲା। କେବଳ ସେତିକି ନୁହେଁ, ସାର୍କ ଦେଶଗୁଡ଼ିକ ମଧ୍ୟରେ କୋଭିଡ୍-୧୯ ସମ୍ପର୍କିତ ସୂଚନା ଓ ପ୍ରତିକାର ଆଦାନପ୍ରଦାନ ପାଇଁ ଭାରତ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଖୋଲିଛି। ସାର୍କ ସଂଗଠନର ପ୍ରତ୍ୟେକ କାର୍ଯ୍ୟରେ ଭାରତ ସହୃଦୟତାର ସହିତ ହାତ ପ୍ରସାରିତ କରିଛି। କୋଭିଡ୍-୧୯ ସଙ୍କଟ ସମୟରେ ସାର୍କ ଦେଶଗୁଡ଼ିକର ଖାଦ୍ୟାଭାବ ଦୂର କରିବା ପାଇଁ ଭାରତ ସାର୍କ ଖାଦ୍ୟବ୍ୟାଙ୍କ ଗଠନ କରିଛି। ସାର୍କ ସଂଗଠନକୁ ଆହୁରି ଶକ୍ତିଶାଳୀ ଓ ଦକ୍ଷ କରିବା ପାଇଁ ଭାରତ ସଦାସର୍ବଦା ଅଗ୍ରଣୀ ଭୂମିକା ନେଇଥିଲା ବେଳେ ପାକିସ୍ତାନ ତା'ର ପ୍ରତିଟି କାର୍ଯ୍ୟକୁ ବାଧା ଦେଉଛି ବୋଲି ଜୟଶଙ୍କର ଅଭିଯୋଗ କରିଛନ୍ତି। ଭାରତ ସରକାର ମାଳଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କା ପ୍ରତି ଉଦାରଭାବ ପୋଷଣ କରି ବୈଦେଶିକ ମୁଦ୍ରା ସହାୟତା କରିଛି। ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କ୍ୟୁରେସୀ ଉକ୍ତ ବୈଠକରେ ଯୋଗଦେଇ ପାକିସ୍ତାନରେ ୧୯ତମ ସାର୍କ ବୈଠକ ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତା' ସହିତ ସାର୍କ ବିକାଶରେ ବାଧା ଦେଉଥିବା ପ୍ରତିଟି ସମସ୍ୟାକୁ ହଟାଇବା ପାଇଁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ୨୦୧୬ ନଭେମ୍ବରରେ ଇସ୍‌ଲାମାବାଦରେ ସାର୍କ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର କଶ୍ମୀରର ଉରି ସେନା କ୍ୟାମ୍ପ ଉପରେ ଆତଙ୍କୀ ହମ୍‌ଲା ପାଇଁ ପାକ୍‌ସ୍ଥିତ ଆତଙ୍କୀ ସଂଗଠନ ନିଜକୁ ଦାୟୀ କରିବାରୁ ଉକ୍ତ ବୈଠକକୁ ବାତିଲ କରି ଦିଆଯାଇଥିଲା। କ୍ୟୁରେସୀ କହିଛନ୍ତି ଯେ ପାକିସ୍ତାନ ସାର୍କ ସଂଗଠନର ଉଦ୍ଦେଶ୍ୟକୁ ଭଲଭାବେ ବୁଝିପାରିଛି। ସାର୍କ ସମ୍ବିଧାନକୁ ସମ୍ମାନ ଦେଇ ପାକିସ୍ତାନ ଆଞ୍ଚଳିକ ସହଯୋଗ ଓ ବିକାଶ ପ୍ରତି ଦୃଷ୍ଟି ଦେଉଛି। ଗତ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ସାର୍କ ନେତାମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋଭିଡ୍-୧୯ ବିଷୟ ଆଲୋଚନା କରୁଥିବାବେଳେ ପାକିସ୍ତାନ କଶ୍ମୀର ସମସ୍ୟା ଉଠାଇଥିଲା।

# ଜଗତସିଂହପୁରରେ କରୋନା ସ୍ଥିତି ଉଦ୍‌ବେଗଜନକ

**ଜଗତସିଂହପୁର :** ଦିନକୁ ଦିନ ଜଗତସିଂହପୁରରେ କରୋନା ମହାମାରୀ ନିଜ ରୂପ ବଦଳାଇ ମାଡି ଚାଲିଥିବା ବେଳେ ସଂକ୍ରମଣ ସଂଖ୍ୟାବି ବଢି ବଢି ଚାଲିଛି। ଜିଲ୍ଲାରେ କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଉପରେ ଲଗାମ ବି ରହୁ ନାହିଁ। ଯେଉଁ ସ୍ଥାନକୁ ଗଲା ବେଳକୁ ହୋଟଲ, ଗୁପଚୁପ ଦେକାନ, ପାନ, ଚ଼ ଦୋକାନ ଓ ଜଳଖିଆ ଦୋକାନ ଗୁଡିକ ସବୁ ଖୋଲା ହୋଇ ଜନସାଧାରଣ ଖାଉଥିବାର ଦେଖିବାକୁ ମିଳୁଥିବାବେଳେ ତହସିଲ କର୍ତ୍ତୃପକ୍ଷ ହୁଅନ୍ତୁ ବା ଥାନା କର୍ତ୍ତୃପକ୍ଷ ମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଥିବାପରି ଲାଗୁଛି। ଲକଡାଉନ ସମୟରେ ବ୍ୟାପକ ସଚେତନତା ସତ୍ତ୍ୱେ ବି ସାଧାରଣଲୋକ ସାମାଜିକ ଦୂରତା କିମ୍ବା ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଯେଉଁ ପରିମାଣରେ ସଂକ୍ରମଣ ପ୍ରତିଦିନ ଜଗତସିଂହପୁରରେ ବଢି ବଢି ଚାଲିଛି ସେଥିରେ ଯଦି ରୋକ ଲଗାଇବା ପାଇଁ ସଟ୍‌ଡାଉନ ଜିଲ୍ଲାପାଳଙ୍କ ଦ୍ୱାରା କରାନଯାଏ ତେବେ ଏହି ସେପ୍ଟେମ୍ବର ମାସ ଶେଷ ବେଳକୁ ଖୋର୍ଦ୍ଧା ଜିଲ୍ଲାର ନଗ୍ନ ନମୁନା ଜଗତସିଂହପୁର ଜିଲ୍ଲାରେ ଦେଖିବାକୁ ମିଳିବ। କେନ୍ଦ୍ର ସରକାରଙ୍କ ପରେ ରାଜ୍ୟ ସରକାର ବହୁ ଜିଲ୍ଲାରେ ଲକଡାଉନ, ସଟ୍‌ଡଉନ ବା କଣ୍ଟେନ୍‌ମେଣ୍ଟ ଜୋନ ସବୁ ଉଠାଇ ଦେଇ ଥିବାରୁ ଜଗତସିଂହପୁର ଜିଲ୍ଲା ବି ଏକ ପ୍ରକାର ଗଞ୍ଜାମ ଜିଲ୍ଲାପରି ମହାମାରୀ ରୂପ ନେବାକୁ ବସିଲାଣି। ବାହାଘର ହେଉ ବା ଶୁଦ୍ଧିଘର ଏବେ ସବୁଆଡେ ମାଇକ ବଜାଇ ବଡ ବଡ ରୋଷେଇ କରି ଲୋକମାନେ ଆନନ୍ଦରେ ତଳେ ବସି ଖାଉଥିବାର ଦେଖାଯାଉଥିବା ବେଳେ ରାତି କର୍ଫ୍ୟୁ ଉପରେ ବି ଅଙ୍କୁଶ ଲାଗିଗଲାଣି। ଜିଲ୍ଲାର ବିଭିନ୍ନ ଥାନା ମାନଙ୍କୁ ପିସିଆର ଗାଡି ଦିଆଯାଇଥିବାବେଳେ ପିସିଆର କର୍ମଚାରୀ ମାନେ ରାସ୍ତାଗୁଡିକ ଉପରେ କେବଳ ଯାତାୟତ କରୁଥିବାର ଦେଖାଯାଉଥିବାବେଳେ ଗାଁ ଗହଳି ମାନଙ୍କରେ ଦିନକୁ ଦିନ ମଦ ଓ ଗଞ୍ଜେଇର ଆସର ବଢି ବଢି ଚାଲିଛି । ବସ୍ ଗାଡି ସବୁ ଯାତାୟତ କରିବାଦ୍ୱାରା ବହୁ ଯାତ୍ରୀମାନେ ମଧ ମାସ୍କ ନବାନ୍ଧି ଯାତାୟତ କରୁଥିବାର ଦେଖିବାକୁ ମିଳୁଛି। ଏପରିକି ବହୁ ବାଇକ ଚାଳକ ମାନେ ହେଲମେଣ୍ଟ ନବାନ୍ଧି ହେଉ ବା ଗାଡି କାଗଜପତ୍ର ଠିକ୍ ନଥାଉ କେବଳ ମୁହଁ ତଳକୁ ଏକ ରୁମାଲ ଟାଙ୍ଗି ତିନି ଜଣ ଗାଡିରେ ଗଲେବି ଥାନା କର୍ତ୍ତୃପକ୍ଷ ନିରବ ଦ୍ରଷ୍ଟା ସାଜିଲାପରି ଲାଗୁଛି। ଏପରିକି ରାତିରେ ବହୁ ବାଇକ୍ ଗାଡି ମାନଙ୍କରେ ଲାଗିଥିବା ଡିକିମଧ୍ୟରେ ମଦ ଓ ଗଞ୍ଜେଇ ନେଇ ବିକ୍ରୟ କରିବାକୁ ସକ୍ଷମ ହେଉଛନ୍ତି। ମଦ ଦୋକାନ ସବୁ ଖୋଲିବାକୁ ସରକାର ଅନୁମତି ଦେଇଥିଲେ ବି ଗାଁ ଗହଳି ମାନଙ୍କରେ ମଦ ଜହର ପସରାସବୁ ପରିବା ଦୋକାନ, ଗ୍ରୋସରି ଦେକାନ ମାନଙ୍କରେ ଲୁଚାଛପା ଭାବେ ମିଳୁଥିବାରୁ ଗ୍ରାମ୍ୟ ରାସ୍ତା ଗୁଡିକରେ ଆଡ୍ଡା ଜମାଇ ସାରିଲେଣି। ଗ୍ରାମ୍ୟ ରାସ୍ତା ମାନଙ୍କରେ ଏପରି ଘଟଣାକୁ ନେଇ ବହୁ ବୁଦ୍ଧିଜୀବି ନାପସନ୍ଦ କରିବା ସହିତ ଥାନା କର୍ମଚାରୀ ମାନଙ୍କ ଅପରାଗତାପଣିଆ ଉପରେ ଦୋଷ ଲଦୁଥିବାର ଦେଖିବାକୁ ମିଳୁଛି।

## ଦଶମ ଶ୍ରେଣୀ ପୁସ୍ତକରେ ତ୍ରୁଟିପୂର୍ଣ୍ଣ ତଥ୍ୟ

**ଭୁବନେଶ୍ୱର :** ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଣୀତ ୨୦୨୦-୨୧ ଶିକ୍ଷାବର୍ଷର ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ଥିବା କେତେକ ଶିକ୍ଷକ ମତ ପ୍ରକାଶ କରିଛନ୍ତି। ଏହି ତ୍ରୁଟିର ସୁଧାର ପାଇଁ ସାମାଜିକ ସଂଗଠନ 'ସ୍ୱାବଲମ୍ବନ' ଗଣଶିକ୍ଷା ବିଭାଗ ନିକଟରେ ଦାବି କରିଛି। ପ୍ରକାଶ ଥାଉକି ଦଶମ ଶ୍ରେଣୀର ପ୍ରକାଶ ପାଇଥିବା 'ସାହିତ୍ୟ ସିନ୍ଧୁ' ବହିର ପ୍ରଥମ ବିଷୟ ପ୍ରଥମ ପୃଷ୍ଠାରେ 'ଭୀମଙ୍କ ସିଂହନାଦ ରଡ଼ି' କବି ପରିଚୟରେ ଶାରଳା ଦାସ ବିଚିତ୍ର ରାମାୟଣ ରଚନା କରିଛନ୍ତି ବୋଲି କୁହାଯାଇଛି। ପ୍ରକୃତରେ ବିଶ୍ୱନାଥ ଖୁଣ୍ଟିଆ ଏହାର ରଚୟିତା। ସେହିପରି ଇତିହାସ ଓ ରାଜନୀତି ବିଜ୍ଞାନ ବହିର ୧୩ ପୃଷ୍ଠାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ୧୯୧୯ରେ ହୋଇଥିବା ଦର୍ଶାଯାଇଥିବା ବେଳେ ସାହିତ୍ୟ ସିନ୍ଧୁ ଓଡ଼ିଆ କଥା ପ୍ରସ୍ତୁତ ସିଲାବସ କମିଟି ପୃଷ୍ଠା ୮୦ରେ ଏହା ୧୯୦୯ ମସିହାରେ ପ୍ରତିଷ୍ଠା କରାଯାଇଥିବା ଲେଖାଯାଇଛି। ଭୂଗୋଳ ଓ ଅର୍ଥନୀତି ବହିର ପୃଷ୍ଠା ୫୦ରେ ପେରିୟାର ନଦୀବନ୍ଧ କେରଳରେ ଅବସ୍ଥିତ ଥିବାବେଳେ ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ବିବାଦ ହେବା କଥା ଲେଖାଯାଇଛି। ଏହାର କାରଣ ବୁଝାପଡୁନାହିଁ। ସେହି ବହିର ୫୯ ପୃଷ୍ଠାରେ ଧାତବ ଖଣିଜ ଅଭ୍ର ବିଷୟରେ ପଢ଼ିଲା ବେଳେ ଝାଡଖଣ୍ଡର କୋଦର୍ମା-ଗୟା-ହଜାରିବାଦ ବଳୟ ତମ୍ବା ଉତ୍ପାଦନରେ ଅଗ୍ରଣୀ ବୋଲି ଦର୍ଶାଯାଇଛି। ଅଭ୍ରର ପ୍ରାପ୍ତିସ୍ଥାନ ଉଲ୍ଲେଖ କଲାବେଳେ ତମ୍ବା ଶବ୍ଦ ଆସିବାର ଉଦ୍ଦେଶ୍ୟ ଜଣାପଡୁନାହିଁ। ସେହିପରି ମାନଚିତ୍ରରେ 'ଗୟା' ବିହାରରେ ଦର୍ଶାଯାଇଥିବା ବେଳେ ଝାଡ଼ଖଣ୍ଡର କୋଦର୍ମା-ଗୟା ଶବ୍ଦ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ୬୫ ପୃଷ୍ଠାର ବିଦ୍ୟୁତ୍‌ଶକ୍ତି କେନ୍ଦ୍ର ସାରଣୀ-୧୩ରେ ଦୁର୍ଗାପୁର ଉଭୟ ବିହାର ଓ ପଶିମବଙ୍ଗ, ସିଂଗ୍ରଉଲି ଉଭୟ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶରେ ଅବସ୍ଥିତି ଲେଖା ହୋଇଥିବା ବେଳେ କୋଲକାତା ଉତ୍ତର ପ୍ରଦେଶରେ ବୋଲି ବର୍ଣ୍ଣିତ ଅଛି। ସେହି ପୃଷ୍ଠାରେ ଜଳବିଦ୍ୟୁତ୍ କେନ୍ଦ୍ର କେଉଁ ଜିଲ୍ଲାରେ ଓ କେଉଁ ନଦୀଶଯ୍ୟାରେ ଅବସ୍ଥିତ ଉଲ୍ଲେଖ ହୋଇଥିଲେ ଭଲ ହୋଇଥାନ୍ତା।

# ହାଇକୋର୍ଟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦେୱାନୀ ମାମଲା ବିଚାରାଧୀନ

**କଟକ :** କରୋନା ଭୂତାଣୁ ସଂକ୍ରମଣ କାରଣରୁ ଓଡ଼ିଶାରେ ବିଚାର ପ୍ରକ୍ରିୟା ବହୁଳ ଭାବେ ଭାବେ ପ୍ରଭାବିତ ହୋଇଛି। ମାର୍ଚ୍ଚ ଶେଷ ସପ୍ତାହରୁ ସାରା ରାଜ୍ୟରେ ଅଦାଲତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କରୋନା ସଂକ୍ରମଣ କାରଣରୁ କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଥିବା ବେଳେ ହାଇକୋର୍ଟରେ ଏବେ ୧ ଲକ୍ଷ ୧୫ ହଜାର ୪୪୯ଟି ଦେୱାନୀ ମାମଲା ବିଚାରାଧୀନ ରହିଛି। ଗତବର୍ଷ ସୁଦ୍ଧା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ଥିବାବେଳେ ଏବେ ମୋଟ ୧ ଲକ୍ଷ ୬୬ ହଜାରରେ ପହଞ୍ଚିଛି। ତେବେ ହାଇକୋର୍ଟ ସ୍ୱାଭାବିକ କାର୍ଯ୍ୟ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଗତ ୧୬ ତାରିଖରେ ଘୋଷଣା କରାଯାଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଭୟ ପୁରୁଣା, ନୂଆ ଓ ଜରୁରୀ ମାମଲା ଶୁଣାଣି ଚାଲିଛି। କରୋନା ଯୋଗୁଁ ଉପୁଜିଥିବା ପରିସ୍ଥିତି ଦ୍ୱାରା କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଅଦାଲତରେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇଛି। ହାଇକୋର୍ଟ ୱେବ୍‌ସାଇଟ୍ ତଥ୍ୟ ମୁତାବକ ୨୦୧୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧ ଲକ୍ଷ ୫୦ ହଜାର ୬୩୭ଟି ମାମଲା ବିଚାରାଧୀନ ଥିଲା। ଏବେ ବିଚାରାଧୀନ ମାମଲା ୧ ଲକ୍ଷ ୬୬ ହଜାରରୁ ଅଧିକ ରହିଛି। ନ୍ୟାସ୍‌ନାଲ ଜୁଡିସିଆଲ ଡାଟା ଗ୍ରିଡ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଚଳିତ ମାସ ୨୧ ତାରିଖ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ୧ ଲକ୍ଷ ୬୬ ହଜାର ୬୫୫ଟି ମାମଲା ବିଚାରାଧୀନ ରହିଛି। ହାଇକୋର୍ଟରେ ଏବେ ୧ ଲକ୍ଷ ୧୫ ହଜାର ୪୪୯ଟି ଦେୱାନୀ ମାମଲା ଓ ୫୧ ହଜାର ୨୦୬ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି। ବିଚାରାଧୀନ ମାମଲା ମଧ୍ୟରେ ୬୯ ହଜାର ୨୭୧ଟି ରିଟ୍ ପିଟିସନ ରହିଛି। ଏଥିମଧ୍ୟରୁ ୬୯୨ଟି ଦେୱାନୀ ମାମଲା ୩୦ ବର୍ଷର ପୁରୁଣା ହୋଇଥିବାବେଳେ ତା'ଠାରୁ ପୁରୁଣା ଫୌଜଦାରୀ ମାମଲା ହାଇକୋର୍ଟରେ ବିଚାରାଧିନ ରହିଛି। ସେହିପରି ୨୦ରୁ ୩୦ ବର୍ଷ ପୁରୁଣା ୩୭୩୩ଟି ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏଥିମଧ୍ୟରେ ୨୯୦୩ଟି ଦେୱାନୀ ୮୩୦ଟି ଫୌଜଦାରୀ ମାମଲା ରହିଛି। ସେହିପରି ୧୦ରୁ ୨୦ ବର୍ଷ ପୁରୁଣା ୨୩ ହଜାର ୯୧୨ଟି ମାମଲା ବିଚାରାଧୀନ ଥିବାବେଳେ ସେଥିମଧ୍ୟରୁ ୧୪ ହଜାର ୯୮୭ଟି ଦେୱାନୀ ଓ ୮୯୨୫ଟି ଫୌଜଦାରୀ ମାମଲା ରହିଛି। ୫ରୁ ୧୦ ବର୍ଷ ପୁରୁଣା ବିଚାରାଧୀନ ମାମଲା ୩୯ ହଜାର ୮୫୬ଟି ହୋଇଥିବାବେଳେ ଏଥିରୁ ୩୦ହଜାର ୩୧୨ଟି ଦେୱାନୀ ଓ ୯୫୪୪ଟି ଫୌଜଦାରୀ ମାମଲା ରହିଛି। ୩ରୁ ୫ ବର୍ଷ ପୁରୁଣା ୨୪ ହଜାର ୨୨୫ ମାମଲା ମଧ୍ୟରୁ ୧୮ ହଜାର ୭୦୨ଟି ଦେୱାନୀ ଏବଂ ୫୫୨୩ଟି ଫୌଜଦାରୀ ମାମଲା ରହିଛି। ଅନ୍ୟପକ୍ଷରେ ୧ ବର୍ଷରୁ ୩ ବର୍ଷ ପୁରୁଣା ୨୭ ହଜାର ୫୭ଟି ମାମଲା ବିଚାରାଧୀନ ଥିବାବେଳେ ଏଥିରୁ ୨୦ ହଜାର ୮୪୫ଟି ଦେୱାନୀ ଓ ୬୨୧୨ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି। ସେହିପରି ନିମ୍ନ ଅଦାଲତ ଦ୍ୱାରା ପ୍ରଦାନ କରାଯାଇଥିବା ମୃତ୍ୟୁ ଦଣ୍ଡାଦେଶ ରାୟ ଅନୁମୋଦନ ସମ୍ପର୍କିତ (ଡିଏସ୍‌ଆର୍‌ଇଏଫ୍) ୫ଟି ମାମଲା ମଧ୍ୟ ହାଇକୋର୍ଟରେ ବିଚାରାଧୀନ ରହିଛି।

### କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# 'ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦିଅ'

**ଭୁବନେଶ୍ୱର :** ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରହ୍ଲାଦ ସିଂହ ପଟେଲଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ଓଡ଼ିଶାର କଳା ଓ ସଙ୍ଗୀତପ୍ରେମୀ ଚଳାଇଥିବା ଉଦ୍ୟମ ପ୍ରତି ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି। ଓଡ଼ିଶୀ ସଙ୍ଗୀତ ପରମ୍ପରା ପ୍ରାୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ହୋଇଥିବା ସତ୍ତ୍ୱେ ଏଯାବତ୍ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପାଇନାହିଁ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଲେଖିଛନ୍ତି ଯେ, ଶାସ୍ତ୍ରୀୟ ଓ ନିଜସ୍ୱ ମୌଳିକ ରାଗ ଆଧାରିତ ଓଡ଼ିଶାର ସଙ୍ଗୀତ ପରମ୍ପରା ଅନ୍ୟୂନ ୨୦୦୦ ବର୍ଷ



ପୁରାତନ। ଏହା ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଠାରୁ ଭିନ୍ନ। ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ଆବଶ୍ୟକ ସମସ୍ତ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଓଡ଼ିଶୀ ସଙ୍ଗୀତରେ ରହିଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ଭଳି ପ୍ରତିଷ୍ଠାନ ସ୍ଥାପନ କରି ଓଡ଼ିଶା ସରକାର ଆନୁଷ୍ଠାନିକ ସ୍ତରରେ ଓଡ଼ିଶା ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ଲାଗି ପ୍ରାରମ୍ଭିକ ଉଦ୍ୟମ କରିଛନ୍ତି। ଏହା ବ୍ୟତିରେକ, ଭାରତୀୟ ସାଂସ୍କୃତିକ ପୃଷ୍ଠଭୂମିରେ ଓଡ଼ିଶୀ ସଙ୍ଗୀତର ପ୍ରଭାବ ମଧ୍ୟ ଉଲ୍ଲେଖଯୋଗ୍ୟ। ଓଡ଼ିଶାର କେତେକ ନାଟ୍ୟକାର, ଭାସ୍କର, ଚିତ୍ରକର ଏବଂ ନୃତ୍ୟ ନିର୍ଦ୍ଦେଶକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ତେଣୁ ଓଡ଼ିଶାର ଐତିହ୍ୟକୁ ସମ୍ମାନ ପ୍ରଦାନପୂର୍ବକ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଲାଗି ବିଚାର କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ତିର୍ତ୍ତୋଲ ମହାନଦୀ ସେତୁକୁ ଅନୁମୋଦନ

**ଭୁବନେଶ୍ୱର :** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧୀନ ମହାନଦୀ ଉପରେ ତିର୍ତ୍ତୋଲ- ପୋଷକଳଶଙ୍ଖେଶ୍ୱର ରାସ୍ତାର ମହାନଦୀ ଉପରେ ଏକ ଉଚ୍ଚସେତୁ ନିର୍ମାଣ ହେବ। ଏହି ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ସେତୁର ଅଟକଳ ମୂଲ୍ୟ ୧୧୮,୫୬କୋଟି ଏବଂ ଦୈର୍ଘ୍ୟ ୮୮୮.୮୯ ମିଟର। ସରକାରଙ୍କର ଅନୁମୋଦିତ କ୍ରମେ ଆଜି ଏହି ସେତୁର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଉକ୍ତ ସେତୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କର ତରଫରୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ସରକାର ଅଞ୍ଚଳବାସୀଙ୍କର ଆବଶ୍ୟକତାକୁ ଉପଲବ୍ଧି କରି ଉକ୍ତ ଅଞ୍ଚଳରେ ଗମନାଗମନ, ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ସମୟୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସେତୁ ନିର୍ମାଣ କରାଗଲେ ଜିଲ୍ଲାର ଅଇନ୍ତ, ଗୋପାଳପୁର, ବେହେଡ଼ପୁର, କନିମୂଳ, ବିଶନପୁର, କୃଷ୍ଣନନ୍ଦପୁର, ପୋଷାଳ, ବିଜିପୁର, ସରଳପୁର, ତେନ୍ତୁଳିପଡ଼ା ଇତ୍ୟାଦି ୯ଟି ଗ୍ରାମର ଯାତାୟାତ କରୁଥିବା ପାଖାପାଖି ୫୦ହଜାର ଜନସାଧାରଣ ଉପକୃତ ହେବେ। ଟେଣ୍ଡର ପରେ ଏହି କାର୍ଯ୍ୟଟିକୁ ତ୍ୱରାନ୍ୱିତ କରାଯିବ।

# ହୋମ୍ ଆଇସୋଲେସନରେ ରହିପାରିବେ କରୋନା ଆକ୍ରାନ୍ତ ମଧୁମେହ ରୋଗୀ

**ଭୁବନେଶ୍ୱର** ମହାମାରୀ କରୋନା ପକ୍ଷରୁ ନିଜକୁ ବଞ୍ଚାଇବା ପାଇଁ ହୋମ୍ ଆଇସୋଲେସନ୍ କେତେ ଜରୁରୀ ସେ ନେଇ ପଚରା ଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ। ବିଶେଷଜ୍ଞମାନେ ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ସତର୍କ କରାଇଛନ୍ତି। ପୂର୍ବରୁ ଆମେ ଜାଣିଥିଲେ ଯେ, ସଂକ୍ରମିତ କିମ୍ବା ଅଣ ସଂକ୍ରମିତ କୌଣସି ଜଟିଳ ରୋଗ ଥିବା କୋଭିଡ୍ ପଜିଟିଭ୍‌ମାନେ ହୋମ୍ ଆଇସୋଲେସନରେ ରହିପାରିବେ ନାହିଁ। ମାତ୍ର ବିଶେଷଜ୍ଞମାନେ ଏହି ସନ୍ଦେହକୁ ଦୂର କରି କହିଛନ୍ତି ଯେ, ଯଦି ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ନିୟନ୍ତ୍ରଣରେ ଅଛି ତେବେ ଭୟ କରିବାର କୌଣସି କାରଣ ନାହିଁ। ରକ୍ତଚାପ ରୋଗୀ ମଧ୍ୟ ଭୟ ନ କରିବା ଉଚିତ। ରକ୍ତଚାପ ନିୟନ୍ତ୍ରଣରେ ଥିଲେ ଯଥେଷ୍ଟ ସତର୍କତା ଅବଲମ୍ବନ କରି ଘରେ ରହି କରୋନା ସହ ଲଢ଼ା ଯାଇପାରେ। ସୁନାମଧନ୍ୟ ଡାକ୍ତର ଜୟନ୍ତ ପଣ୍ଡା ନିଜର ବକ୍ତବ୍ୟ ରଖି କହିଛନ୍ତି ଯେ, କିଡ୍‌ନୀ ରୋଗୀମାନଙ୍କର ଫଙ୍କସନାଲ୍ ଷ୍ଟାଟସ୍ ଦେଖି ଡୋଜ୍ ଦିଆଯାଏ। ତେବେ କରୋନା ପଜିଟିଭ୍ ହୋଇ ହୋମ୍ ଆଇସୋଲେସନରେ ଥିବା ଆକ୍ରାନ୍ତଙ୍କୁ ହାଇଡ୍ରକ୍ସି କ୍ଲୋରକୁଇନ୍ ଦିଆଯାଏ ନାହିଁ। ଅକ୍ସିଜେନ୍ ଥେରାପି ଘରେ ନେବାରେ କୌଣସି ଅସୁବିଧା ନାହିଁ। ସେ ଆହୁରି ବି କହିଛନ୍ତି ଯେ, ଆପଣ ଯଦି କରୋନା ଆକ୍ରାନ୍ତ ହେଉଛନ୍ତି ଓ ଘରେ ରହି ଚିକିତ୍ସିତ ହେଉଛନ୍ତି ତେବେ ଯାଠାରୁ ବଡ ଖୁସିର କଥା କିଛି ନାହିଁ। ରୋଗ ସାମାନ୍ୟ ଥିଲେ କିମ୍ବା ଲକ୍ଷଣ ନଥିଲେ ଆପଣ ଆରାମରେ ଘରେ ରହି ଚିକିତ୍ସିତ ହୋଇପାରିବେ। ମାତ୍ର ଯଦି ଆପଣଙ୍କ ଭିତରେ ଜଟିଳତା ବୃଦ୍ଧିପାଏ ଯେପରିକି ଧଇଁସଇଁ ହେବା, କାଶ ହେବା, ଜ୍ୱର ବଢ଼ିବା, ମୁଣ୍ଡ ଓ ପେଟ ବଥା ହେଲେ ତୁରନ୍ତ ୧୦୪ ନମ୍ବରକୁ ଫୋନ କରନ୍ତୁ ଏବଂ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତୁ। ହୃଦ୍‌ରୋଗୀ, ଶ୍ୱାସ ରୋଗୀ, କର୍କଟ ରୋଗୀ, କିଡ୍‌ନୀ ରୋଗୀ ମଧ୍ୟ ହୋମ୍ ଆଇସୋଲେସନ୍‌ରେ ରହି ଚିକିତ୍ସିତ ହୋଇପାରିବେ। ମାନସିକ ରୋଗୀ ହୋଇଥିଲେ ଘରେ ରହି ଚିକିତ୍ସିତ ହୁଅନ୍ତୁ। ଆବଶ୍ୟକ ସ୍ଥଳରେ ୧୦୪ ଡାଏଲ କରି ଟେଲି କନ୍‌ସଲଟେସନ୍ କରନ୍ତୁ। ତେବେ ଗର୍ଭବତୀମାନେ ଯଦି କରୋନା ଆକ୍ରାନ୍ତ ହୁଅନ୍ତି ତେବେ ପିଲା ଜନ୍ମ ହେବାରେ କୌଣସି ଅସୁବିଧା ନାହିଁ। ସେମାନେ ପିଲା ଜନ୍ମ ପରେ ସ୍ତନ୍ୟପାନ ବି କରିପାରିବେ। ଟିକା ମଧ୍ୟ ନେଇପାରିବେ। ଟିକା ନେଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବିଶେଷଜ୍ଞ ଡାକ୍ତର କହିଛନ୍ତି।

## ସିଭିଲ୍ ସର୍ଭିସ ପରୀକ୍ଷା ପୂର୍ବତଟ ରେଳପଥର ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର :** ଆସନ୍ତା ୪ତାରିଖରେ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ରାଜ୍ୟର ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୯ଟି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ଟ୍ରେନ୍‌ଗୁଡ଼ିକ ଅକ୍ଟୋବର ୩ ତାରିଖରେ ରାଜ୍ୟର ବିଭିନ୍ନ ଷ୍ଟେସନରୁ ପରୀକ୍ଷା କେନ୍ଦ୍ର ସହର ଅଭିମୁଖେ ଯାତ୍ରା କରିବ। ଏହାସହ ପରୀକ୍ଷା ସରିବା ପରେ ୪ ତାରିଖରେ ସେହି ଟ୍ରେନ୍‌ଗୁଡ଼ିକ ପୁଣି ଛାତ୍ରଛାତ୍ରୀଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିବା ଷ୍ଟେସନକୁ ଫେରିବ। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଟ୍ରେନ୍‌ଗୁଡ଼ିକ ହେଲା ବ୍ରହ୍ମପୁର-କଟକ ମେମୁ ପରୀକ୍ଷା ସ୍ୱତନ୍ତ୍ର, କେନ୍ଦୁଝରଗଡ଼-କଟକ ମେମୁ, ଇଚ୍ଛାପୁରମ-ବିଶାଖାପାଟନାମ୍ ମେମୁ, ଖରିଆର ରୋଡ୍-ସମ୍ବଲପୁର, କୋରାପୁଟ-କଟକ ପାସେଞ୍ଜର, କୋରାପୁଟ-ବିଶାଖାପାଟନାମ୍ ପାସେଞ୍ଜର, ରାଉରକେଲା-କଟକ ଭାୟା ଝାରସୁଗୁଡ଼ା , ବାରିପଦା-କଟକ, ବିଜୟୱାଡ଼ା-ବିଶାଖାପାଟନାମ୍ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍। ବ୍ରହ୍ମପୁର, କେନ୍ଦୁଝରଗଡ଼, ଖରିଆର ରୋଡ୍ ଏବଂ ଇଚ୍ଛାପୁରମ୍ ଷ୍ଟେସନରୁ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଅକ୍ଟୋବର ୩ ତାରିଖ ଅପରାହ୍ଣ ୪ଟାରେ ପରୀକ୍ଷା କେନ୍ଦ୍ର ସହର ଅଭିମୁଖେ ଯାତ୍ରା କରିବ। ସେହିପରି କୋରାପୁଟରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଅକ୍ଟୋବର ୩ ତାରିଖ ଭୋର୍ ୫ଟାରୁ ବାହାରିବ। ଏହି ଟ୍ରେନ୍‌ଟି କୋରାପୁଟରୁ ଭାୟା ସମ୍ବଲପୁର ଦେଇ କଟକ ପହଞ୍ଚିବ। ଅନ୍ୟପକ୍ଷରେ କୋରାପୁଟ, ବିଶାଖାପାଟନାମ୍, ରାଉରକେଲା, ବାରିପଦା, ବିଜୟୱାଡାରୁ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଅକ୍ଟୋବର ୩ ତାରିଖ ଅପରାହ୍ଣ ଗୋଟାଏରେ ପରୀକ୍ଷା କେନ୍ଦ୍ର ସହର ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍‌ଗୁଡ଼ିକ ବାହାରିଥିବା ଷ୍ଟେସନରୁ ପରୀକ୍ଷା କେନ୍ଦ୍ର ସହର ଷ୍ଟେସନ ମଧ୍ୟରେ ଯେତେ ଷ୍ଟେସନ ଆସିବ, ସବୁଠାରେ ରହଣି କରିବା ନେଇ ସୂଚନା ମିଳିଛି। ପରୀକ୍ଷା ସରିବା ପରେ ଅକ୍ଟୋବର ୪ତାରିଖରେ ଅର୍ଥାତ ରବିବାର ପରୀକ୍ଷା କେନ୍ଦ୍ର ସହରରୁ ଟ୍ରେନ୍‌ଗୁଡ଼ିକ ନିଜ ଗନ୍ତବ୍ୟସ୍ଥଳକୁ ଫେରିବ। କଟକ-ବ୍ରହ୍ମପୁର ମେମୁ ଟ୍ରେନ୍ ସନ୍ଧ୍ୟା ୭ଟାରେ ପରୀକ୍ଷା କେନ୍ଦ୍ର ସହରରୁ ଯାତ୍ରା ଆରମ୍ଭ କରିଥିବା ଷ୍ଟେସନକୁ ଫେରିବ। ସେହିପରି କଟକକେ ନ୍ଦୁଝରଗଡ଼ ମେମୁ ସନ୍ଧ୍ୟା ୮ଟା, ସମ୍ବଲପୁର-ଖରିଆର ରୋଡ୍ ରାତ୍ର ୧୧ଟା, ବିଶାଖାପାଟନାମ୍-ଇଚ୍ଛାପୁରମ୍ ସନ୍ଧ୍ୟା ୭ଟା ୩୦ମିନିଟ୍, କଟକ-କୋରାପୁଟ ଭାୟା ସମ୍ବଲପୁର ସନ୍ଧ୍ୟା ୮ଟା ୧୫ମିନିଟ୍, ବିଶାଖାପାଟନାମ୍-କୋରାପୁଟ, କଟକ-ରାଉରକେଲା ଭାୟା ଝାରସୁଗୁଡ଼ା ଏବଂ ସମ୍ବଲପୁର, କଟକ-ବାରିପଦା, ବିଶାଖାପାଟନାମ୍-ବିଜୟୱାଡା ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ପରୀକ୍ଷା କେନ୍ଦ୍ର ସହରରୁ ରାତି ୯ଟା ୪୦ମିନିଟ୍‌ରେ ଯାତ୍ରା ଆରମ୍ଭ କରିଥିବା ଷ୍ଟେସନକୁ ଫେରିବ। ତେଣୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ସମୟ ମୁତାବକ ରେଳଷ୍ଟେସନରେ ପହଞ୍ଚିବାକୁ କୁହାଯାଇଛି।

## ଓଜେଇଇ ପରୀକ୍ଷା ଲାଗି ସରିଲା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା

**ଭୁବନେଶ୍ୱର :** ଓଜେଇଇ ପାଇଁ ସରିଲା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା। ବୁଧବାର ରାତି ୧୨ଟା ପରଠୁ ବନ୍ଦ ହୋଇଯାଇଛି ଆବେଦନ ପ୍ରକ୍ରିୟା। ହେଲେ ଯେଉଁମାନେ ଆବେଦନ କରିଥିଲେ, ସେମାନେ ଗୁରୁବାର ଦିନ ୧୧ଟା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଫି' ପୈଠ କରିଛନ୍ତି। ଆସନ୍ତା ଅକ୍ଟୋବର ୧୨ ତାରିଖରୁ ଆରମ୍ଭ ହେବ ଓଜେଇଇ ପରୀକ୍ଷା। ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ତେବେ ରାଜ୍ୟରେ ଏନେଇ ୫୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ହୋଇଛି। ୨୧ଟି ସହରରେ ୫୦ଟି କେନ୍ଦ୍ରରେ ପରୀକ୍ଷା ହେବ। ଏହାବ୍ୟତୀତ ରାଜ୍ୟ ବାହାରେ ରାଞ୍ଚି, କୋଲକାତା ଓ ପାଟନାରେ ୩ଟି ସେଣ୍ଟରରେ ପରୀକ୍ଷା ଲାଗି ବ୍ୟବସ୍ଥା କରାଯାଇଛି ବୋଲି ଓଜେଇଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ପଞ୍ଚଦଶ ଅର୍ଥ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ରାଜ୍ୟ ଅନୁଦାନ

# ୪ ପ୍ରକଳ୍ପ ପାଇଁ ୭୫୦ କୋଟି

**ଭୁବନେଶ୍ୱର :** ପଞ୍ଚଦଶ ଅର୍ଥ କମିଶନଙ୍କ ଦ୍ୱାରା ସ୍ୱତନ୍ତ୍ର ରାଜ୍ୟ ଅନୁଦାନରେ ୪ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏହାର ସଂରକ୍ଷଣ ଏବଂ ସାମଗ୍ରିକ ବିକାଶ ଯୋଜନା ପ୍ରସ୍ତୁତ ହୋଇଛି। ଏନେଇ ପୂର୍ତ୍ତ ବିଭାଗ ସଚିବ ଡ. କ୍ରିଷନ କୁମାର ଅର୍ଥ ସଚିବ ଅଶୋକ ମୀନାଙ୍କୁ ଚିଠି ଲେଖି ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୂର୍ଯ୍ୟ ମନ୍ଦିର ବିକାଶ ଓ ସଂରକ୍ଷଣ, ବାରବାଟୀ ଦୁର୍ଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରର ଉନ୍ନତିକରଣ, ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣ ଏବଂ ହୀରାକୁଦ ସଂରକ୍ଷିତ ଅଞ୍ଚଳର ବିକାଶକୁ ସାମିଲ କରାଯାଇଛି। ଏହି ଚାରୋଟି ପ୍ରକଳ୍ପ ପାଇଁ ମୋଟ ୭୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚିଠିରେ ଉଲ୍ଲେଖିତ ତଥ୍ୟ ଅନୁଯାୟୀ ଏହି ଚାରୋଟି ପ୍ରକଳ୍ପ ମଧ୍ୟରୁ ସୂର୍ଯ୍ୟ ମନ୍ଦିର କୋଣାର୍କର ସଂରକ୍ଷଣ ଓ ସାମଗ୍ରିକ ବିକାଶ ପାଇଁ ୨୦୦ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପଟିକୁ ମୋଟ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗରେ ସୂର୍ଯ୍ୟ ମନ୍ଦିରକୁ ଏବଂ ଏହାର ଆଖପାଖ ଅଞ୍ଚଳର ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏଥିପାଇଁ ମୋଟ ୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କୋଣାର୍କ ଚନ୍ଦ୍ରଭାଗାଠାରୁ କାକଟପୁର ଜଙ୍କ୍‌ସନକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବ। ସେହିପରି କାକଟପୁର ଜଙ୍କ୍‌ସନକୁ ମଧ୍ୟ ୬ ଲେନ୍ ବିଶିଷ୍ଟ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଫଳରେ ସୂର୍ଯ୍ୟମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କୁ ଟ୍ରାଫିକ୍ କିମ୍ବା ରାସ୍ତା ଜାମ୍ ସମସ୍ୟାର ଆଉ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପ୍ରସ୍ତାବିତ ଏହି ରାସ୍ତାର ମୋଟ ଲମ୍ବ ୭.୯୩ କିଲୋମିଟର ହୋଇଥିବା ବେଳେ ଏହାର ଡିପିଆର୍ ପ୍ରସ୍ତୁତ ସରିଥିବା ଜଣାପଡ଼ିଛି। ସେହିପରି ପ୍ରକଳ୍ପର ଦ୍ୱିତୀୟ ପ୍ରସ୍ତାବିତ ଯୋଜନା ସ୍ୱରୂପ କୋଣାର୍କ ହେରିଟେଜ କୋର୍ ଏରିଆର ପୁନଃବିକାଶ କରିବାକୁ ବ୍ୟାପକ ବିଚାର ବିମର୍ଶ ହୋଇଛି। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଯୋଜନାରେ କୋଣାର୍କ ପ୍ରବେଶ ପଥ ଏବଂ ଏହାକୁ ଲାଗି ରହିଥିବା ହାଟକୁ ନୂଆ ରୂପ ପ୍ରଦାନ କରାଯିବ। ଉପରୋକ୍ତ ଅଞ୍ଚଳରେ ମାଗଣା ୱାଇଫାଇ ବ୍ୟବସ୍ଥା ସହ ଡିଜିଟାଇଲେସନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ସେହିପରି ଚନ୍ଦ୍ରଭାଗା ବେଳାଭୂମିକୁ ଲାଗି ଥିବା ଲାଇଟ ହାଉସ ଆପ୍ରୋଚ ରୋଡର ଉନ୍ନତିକରଣ, ଜୟଦେବ ଗାର୍ଡେନକୁ ନୂଆରୂପ ଦେବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ମନ୍ଦିର ପରିସର ମଧ୍ୟରେ ଇକୋ-ଟୁରିଜିମ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପର୍ଯ୍ୟଟକଙ୍କୁ ଜଙ୍ଗଲ ସଫାରୀ ସେବା ଯୋଗାଇ ଦିଆଯିବ। ସେହିପରି ସୂର୍ଯ୍ୟ ମନ୍ଦିର ମଧ୍ୟରେ ଥିବା ସମସ୍ତ ରାସ୍ତାର ଉନ୍ନତିକରଣ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଦ୍ୱିତୀୟ ପ୍ରକଳ୍ପରେ ବାରବାଟୀ ଦୁର୍ଗର ବିକାଶ ଏବଂ ସଂରକ୍ଷଣ ପାଇଁ ୨୦୦ କୋଟି ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ବାରବାଟୀ ଦୁର୍ଗ ଉପରେ ସେତୁ ନିର୍ମାଣ, ଯୋଗ କେନ୍ଦ୍ରର ନିର୍ମାଣ, ମୁକ୍ତାକାଶ ରଙ୍ଗମଞ୍ଚ, ଫୁଡ୍ କୋର୍ଟ ସହ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଇବାକୁ ଲକ୍ଷ୍ୟ ରଖାଯାଇଛି। ତୃତୀୟ ପ୍ରକଳ୍ପରେ ନବରଙ୍ଗପୁର ଜିଲ୍ଲା କେନ୍ଦୁଗୁଡ଼ା ନିକଟରେ ଇନ୍ଦ୍ରାବତୀ ନଦୀ ଉପରେ ବିଶାଳ ପୋଲ ନିର୍ମାଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ବ୍ରିଜ ନିର୍ମାଣ ଫଳରେ ନବରଙ୍ଗପୁର ରାୟଗଡ଼ା ସଂଯୋଗୀକରଣ ହେବା ସହ ପ୍ରକଳ୍ପଟି ନକ୍ସଲ ପ୍ରବଣ ଅଞ୍ଚଳରେ ହେଉଥିବାରୁ ସେମାନଙ୍କ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖାଯିବା ସମ୍ଭବପର ହେବ। ଏହି ବ୍ରିଜର ଲମ୍ବ ୭୦୦ ମିଟର ହୋଇଥିବା ବେଳେ ସେତୁ ନିକଟରେ ୫ କିମି ଲମ୍ବ ବିଶିଷ୍ଟ ଏକ ଆପ୍ରୋଚ୍ ରୋଡ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅନ୍ୟପକ୍ଷରେ ଚତୁର୍ଥ ପ୍ରକଳ୍ପରେ ହୀରାକୁଦ ସଂରକ୍ଷିତ ଅଞ୍ଚଳର ଉନ୍ନତିକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ହୀରାକୁଦ ଏହାର ସଂଲଗ୍ନ ଅଞ୍ଚଳକୁ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ମୋଟ ୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଲୋକଙ୍କ ଗମନାଗମନକୁ ପ୍ରାଥମିକତା ସ୍ୱରୂପ ମହାନଦୀ ଉପରେ ୧୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସେତୁ ନିର୍ମାଣ କରାଯିବ। ଯାହାଦ୍ୱାରା ହୀରାକୁଦ ଏବଂ ବୁର୍ଲା ମଧ୍ୟରେ ବ୍ୟବଧାନ ପ୍ରାୟ ୧୦ କିଲୋମିଟର ହ୍ରାସ ପାଇବ। ସେହିପରି ଅନ୍ତର୍ଜାତୀୟ ସ୍ତରର ଜଳକ୍ରୀଡ଼ା ସୁବିଧା, ଉନ୍ନତମାନର ହୋଟେଲ ଏବଂ ପର୍ଯ୍ୟଟକଙ୍କ ପାଇଁ ମନୋରଞ୍ଜନ ବ୍ୟବସ୍ଥା କରାଯିବ। ଏଥିପାଇଁ ମୋଟ ୩୫ କୋଟି ଟଙ୍କା ବ୍ୟୟ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ସେପ୍ଟେମ୍ବର - ୦୪ ଅକ୍ଟୋବର, ୨୦୨୦

# ଦାୟୀ ରହିବେ ଶାସକ, ପ୍ରଶାସକ

ମହାମାରୀ କରୋନା ଏଭଳି ଏକ ପରିବେଶ ସୃଷ୍ଟି କରିଛି, ଯେଉଁଥିରେ ଜୀବନ ଜୀବିକା ଅପେକ୍ଷା ଏକ ଅବିଶ୍ୱାସର ମାହୋଲ ମଧ୍ୟ ହୋଇଗଲାଣି। ଗତ ଛ'ମାସ ମଧ୍ୟରେ ମଣିଷ ନିଜଲୋକଙ୍କ ସହ ଦୂରତା ବଢ଼ିଚାଲିଛି। ସାନିଟାଇଜର, ମାସ୍କ ଓ ସାମାଜିକ ଦୂରତା ଭଳି ଅନେକ ନିୟମ ଉତ୍ପନ୍ନ କରିଚାଲିଛି। ଭୟ, ଅସହାୟତା ଓ ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରୁଥିବା ମଣିଷ ଭୟଙ୍କର ବିପଦରୁ କିଭଳି ମୁକ୍ତି ପାଇବ ସେଥିପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ଅସଲ ବିପତ୍ତି କେଉଁଠୁ କିଭଳି ଉତ୍ପନ୍ନ ହେଉଛି ସେ ଦିଗରେ କି କି ପଦକ୍ଷେପ ନିଆଯିବା ଉଚିତ ତାହା ସଂଶୟ ଘେରରେ। କାରଣ ଆକଳନ କରାଯାଇଥିବା କିମ୍ବା ଆଲୋଚନାରେ ଥିବା ବିପଦ ଠାରୁ ଏ ମହାମାରୀ ବିପଦ କାହିଁ କେତେଗୁଣ ଅଧିକ ତାହାର ସଠିକ ସିଦ୍ଧାନ୍ତ କାହାରି ନିକଟରେ ନାହିଁ। ନିହାତି ଦୁର୍ବୋଧ ଏହି ଭୂତାଣୁର ପରାକ୍ରମ ବାସ୍ତବରେ ବିଜ୍ଞାନକୁ ପରାସ୍ତ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛି। କରୋନା ଭୂତାଣୁ ଯେ ଖାଲି ଆକ୍ରାନ୍ତଙ୍କ ମୃତ୍ୟୁମୁଖୀ କରିଛି ତାହା ନୁହେଁ ବରଂ ବଞ୍ଚିଥିବା ମଣିଷ ମନରେ ଅସଂଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୀବନ ଜୀବିକାକୁ ଅନ୍ଧକାର ମଧ୍ୟକୁ ଟାଣିନେଉଛି ଯେମିତି! ମଣିଷ ଚିନ୍ତା କରିନଥିବା ଘଟଣା ପ୍ରବାହରେ ଏବେ ଭୟ, ଯନ୍ତ୍ରଣା ଭିତରେ ବଞ୍ଚିବାର ମୋହ ତୁଟାଇବା ସହଜ ନୁହେଁ ବୋଲି ସମସ୍ତେ ଜାଣିଥିଲେ ସୁଦ୍ଧା ସମୟର କଷଟିପଥର ସବୁ ଯେମିତି ଗୋଳମାଳିଆ କରିଦେଲାଣି। କରୋନା ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱରେ ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଚିନ୍ତାର କାରଣ ହୋଇଛି। ସରକାରୀ କର୍ମଚାରୀଙ୍କ ଅପେକ୍ଷା ଘରୋଇ କ୍ଷେତ୍ରରେ କାର୍ଯ୍ୟ କରିବା ଓ ଚାକିରିକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡିଲାଣି। କର୍ମଚାରୀ ଛଟେଇ ବିରୋଧରେ ସ୍ୱର ଉଠାଇବାକୁ ଯାଇ ପ୍ରଥମଥର ଇଟାଲୀବାସୀ ଦାବି କଲେଣି ଯେ, ମହାମାରୀ କରୋନା ପାଇଁ ଯେବେ କର୍ମଚାରୀଙ୍କୁ ଛଟେଇ କରାଯାଉଛି ସେଭଳି ସଂସଦରେ ଏଭଳି ନିୟମ ଲାଗୁ କରାଯାଇ ସାଂସଦଙ୍କ ସଂଖ୍ୟା କମ କରାଯାଉ। ବିଶ୍ୱ ଏବେ ଏବେ ସଂକଟମୟ ପରିସ୍ଥିତି ଦେଇ ଗତିକରୁଛି। ସବୁଠି ଯେମିତି ଭୟ ପରିସ୍ଥିତି ସମାଜକୁ ଆତୁର କରୁଛି। କୃତ୍ରିମ ହେଉ କି ପ୍ରାକୃତିକ କରୋନା ଭୂତାଣୁ ନିକଟରେ ମଣିଷ ଅସହାୟ ହୋଇପଡିଲାଣି। ତାହାରି ମଧ୍ୟରେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଗୁଡିକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ଫଳରେ ନୂଆ ସଙ୍କଟ ଦେଖାଦେଇଛି। ବିଶେଷକରି ଆମେରିକା, ଚୀନ ପରି ରାଷ୍ଟ୍ର ସମ୍ପୂର୍ଣ୍ଣ ଯୁଦ୍ଧ ପ୍ରସ୍ତୁତିରେ ଥିଲା ବେଳେ ଭାରତ ସହ ଚୀନ ସୀମା ବିବାଦ ବଢ଼ାଇ ଚାଲିଛି। ଯାହାକୁ ନେଇ ଭାରତ ମଧ୍ୟ ପ୍ରତିପକ୍ଷଙ୍କୁ ଜବାବ ଦେବା ପାଇଁ ନିଜକୁ ପ୍ରସ୍ତୁତ କରିଥିବା ବେଶ ସ୍ପଷ୍ଟ ହୋଇଛି। ଭାରତ ସୀମାରେ ଚୀନ୍ ଓ ପାକିସ୍ତାନ ପଟୁ ବିପଦ ଥିଲା ବେଳେ ନୂଆ କରି ନେପାଳ ମଧ୍ୟ ଶତ୍ରୁତା କରିବାକୁ ଆଗେଇ ଆସିଛି। ଯଦିଓ ଭାରତ ସହ ନେପାଳର ସୁସମ୍ପର୍କ ରହିଆସିଛି ତଥାପି ଚୀନ ପ୍ରରୋଚନାରେ ପଡି ନେପାଳ ଭାରତ ସହ ବିବାଦ ସୃଷ୍ଟି କରୁଛି। ଗୋଟେ ପଟେ ଜୀବନ ଜୀବିକାକୁ ନେଇ ସଙ୍କଟ ଦେଖାଦେଇଥିଲା ବେଳେ ଯୁଦ୍ଧ ହେଲେ ପରିସ୍ଥିତି କ'ଣ ହେବ ତାହା ନିଶ୍ଚୟ ଭୟ ସଞ୍ଚାର କରୁଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭବିଷ୍ୟତକୁ ନେଇ କୌଣସି ନିର୍ଣ୍ଣାୟକ ମୋଡରେ ପହଞ୍ଚିବା ସହଜସାଧ୍ୟ ନୁହେଁ। ପ୍ରକୃତି, ମଣିଷ ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ରଖି ନୂତନ କାର୍ଯ୍ୟଧାରା ହିଁ ମାନବ ସଭ୍ୟତାକୁ ବଞ୍ଚାଇ ରଖିପାରିବ। ଯୁଦ୍ଧର ଘନଘଟା ଓ ଅବିଶ୍ୱାସର ମାହୋଲ ଜାରି ରହିଲେ ଧ୍ୱଂସ ଖୁବ୍ ଶୀଘ୍ର ଓ ଖୁବ୍ ନିକଟରୁ ଦେଖିବାକୁ ମିଳିପାରେ। ମାନବକୃତ ତ୍ରୁଟି ଯେ କେତେ ଭୟଙ୍କର ତାହାର ବଡ ଉଦାହରଣ କରୋନା। କାରଣ ଚୀନ୍ ଏହି ଭୂତାଣୁର ସୃଷ୍ଟିକର୍ତ୍ତା ବୋଲି ଆମେରିକାର ଦାବିକୁ ସ୍ୱୀକାର କରିଛନ୍ତି ଜଣେ ଚୀନ୍ ବୈଜ୍ଞାନିକ। ବାସ୍ତବରେ ଏହା ଯେବେ ୧୦୦% ସତ ହୁଏ, ଏ ଘଟଣା ବିଶ୍ୱ ପାଇଁ କେତେ ମାରାତ୍ମକ ତାହା ବିଚାର କରିବାକଥା। ନିଜକୁ ସର୍ବଶ୍ରେଷ୍ଠ କରିବାକୁ ଯାଇ ଚୀନ୍ ଯେବେ ଏହି ହୀନପନ୍ଥା ଆପଣାଇ କରିଥାଏ, ତାହେଲେ ସେ ମାନବସଭ୍ୟତାର ଶତ୍ରୁ। ବିଗତ ସାତ ମାସ ହେବ କରୋନାକୁ ନେଇ ବିଶ୍ୱ ଦୋହଲିଯାଇଛି। ଅର୍ଥନୀତି ଦୁର୍ବଳ ସହ ଲୋକଙ୍କ ଆର୍ଥିକ ସ୍ଥିତି ନିମ୍ନଗାମୀ ହେବାରେ ଲାଗିଚି। ଗବେଷଣାର ସର୍ବାଧିକ ଦାବିଦାର ରାଷ୍ଟ୍ର ମଧ୍ୟ କରୋନା ଭୂତାଣୁକୁ ସମ୍ପୂର୍ଣ୍ଣ ମୂଳପୋଛ କଲାଭଳି କାର୍ଯ୍ୟକ୍ରମରେ ଏଯାବତ ସଫଳ ହୋଇପାରିନାହାନ୍ତି।

ସମ୍ପାଦକୀୟ
ତାରକ ମହାନ୍ତି



ଯାବତୀୟ ବିଷୟ ବଳୟ ଭିତରେ ଜୀବନ ଆଉ ସୁରୁଖୁରୁରେ ଚାଲିବା ସହଜ ମନେହୁଏନାହିଁ। ଭୟ ଓ ଆଶଙ୍କା ଶରୀର ଓ ମନକୁ ଦୁର୍ବଳ କରିଚାଲିଲେ ଏଥିରୁ ନିସ୍ତାର ମିଳିବାର ସଠିକ ସିଦ୍ଧାନ୍ତ ନିରୂପଣ ନହେବା ଯାଏ ବିପଦ ଚେର ଲମ୍ବି ଚାଲିବ। ଏଭଳି ଜଟିଳ ସମୟ ଦେଇ ମଣିଷ ଗତି କରୁଥିଲା ବେଳେ ପ୍ରଶାସନିକ ତତ୍ପରତା କମି କମି ଚାଲିଥିବା ଅନୁମେୟ ହୁଏ। ଏହାର କାରଣ, ଯେଉଁ ସମୟରେ କରୋନା ଲୋକଙ୍କୁ ଆକ୍ରାନ୍ତ କରିବା ଆରମ୍ଭ କଲା ବା ସଂକ୍ରମଣ ଆରମ୍ଭ ହେଲା ସେତେବେଳେ ପରିସ୍ଥିତି ଆଦୌ ଜଟିଳ ନଥିଲା। କାଁ ଭାଁ ଜଣେ ଦୁଇଜଣ ଏହି ରୋଗର ଶିକାର ହେଉଥିଲେ ଓ ସେମାନଙ୍କ ଚିକିତ୍ସା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ଉତ୍ତମ ଚିକିତ୍ସା ପ୍ରଦାନ କରିଥିଲେ। ଯେତେବେଳେ କରୋନା ସଂକ୍ରମଣ ବୃଦ୍ଧି ପାଇଲା, ଲୋକ ଜୀବିକା ପାଇଁ ଛଟପଟ ହେଲେ ସେତେବେଳେ ଅନଲକ ପ୍ରକ୍ରିୟା ଆରମ୍ଭ ହେଲା। ଗରିବ, ମଧ୍ୟବିତ୍ତ ଜୀବିକାକୁ ନେଇ ସାମାନ୍ୟ ଆଶ୍ୱସ୍ତି ମନେକଲେ ସଂକ୍ରମଣ ତୀବ୍ର ହେବାରେ ଲାଗିଲା। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁହାର ବୃଦ୍ଧି ଚିନ୍ତାଜନକ ହେଉଥିଲା ବେଳେ କୋଭିଡ୍ ଚିକିତ୍ସାରେ ଅବହେଳା ଭଳି ସଙ୍ଗୀନ ଅଭିଯୋଗ ସରକାରଙ୍କ କୋଭିଡ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ଲଗାଇଛି। କାରଣ ଗତ ମାର୍ଚ୍ଚ ଠାରୁ ସଂକ୍ରମଣ ଆରମ୍ଭ ବେଳେ ରାଜ୍ୟ ସରକାର ଯଥେଷ୍ଟ କୋଭିଡ୍ ହସ୍ପିଟାଲ ଓ ବେଡ କଥା କହି ସମସ୍ତଙ୍କ ମନରୁ କରୋନା ଚିକିତ୍ସା ଉପରେ ଏକ ସକରାତ୍ମକ ବାର୍ତ୍ତା ଦେଲେ। ବିଶେଷକରି ଗଞ୍ଜାମ ଜିଲ୍ଲାରେ ପ୍ରବାସୀଙ୍କ ସଂଖ୍ୟା ଅଧିକ ଯୋଗୁ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ହେଲେ ପ୍ରବାସୀମାନେ ପୁଣି ଯେତେବେଳେ ପୁରୁଣା କାର୍ଯ୍ୟସ୍ଥଳକୁ ବାହୁଡିଗଲେ। ପରେ ଗଞ୍ଜାମରେ ସଂକ୍ରମଣ କମିଥିବା ରିପୋର୍ଟ ଆସିଲା। କିନ୍ତୁ ଅସଲ ସଂକ୍ରମଣ ରାଜଧାନୀ ଭୁବନେଶ୍ୱରକୁ ଗ୍ରାସ କରିବାରେ ଲାଗିଲା। ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଆଜିପର୍ଯ୍ୟନ୍ତ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ଅସମ୍ଭବ ଭାବେ ବଢ଼ିଚାଲିଛି। ରୋଗୀଙ୍କୁ ବେଡ ମିଳୁନି କିମ୍ବା ଗୃହ ପୃଥକବାସରେ ଥିବା ଆକ୍ରାନ୍ତଙ୍କୁ ଚିକିତ୍ସା ସୁବିଧା ମିଳୁନି। ଦୈନିକ ମୃତ୍ୟୁହାର ସରକାରୀ ହିସବାଠାରୁ ଯଥେଷ୍ଟ ଅଧିକ ଥିଲା ବେଳେ ଭୁବନେଶ୍ୱର ମହାନଗର ନିଗମ କୋଭିଡ୍ ପରିଚାଳନାରେ ଫେଲ ମାରିଥିବା ସ୍ପଷ୍ଟ ଦିଶୁଛି। ଯଦିଓ ଏକଥାକୁ ସ୍ୱୀକାର କରୁନି ବିଏମ୍ସି। ଟେଷ୍ଟିଙ୍ଗ ରିପୋର୍ଟ ବିଳମ୍ବ ଜନିତ କାରଣରୁ ପଜିଭିଟ୍ ଚିହ୍ନଟ ରୋଗୀ ଅନାୟାସରେ ବାହାରେ ବୁଲି ସଂକ୍ରମଣ ବଢ଼ାଇ ଚାଲିଛନ୍ତି। ଫଳସ୍ୱରୂପ ଖୋର୍ଦ୍ଧା ଜିଲ୍ଲା ସମେତ କଟକ, ପୁରୀ ଓ ଅନ୍ୟାନ୍ୟ ଜିଲ୍ଲାରେ ଦ୍ରୁତ ସଂକ୍ରମଣ ଘଟୁଛି। ସମୟର ଆହ୍ୱାନକୁ ଦୃଷ୍ଟିରେ ରଖି ସରକାର ଭୁଲ ଠିକ୍ ଆକଳନ ନକରି ସଠିକ୍ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ କରି ରାଜ୍ୟବାସୀଙ୍କୁ ମହାମାରୀ କରୋନା କବଳରୁ ରକ୍ଷା କରନ୍ତୁ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# 'ସମସ୍ତଙ୍କ ପାଇଁ ନ୍ୟାୟ'



ପ୍ରତୀକ ଦାଶ

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ତାର ସମ୍ମାନର ସହିତ ବଞ୍ଚିବାର ଅଧିକାର ରହିଛି ଏବଂ ସବୁକିଛିରେ ମଧ୍ୟ ରହିଛି ତାର ଉଚିତ ନ୍ୟାୟ ପାଇବାର ଅଧିକାର । କିନ୍ତୁ ବେଳେ ବେଳେ ଏ ସମାଜର କିଛି ପ୍ରଭାବଶାଳୀ ଲୋକ ନିଜର ବଡ଼ ପଣ ଦେଖାଇବା ପାଇଁ କିଛି ଦୁର୍ବଳ ଶ୍ରେଣୀଙ୍କୁ ହତାଦର କରିଥାନ୍ତି । ସେମାନଙ୍କ ଦାସ କରି ରଖିବାକୁ ଚେଷ୍ଟା କରିଥାନ୍ତି । କୌଳିକ ବୃତ୍ତି ନାମରେ ଯାବତୀୟ ହୀନ କାର୍ଯ୍ୟରେ ସେମାନଙ୍କ ନିୟୋଜିତ କରନ୍ତି । କିନ୍ତୁ ଆଜି ବଦଳି ଯାଇଛି ସମୟ । ଏ ସମାଜରେ ସମସ୍ତଙ୍କ ସମାନ ଅଧିକାର ରହିଛି । ଏଠାରେ ବାସ କରୁଥିବା ସବୁ ଶ୍ରେଣୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ପାଳିତ ହେଉଛି ସୋସିଆଲ୍ ଜଷ୍ଟିସ୍ ଡେ ବା ସାମାଜିକ ନ୍ୟାୟ ଦିବସ।

ଏକତ୍ର ବାସ କରିବାକୁ ମଣିଷ ଭଲ ପାଏ। ସେଥିପାଇଁ ପରସ୍ପର ନିର୍ଭରଶୀଳ ବିଭିନ୍ନ ଶ୍ରେଣୀ ଓ ବୃତ୍ତିର ଲୋକମାନେ ଏକତ୍ର ବାସ କରିଥାନ୍ତି। ଯାହାକି ଏକ ସାହି, ପଡ଼ା ବା କଲୋନୀ ଭାବେ ବେଶ ପରିଚୟ ଲାଭ କରିଥାଏ। ତେଣୁ ପରସ୍ପରର ନିର୍ଭରଶୀଳତାରେ ଯେପରି କାହାରି ସାମାଜିକ ଅଧିକାର କ୍ଷୁର୍ଣ୍ଣ ନହୁଏ ସେ ପ୍ରତି ଦୃଷ୍ଟି ଦେବା ଓ ସଚେତନତା ହେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଛି । ମିଳିତ ଜାତିସଂଘ ଏହି ମର୍ମକୁ ଉପଲକ୍ଷ କରି ୨୦୦୯ ମସିହାରୁ ସାମାଜିକ ନ୍ୟାୟ ଦିବସ ପାଳନ କରିଆସୁଛି। ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଏହି ଦିବସ ବିଶ୍ୱସ୍ତରରେ ପାଳନ କରାଯାଉଛି।

ଆଜିବି ସମାଜରେ ଅନେକ ଲୋକ ଅବହେଳାର ଶିକାର ହେଉଛନ୍ତି । ଆର୍ଥିକ, ସାମାଜିକ, ସାଂସ୍କୃତିକ କାରଣରୁ ସେମାନେ ବହୁ ପଛରେ ପଡ଼ିଛନ୍ତି । ବିଗତ ଦିନକୁ ଚଳି ଆସୁଥିବା ବେଠି, ବେରୋଜଗାରୀ ଆଜି କିଛି ମାତ୍ରାରେ ପ୍ରଶମିତ ହୋଇଥିଲେ ମଧ୍ୟ ଗୋତି ପ୍ରଥାର ବିଲୋପ ଏ ଯାଏଁ ସମାଜରୁ ହୋଇନାହିଁ । କିଛି ଲୋକଙ୍କୁ ମଧ୍ୟ କୌଳିକ ବୃତ୍ତି ଆଧାରରେ ସମାଜରେ ଅତି ନିମ୍ନଧରଣ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି। ଏହି ଶ୍ରେଣୀର ଲୋକମାନଙ୍କୁ ସମାଜରେ ତଳସ୍ତରରେ ରଖାଯାଇଥିବାରୁ ସେମାନଙ୍କୁ ଉଚିତ ନ୍ୟାୟ ମିଳିପାରୁନି। ସେମାନଙ୍କ ସ୍ୱରକୁ ମଧ୍ୟ କତିପୟ ପ୍ରଭାବଶାଳୀ ଶ୍ରେଣୀ ଚାପି ଦେଉଛନ୍ତି। ଫଳରେ ସେମାନେ ସେମାନଙ୍କୁ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଆଗ କାଳରେ ସାମାଜିକ ବ୍ୟବସ୍ଥା ଅନୁସାରେ ଜଣଙ୍କୁ ତାର ବୃତ୍ତି ଅନୁସାରେ ଜାତି ନିର୍ଦ୍ଧାରଣ କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଜାତିପ୍ରଥା ଉତ୍ତରାଧିକାରୀ ସୂତ୍ରରେ ଚଳିଆସିଲା। ଯାହାର ପ୍ରଭାବରେ କିଛି ପରିବାର ସମାଜରେ ଅବହେଳିତ ଓ ନିଷ୍ପେସିତ ହୋଇ ରହିବାକୁ ବାଧ୍ୟ ହେଲେ । ସାମ୍ପ୍ରତିକ ସମାଜକୁ ଦେଖିଲେ ଆଜି ବାସ୍ତବରେ ସମସ୍ତଙ୍କ ପାଇଁ ସାମାଜିକ ନ୍ୟାୟ ବର୍ତ୍ତମାନ ସୁଦ୍ଧା ବି ଅପହଞ୍ଚ ହୋଇଛି। ସାମ୍ବିଧାନିକ ବ୍ୟବସ୍ଥାରେ ନ୍ୟାୟ ପାଳିବାକୁ ଯଥେଷ୍ଟ ଗୁରୁତ୍ୱପ୍ରଦାନ କରାଯାଇ ଏହାକୁ ଏକ ସ୍ତମ୍ଭ ଭାବେ ଗଣନା କରାଯାଉଥିଲେ ବି ବାସ୍ତବରେ କିନ୍ତୁ ସମସ୍ତଙ୍କ ପାଇଁ ନ୍ୟାୟ ପାଇବା ଆକାଶ କଇଁଆ ଚିଲିକା ମାଛ ସଦୃଶ ହୋଇଛି। ତେବେ ବଡ଼ ଖୁସି ଓ ଆଶ୍ୱାସନାର ବିଷୟ ହେଉଛି ବିଶାଳ ଜନାଦେଶ ପାଇଥିବା ଓଡ଼ିଶାର ବିଜେଡ଼ି ସରକାର ଗଣତାନ୍ତ୍ରିକ ସରକାର ନ୍ୟାୟ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରି ସମସ୍ତଙ୍କ ପାଇଁ ଏହାକୁ ଖୁବ୍ ନିକଟରେ ଉପଲବ୍ଧତା କରିବାକୁ ଅନେକ ନିଷ୍ପାପର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ ବ୍ୟତୀତ ଅନେକ ବେସରକାରୀ ସଂଗଠନ ସାମାଜିକ ନ୍ୟାୟ ସମସ୍ତଙ୍କ ପାଇଁ ପହଞ୍ଚ ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ସର୍ବଭାରତୀୟସ୍ତରରେ ସାମାଜିକ ଆଇନ ଓ ନ୍ୟାୟରୁ ବଞ୍ଚିତ ହେଉଥିବା ବନ୍ଦୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ଅନେକ ସଂଗଠନ। ସାମାଜିକ ନ୍ୟାୟରୁ ବଞ୍ଚିତ ହେଉଥିବା ଲୋକଙ୍କ ପାଇଁ ସଂଗ୍ରାମ ଜାରି ରଖି ସେମାନଙ୍କ ନ୍ୟାୟ ପ୍ରାପ୍ତି ପାଇଁ ଆଇନ ସଂଗ୍ରାମରେ ଏହି ଲେଖକ ନିଜକୁ ବି ସାମିଲ କରିଛି । ଆଜି ସାମାଜିକ ଚିତ୍ରକୁ ଦେଖିଲେ ଜଣାଯାଉଛି ଅଧିକାଂଶ ଘଟଣାରେ ଜଣେ ନିଜର ସର୍ବନିମ୍ନ ସାମାଜିକ ନ୍ୟାୟରୁ ବଞ୍ଚିତ ହେଉଛି । ଯେଉଁଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସରକାରଙ୍କ ପ୍ରଶାସନ ଓ ଆଇନ ବିଭାଗର । ତେଣୁ ଏଭଳି ଏକ ଦିବସକୁ କେବଳ ପାଳନ ନକରି, ଅବହେଳିତ ଶ୍ରେଣୀକୁ ଉଦ୍ଧାର କରିବା ପାଇଁ, ଗୋତି, ବୃତ୍ତି ଆଧାରରେ ପ୍ରଚଳିତ ହୀନ କାର୍ଯ୍ୟରୁ ମୁକ୍ତି ଦେବା ପାଇଁ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ । ଆଜିପରି ଏକ ସ୍ମରଣୀୟ ଦିବସରେ ସମସ୍ତଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ନିଜ ନିଜ ସ୍ତରରେ ସହଯୋଗର ହାତ ବଢ଼ାଇଲେ ଜଣେ ଯଥାର୍ଥ ଭାରତୀୟ ଭାବରେ ଆମେ ନିଜର ଦାୟିତ୍ୱକୁ ସଂକଳ୍ପବଦ୍ଧ କରିପାରିବା।

*ସନ ହସ୍ପିଟାଲ ଲେନ୍, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ-୮*
*ଦୂରଭାଷ : ୯୮୫୩୮୪୭୪୧୪*

# କଣ୍ଟକେ ନୈବ କଣ୍ଟକମ୍



ଉତ୍କଳାନନ୍ଦ ଅଜୟ କୁମାର ବେହେରା

କରୋନା ମହାକଣ୍ଟା, ଦୃଶ୍ୟ କଣ୍ଟା ନୁହଁ ଅଦୃଶ୍ୟ କଣ୍ଟା। ଏହାକୁ ପ୍ରୟୋଗକାରୀକୁ ଏବେ ଖୋଜି ସଂହାର କରିବା ବେଳ ଆଉ ନାହିଁ। ବରଂ କରୋନା ମହାକଣ୍ଟା ନିବରଣ ଦିଗ ଖୋଜା ଅତି ଜରୁରୀ। ସବୁର ଯଦି ଉପାୟ ଅଛି ଏହାର ତ ନିଶ୍ଚୟ ଉପାୟ ଅଛି ତେବେ କେଉଁଠି ଏହାର ପଥରୋଧ। ପ୍ରାଚ୍ୟ ପାଶ୍ଚାତ୍ୟ, ଉତ୍ତର ଦକ୍ଷିଣ ସବୁ ଦିଗରେ ପୃଥିବୀରେ ଜ୍ଞାନୀ ଅଛନ୍ତି ମାତ୍ର ଏହି ଜ୍ଞାନୀମାନେ ଅଲଗା ଅଲଗା ପଥରେ ଏହି ରୋଗକୁ ନିବାରଣ ଚିନ୍ତିତ ବାହାଦୂର ହେବାପାଇଁ ଅନ୍ୟକୁ ଅଣଦେଖା କରି ଏକ ପାଖିଆ ଦୃଷ୍ଟିରେ ଆଗଉଛନ୍ତି। ଦିନେ ବାରୁଣ ଅସୁର ଶକ୍ତି ପ୍ରଚଣ୍ଡ ଆକ୍ରମଣରେ ଦେବତାଙ୍କୁ ବ୍ୟତିବ୍ୟସ୍ତ କଲେ ସ୍ୱର୍ଗ ରାଜ୍ୟ ଦଖଲ କରିଲେ। ଦେବତା ଲୁଚି ବୁଲୁଥିଲେ, ପ୍ରତ୍ୟେକ ଦେବତାଙ୍କର ଆୟୁଧ ପ୍ରୟୋଗ ବୃଥା ହେଲା ଦମ୍ଭ ଚାଲିଗଲା ଶେଷରେ ବିଷ୍ଣୁଙ୍କ ଶରଣାପନ୍ନ ସର୍ବ ଦେବଗଣ ହୋଇ ପ୍ରାର୍ଥନା ଗୁହାରୀ କଲେ। ବିଷ୍ଣୁ ପ୍ରଶ୍ନ କରିଥିଲେ ହେ ଦେବଗଣ ତୁମେମାନେ ସ୍ୱ ସ୍ୱ ଦାୟିତ୍ୱ ତୁଲାଇବାରେ ନିଶ୍ଚେ କିଛି ହେଳା କରିବାରୁ ଏପରି ପରିସ୍ଥିତି ଉପୁଜିଛି, ଏବେ ଉପାୟ ହେଉଛି ମହାଶକ୍ତିଙ୍କ ଆଶ୍ରୟ ଉପାସନା।

ଏହା ମହାଶକ୍ତି ସବୁ ଦେବକଳାରୁ ରୂପ ଦେଲେ ସବୁ ଦେବତାଙ୍କର ଆୟୁଧ ଧରିଲେ ଶେଷରେ ବଳଶାଳୀ ଭୂଜଦର୍ପୀ ନିଜର ଅମର ଭାବିଥିବା ଅସୁରର ଅନ୍ତ କରିଥିଲେ। ଏହା ମହାଶକ୍ତି ସମସ୍ତ ମୌଳିକ ଦେବ ଶକ୍ତିର ଯଦି ଯୌଥରୂପ ତେବେ ଏହା ମହାମାରୀ କରୋନାା ରାକ୍ଷସକୁ ଅନ୍ତ ପାଇଁ ଯୌଥ ଭାବରେ ଯଦି ଚିନ୍ତନ କରାଯାନ୍ତା ତେବେ ମହାଶକ୍ତିଶାଳୀ ରୋଗ ନିବାରକ ଔଷଧ ଉପାୟ କଣ ବାହରନ୍ତା ନାହିଁ। ସବୁ ଦେଶରେ ମୌଳିକ ବସ୍ତୁରୁ ଯୌଗିକ ପ୍ରସ୍ତୁତ ଭିନ୍ନ ଉପାୟରେ କରାଯାଏ। ସବୁ ଦେଶରେ ଜଳବାୟୁ ଓ ମାନବ ଶରୀରର ରୋଗ ପ୍ରତିରୋଧ ଶକ୍ତି ଏକ ନୁହଁ। ଯଦି ଏହା ସତ୍ୟ ତେବେ ଏ ରୋଗ ସର୍ବତ୍ର ପ୍ରାଣନାଶ କରୁଛି କେଉଁ କାରଣରୁ ଏହାର ଖୋଜରେ ନିଶ୍ଚୟ ଏକ ସମାନ ତଥ୍ୟ ଲୁଚି ରହିଛି। ଏହା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧ ରୋଗ। ଏହା ଦୂଷିତ ବାୟୁମଣ୍ଡଳ ଯୋଗୁ ହେଉ ନାହିଁ ତ? ବାୟୁ ମଣ୍ଡଳ ଶୋଧନ ପ୍ରକ୍ରିୟା ଯେଉଁ ଛାଞ୍ଚରେ ସ୍ୱାଭାବିକ ହେଉଥିଲା। ତାହା ଆଧୁନିକ ମାନବ ଜୀବନଯାତ୍ରା ଗୁରୁତର ପ୍ରତିବନ୍ଧକ କରାଉଛି। ବାୟୁମଣ୍ଡଳରୁ ବିଷାକ୍ତ ଅଙ୍ଗାରକାମ୍ଳକୁ ଶୋଷଣକାରୀ ବୃକ୍ଷଲତା ବାରମ୍ବାର ନଷ୍ଟ କରାଯାଉଛି। ବୃକ୍ଷ ଅଙ୍ଗାରକାମ୍ଳ ନିଏ ଅମ୍ଳଜାନ ଛାଡ଼େ ଏବେ ରୋଗୀ ନିଶ୍ୱାସ ନେଇପାରୁ ନାହାଁନ୍ତି ବୋଲି ଲିଟର ଲିଟର ଅମ୍ଳଜାନ ଲୋକଙ୍କୁ ନାକରେ ଦିଆଯାଉଛି। ଏହାର ଅର୍ଥ ଏପରି ରୋଗୀଙ୍କ ଶରୀର ସ୍ୱାଭାବିକ ଅମ୍ଳଜାନ ବାୟୁରୁ ପାଉନାହାଁନ୍ତି ବା ଶରୀର ଦକ୍ଷତା ରହିନାହିଁ। ଧୂଳି ଧୂଆଁ ବିଷାକ୍ତ ବାଷ୍ପ ନିତ୍ୟ ପ୍ରତିଦିନ ବାୟୁମଣ୍ଡଳରେ କଳକାରଖାନାରୁ ବାହାରି ମିଶୁଛି। ଏହାକୁ ପରିଷ୍କୃତ କରିବା ପଦ୍ଧତି ପାଇଁ ସେପରି ବ୍ୟାପକ ଯୋଜନା କରାଯାଇନାହିଁ। କାରଖାନାର ଦୂଷିତ ଜଳ ନଦୀ ମାନଙ୍କରେ ମିଶୁଛି। ଏସବୁ ଜଳରେ ଥିବା ଜଳଚର ମାଛମାନେ ଏହାକୁ ଭକ୍ଷଣ କରି ଯଦି ଧରାହୋଇ ମାନବ ଭକ୍ଷ୍ୟକୁ ଆସିଲେ ସେ ମାଛ ଦେହରେ ବିଷାକ୍ତ ରସାୟନ ଯାହା ମାନବ ଶରୀରର ସ୍ୱାଭାବିକ ପ୍ରକ୍ରିୟାରେ ବିଷ ସୃଷ୍ଟିକାରୀ ହେଉଛି। ପରିବାପତ୍ରରେ ବିଷାକ୍ତ ରସାୟନ ପୋକମରା ଔଷଧ ସାର ଆକାରରେ ବ୍ୟବହାରକୁ ପରିବା ଗୁଡ଼ିକ ଅଧିକ ଦିନ ସତେଜ ପାଇଁ ଭିନ୍ନ ରସାୟନମାନ ପ୍ରୟୋଗ ହେଉଛି। ଏସବୁ ମନୁଷ୍ୟକୁ ଅକାଳ ମୃତ୍ୟୁପଥକୁ ଭିଡିବା ଦିଗ ବାରମ୍ବାର ଖୋଲୁଛି। ଅନେକ ନିତ୍ୟ ବ୍ୟବହାର ସାମଗ୍ରୀ ଅଛି ଯହିଁରେ ବିଷାକ୍ତ ପରିତ୍ୟକ୍ତ ଦ୍ରବ୍ୟ ମିଶାଇ ଅସଲି ବିଶୁଦ୍ଧ ଦ୍ରବ୍ୟ ନାମରେ ଆକୃତି ଓ ନାମ ପ୍ରଚାରରେ ବିକ୍ରୟ ହେଉଛି ଯାହା ଭୋଜନ ବା ବ୍ୟବହାରରେ ମାନବ ପ୍ରାଣ ବିମୋକ୍ଷିତ ହେଉଛି। ଏହା ଏକ ଦିନର ଘଟଣା ନୁହଁ ଅନେକ ବର୍ଷର ଘଟଣା ହେଲାଣି। ଏସବୁ ପୁଞ୍ଜିଭୂତ ଆକ୍ରମଣ ଏପରି ରୋଗକୁ ଆସିବା ବାଟ ଫିଟାଇଛି। ସମସ୍ତେ ଧନୀ ହେବା ସ୍ୱପ୍ନରେ ଥିବାରୁ ଧର୍ମ ଅଧର୍ମ ଜ୍ଞାନ ବିବର୍ଜିତ। ଅଧର୍ମ ବୃଦ୍ଧିରେ ସଂହାର ଶକ୍ତି ଆସେ। ହେଲେ ଜଣେ ଅଧର୍ମ କରିବା ବେଳେ ଜଣେ ଅଧେ ସାଧୁବ୍ୟକ୍ତି ବି ପଡୁଛନ୍ତି। ବଡ଼ ବଡ଼ ହସ୍ପିଟାଲ ଖୋଲା ଯାଇଛି ଧନୀ ଏ ଏଠାକୁ ଯାଇ ଚିକିତ୍ସା ହେଉଛନ୍ତି ମାତ୍ର ଦରିଦ୍ର ଲୋକଙ୍କ ପାଇଁ ଏ ସ୍ଥଳକୁ ଯିବା ଏବେ ବି ସାତସପ୍ନ। ରାଜା ଯଦି ସମସ୍ତଙ୍କର ଗଣଙ୍କୁ ବଞ୍ଚାଇବା ନିହାତି ଦାୟିତ୍ୱ। ରାଜା ରାଜକ୍ୟବର୍ଗ ମିଁ ଏ ସଙ୍କଟରେ ରସୟନ ବିଜ୍ଞାନୀଙ୍କୁ ସ୍ଥିରମତିରେ ଶୀଘ୍ର କାମ କରି ଏ ରୋଗ ଦମନ ପାଇଁ ପୁଣି ନହେବା ପାଇଁ ଔଷଧ ପ୍ରତିଷେଧକ ବାହାର କରନ୍ତୁ। ପ୍ରଥମେ ଚାପି ହୋଇ ରହିଥିବା ବହି ପୃଷ୍ଠାରେ ଏହା ଖୋଜା ଦରକାର, ତାପରେ ନିତ୍ୟ ପ୍ରୟୋଗ ତଥ୍ୟର ସଂସ୍କାର ଦରକାର, କଣ୍ଟକେ ନୈବ କଣ୍ଟକମ୍ ଓ ବିଷସ୍ୟ ବିଷମହୋଷଧମ୍ ଧାରାରେ ପ୍ରୟୋଗ ଖୋଜାଯିବା ଦରକାର। ଶଙ୍କର ବିଷହାରୀ ତାଙ୍କର ପାଇଁ ଯର୍ଜୁବେଦରେ ରଦ୍ରୀ ଅଛି। ଏଥିରେ ଅନେକ ମନ୍ତ୍ରକୁ ଡିକୋଡିଂ ସଠିକ୍ ଭାବରେ କଲେ ଶାସ୍ତ୍ରୀୟ ଔଷଧ ବାହାରି ଯିବ। କାରଣ ଖୋଦ୍ ରଦ୍ର ହିଁ ବୈଦ୍ୟନାଥ ଆଶା ଜ୍ଞାନୀମାନେ ଏଥିରେ ଦୃଷ୍ଟିଦେବେ। ଲୋକ ରକ୍ଷଣ ପାଇଁ ସେହି ବିଷହାରୀ ବିଷଭକ୍ଷଣକାରୀ ରୁଦ୍ରଙ୍କ ଶରଣାପନ୍ନ ହେବେ। ବେଦମନ୍ତ୍ର ବିଫଳ କେବେ ହୁଏନାହିଁ। ଯର୍ଜୁବେଦର ଏ ମନ୍ତ୍ରର ଭାବ ସଂଗ୍ରହ ସହିତ ଅଥର୍ବ ବେଦର ଦିବ୍ୟ ଶାନ୍ତିମନ୍ତ୍ର ପ୍ରୟୋଗ ଦରକାର ହେଉଛି। ମନ୍ଦିର ଖୋଲୁବା ବନ୍ଦ ହେଉ ଶାସ୍ତ୍ର ପ୍ରୟୋଗ ତୁରନ୍ତ ଉନ୍ମୁକ୍ତ ହେଉ। ସବୁ ଫାର୍ମାକୋପିଆ ପ୍ରସ୍ତୁତକାରୀଙ୍କ ଧାରା ଏ ବେଳରେ ତର୍ଜମା କରାଯାଉ।

*ସମ୍ପାଦକ 'ବରେଣ୍ୟବାଣୀ'*
*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୧୦୩୧୨୫୩*

# ଋତୁସ୍ରାବ : ସମସ୍ୟା ଓ ତା'ର ପ୍ରତିକାର



ଡାକ୍ତର ଶୁଭଶ୍ରୀ ମିଶ୍ର

ପିଲାଦିନର ମୋ ପଡ଼ୋଶୀ ସାଙ୍ଗ କାଞ୍ଚନ ଏକ ଭୋଜିରେ ଦେଖାହୋଇଗଲା। ବହୁଦିନ ପରେ ତା ଭିତରେ ହସଖୁସି ତ କିଛି ଦେଖିଲି କିନ୍ତୁ କେଜାଣି କାହିଁକି ତା ଭିତରେ କିଛି ଅସ୍ୱାଭାବିକ ଭାବ ମୋତେ ଲାଗିଲା। ନିରୋଳାରେ ଡାକି କଥା ହେଲା ପରେ ମୋ କ୍ଲିନିକକୁ ଆସିବା ପାଇଁ ପ୍ରସ୍ତାବ ଦେଇଥିଲି। ମୋ କଥାମାନି ସେ ଆସି ବାସ୍ତବିକତା ସମସ୍ୟା କଥା କହିଲା। ବୟସକୁ ନେଇ ତାର ଋତୁସ୍ରାବ ସମସ୍ୟାର ଅସ୍ୱାଭାବିକତା ଓ ଏହା କ୍ରମାଗତ ବେଳେ ବେଳେ ଲାଗି ରହୁଥିବାରୁ ସେ ମୋତେ କହିବା ପରେ ମୁଁ ତାକୁ କହିଲି ମାସିକ ଋତୁସ୍ରାବ ନାରୀ ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା । କେତେକଙ୍କ ଠାରେ ଏହାର ଅନିୟମିତତା ଦେଖାଯିବା ଯୋଗୁଁ ସେମାନେ କେତେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଋତୁସ୍ରାବ ସମୟରେ ତଳିପେଟରେ ପୀଡ଼ା, ଅଧିକ ରକ୍ତସ୍ରାବ ତଥା ଯୌନାଙ୍ଗରୁ ଅସ୍ୱାଭାବିକ ସ୍ରାବ ଆଦି ଅନେକ ସମସ୍ୟା ଦେଖିବାକୁ ମିଳେ । ଏହାର ଠିକ୍ ସମୟରେ ଚିକିତ୍ସା ନିହାତି ଆବଶ୍ୟକ । ସାଧାରଣତଃ ଏଗାରରୁ ଚଉଦ ବର୍ଷ ବୟସ ମଧ୍ୟରେ ମାସିକ ଋତୁସ୍ରାବ ଆରମ୍ଭ ହୋଇଥାଏ । ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ କରାଉଥିବା ଅବସ୍ଥାକୁ ଛାଡ଼ିଦେଲେ ଏହା ପ୍ରାୟ ନିଶ୍ଚିତ ସମୟରେ ହୋଇଥାଏ । ମାସିକ ଋତୁସ୍ରାବ ପ୍ରତି ୨୮ ଦିନରେ ଥରେ ହୁଏ । ଏହି ଚକ୍ରର ସମୟ ସମସ୍ତଙ୍କଠାରେ ସମାନ ହୋଇ ନଥାଏ । ତେଣୁ ଏହାର ୨୨ ରୁ ୩୫ ଦିନ ପର୍ଯ୍ୟନ୍ତ ଧରାଯାଇଥାଏ । ପ୍ରାୟତଃ ୧୦ ରୁ ୨୦ ଭାଗ ମହିଳାଙ୍କଠାରେ ଋତୁସ୍ରାବ ଜନିତ ସମସ୍ୟା ଦେଖାଯାଏ । ଏହି ସମସ୍ୟାକୁ ଚିକିତ୍ସା ଦ୍ୱାରା ଦୂର କରାଯାଇପାରେ ମାତ୍ର ଅବହେଳା କଲେ ଏହା ଗୁରୁତର ହୋଇଥାଏ । ପ୍ରାୟ ୩୦ ଭାଗ କିଶୋରୀ ମାସିକ ଋତୁସ୍ରାବ ସମୟରେ ତଳି ପେଟରେ ପୀଡ଼ା ଅନୁଭବ କରନ୍ତି ଯାହା ବର୍ଷ ବର୍ଷ ଲାଗିରହେ । ୨୦ ବର୍ଷ ହେବା ପରେ ବା ବିବାହ ପରେ ଏହା ଆପେ ଆପେ ଠିକ୍ ହୋଇଯାଏ । ଅନେକ କ୍ଷେତ୍ରରେ ତଳି ପେଟର ବେଦନା ଅସହ୍ୟ ହୋଇଥାଏ । ଏହି କ୍ଷେତ୍ରରେ ନିୟମିତ ଔଷଧ ସେବନ କରିବାକୁ ପଡ଼ିଥାଏ । କିଶୋରୀ ଅବସ୍ଥାରେ ଅନ୍ୟ ଏକ ସମସ୍ୟା ହେଲା ସ୍ରାବ ଆରମ୍ଭ ହେବାର ବର୍ଷେ ଦୁଇ ବର୍ଷ ପର୍ଯ୍ୟନ୍ତ ଅତ୍ୟଧିକ ଋତୁସ୍ରାବ ହେବା । ଏହା ବଂଶଗତ ମଧ୍ୟ ହୋଇପାରେ । ଏପରି କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିବା ଉଚିତ । ଏଥିପାଇଁ ସ୍ୱାସ୍ଥ୍ୟପରୀକ୍ଷା କରିବା ସହିତ ଅଲଟ୍ରାସାଉଣ୍ଡ ମଧ୍ୟ କରିବାକୁ ପଡ଼ିଥାଏ । ତିନିରୁ ଛଅ ମାସ ପର୍ଯ୍ୟନ୍ତ ହରମୋନ ବଟିକା ଖାଇବା ଦ୍ୱାରା ଏହି ସମସ୍ୟା ଠିକ୍ ହୋଇଥାଏ । ଚିକିତ୍ସାରେ ଅବହେଳା କଲେ ରୋଗୀ ରକ୍ତହୀନତାର ଶିକାର ହୁଏ । କେତେକ ଅବିବାହିତ ଝିଅଙ୍କ କ୍ଷେତ୍ରରେ ମାସିକ ସ୍ରାବ ୪୫ କିମ୍ବା ୬୦ ଦିନରେ ହୋଇଥାଏ । କେବେ କେବେ ୩-୪ ମାସ ବିଳମ୍ବରେ ମଧ୍ୟ ସ୍ରାବ ହୁଏ । ଏପରି ସମସ୍ୟା କିଛି ବର୍ଷ ଲାଗି ରହେ ଓ ବିବାହ ପରେ ଠିକ୍ ହୋଇଯାଏ । ଏହା ଡ଼ିମ୍ବାଶୟରେ ଶୋଥ ହେବା କାରଣରୁ ହୋଇଥାଏ । ଡାକ୍ତରୀ ଭାଷାରେ ଏହାକୁ ପଲିସିଷ୍ଟିକ୍ ଓଭାରୀ କୁହାଯାଏ । ଏହାର ନିଦାନ ରକ୍ତ ପରୀକ୍ଷା ତଥା ଅଲଟ୍ରାସାଉଣ୍ଡ ଦ୍ୱାରା କରାଯାଏ । ଏହାର ଚିକିତ୍ସା ପାଇଁ ୬ରୁ ୯ ମାସ ଯାଏ ନିୟମିତ ଔଷଧ ଖାଇବାକୁ ପଡ଼େ । ସମୟେ ସମୟେ ଔଷଧ ଖାଇବା ସତ୍ତ୍ୱେ ଏହା ଠିକ୍ ହୁଏ ନାହିଁ । ତେଣୁ ବିବାହ ପରେ ମାଆ ହେବାର ସମସ୍ୟା ଉପୁଜିବ ବୋଲି ଅନେକ ଚିନ୍ତିତ ହୋଇପଡ଼ନ୍ତି । କିନ୍ତୁ ଏଥିରେ ଚିନ୍ତା କରିବାର କୌଣସି କାରଣ ନାହିଁ । ବାହାଘର ପରେ ଏହା ସତଃ ଠିକ୍ ନହେଲେ ମଧ୍ୟ ଚିକିତ୍ସା ଦ୍ୱାରା ଗର୍ଭଧାରଣ ସମ୍ଭବ ହୋଇଥାଏ ଓ ଥରେ ଗର୍ଭବତୀ ହେବା ପରେ ଏହି ସମସ୍ୟା ଆଉ ରହେନାହିଁ । ତେବେ ଅତ୍ୟଧିକ ଧଳାସ୍ରାବ ହେବା ସହିତ ଯଦି ଯୌନାଙ୍ଗ କୁଣ୍ଡେଇ ହୁଏ ତେବେ ତାହା ସଂକ୍ରମଣ ଜନିତ ରୋଗ ବୋଲି ଜାଣି ତୁରନ୍ତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍ । ଅନେକ କ୍ଷେତ୍ରରେ ଦେଖାଯାଏ ଋତୁସ୍ରାବ ସମସ୍ୟାକୁ ନେଇ କେହି କେହି ଅତ୍ୟଧିକ ଭୟଭୀତ ହୋଇପଡ଼ନ୍ତି। ସେହିପରି ଡାକ୍ତରଙ୍କୁ ନ ଦେଖାଇ ଘରୋଇ ଉପଚାର ବା କାହାର କାନକୁହା କଥା ଶୁଣି ଏହି ସମସ୍ୟାର ନିରାକରଣ ପାଇଁ ଚେଷ୍ଟା କଲେ ଏହା ବିପଜ୍ଜନକ ହୋଇଥାଏ। ମହିଳାଙ୍କ ଶରୀରରେ ଋତୁସ୍ରାବ ଏକ ପ୍ରକୃତିଗତ ପ୍ରକ୍ରିୟା। ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଆଜିକାଲି ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ରହୁଥିବାରୁ ସେମାନଙ୍କ ପରାମର୍ଶ ନିଅନ୍ତୁ। ଆବଶ୍ୟକ ପଡ଼ିଲେ ରକ୍ତ ପରୀକ୍ଷା ବା ମୂତ୍ର ପରୀକ୍ଷା ବା ଅନ୍ୟ ପରୀକ୍ଷା କରାଇ ନିଅନ୍ତୁ। ଋତୁସ୍ରାବ ସମୟରେ ଡାକ୍ତରଙ୍କ ପରାମର୍ଶ ନେଇ ଭିଟାମିନ ଟନିକ୍ ବା ଟାବଲେଟ ତ ଖାଇବେ, ଫଳ, ତଟକା ପନିପରିବା, ଶାଗ, ସାଲାଡ଼, କ୍ଷୀର ଇତ୍ୟାଦି ବହୁତ ଭଲ। କୌଣସି ଗରିଷ୍ଠ ଖାଦ୍ୟ ନଖାଇ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଫାଷ୍ଟଫୁଡ୍ ନଖାଇବା ଭଲ। ଖାଦ୍ୟରେ ଯେତେ ସମ୍ଭବ କମ୍ ତେଲ, ମସଲା, ଲଙ୍କା ଆଦିର ପରିମାଣ କମ୍ ରଖନ୍ତୁ। ପ୍ରଚୁର ବିଶୋଧିତ ପାଣି ପିଅନ୍ତୁ ଓ ଶାରୀରିକ ବ୍ୟାୟାମ ଡାକ୍ତରଙ୍କ ପରାମର୍ଶ ନେଇ ଅଭ୍ୟାସ କଲେ ଭଲ। ଋତୁସ୍ରାବ ପାଇଁ ଆବଶ୍ୟକ ହେଉଥିବା ନାପ୍‌କିନ୍ ବା ସମ୍ପୂର୍ଣ୍ଣ ଔଷଧୀୟ ବିଶୋଧିତ ଗଜକୁ ଗୁରୁତ୍ୱ ଦିଅନ୍ତୁ। ନଚେତ୍ ସଂକ୍ରମଣର ସମସ୍ୟା ଉପୁଜିପାରେ। ଏହି ସମୟରେ ସହବାସ ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଋତୁସ୍ରାବକୁ ନେଇ ମନ ଭିତରୁ ସମ୍ପୂର୍ଣ୍ଣ ରୂପେ ଭୟକୁ କାଢ଼ି ଦିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ, ନାମସ୍ମରଣ କରନ୍ତୁ ଏବଂ ଆଧାତ୍ମିକ ପୁସ୍ତକ ପଢନ୍ତୁ।

*ସହକାରୀ ପ୍ରଫେସର*
*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ*
*ପୁରୀଘାଟ ରୋଡ୍, କଟକ*
*ଦୂରଭାଷ : ୯୮୬୧୪୬୩୪୦୬*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଧୃତିଃ :-**

*ଧୃତିର ଅର୍ଥ ଧୈର୍ଯ୍ୟ। ଗୀତାରେ କର୍ମ ସନ୍ୟାସ ଯୋଗ ଅନୁସାରେ ଧୃତି କ୍ଷତ୍ରିୟର ଲକ୍ଷଣ ଅଟେ।*

*ଶୌର୍ଯ୍ୟ ତେଜୋଧୃତିଦାକ୍ଷ୍ୟଂ ଯୁଦ୍ଧ ଚାପ୍ୟପଳାୟନମ୍।*

*ଦାନମୀଶ୍ୱର ଭାବଶ୍ଚ କ୍ଷାତ୍ର କର୍ମ ସ୍ୱଭାବଜମ୍।।*

ଆଜିର ପରିପ୍ରେକ୍ଷୀରେ କହିବାକୁ ଗଲେ କ୍ଷତ୍ରିୟ ମାନେ ପ୍ରଶାସକ। ମାତ୍ର ଧୈର୍ଯ୍ୟ ମାନବ ମାତ୍ରଙ୍କ ପାଇଁ ଏକ ଆବଶ୍ୟକ ଗୁଣ। ଜୀବନରେ ଛୋଟ କଥାରୁ ଆରମ୍ଭ କରି ବଡକଥା ପର୍ଯ୍ୟନ୍ତ ଧୈର୍ଯ୍ୟ ରଖିବା ଅଭୀଷ୍ଟ ଅଟେ। ନିତିଦିନିଆ ଚଳନିରେ ଧୈର୍ଯ୍ୟର ଅର୍ଥ ବୁଝିବା ପାଇଁ ଛୋଟ ଉଦାହରଣ ନିଆଯାଇପାରେ। ଯେମିତିକି ଛୋଟ ଝିଅମାନେ ଗୌରୀ ବ୍ରତ କଲାବେଳେ ଗୋଟିଏ ମାଟିଭରା ପାତ୍ର ରଖି ସେଥିରେ ଧାନ କିମ୍ବା ଗହମ ପକାଇଥାନ୍ତି। ସେଥିରୁ ଗଜା ବାହାରିବା ପର୍ଯ୍ୟନ୍ତ ସେଥିରେ ପାଣି ଛିଞ୍ଚିଥାନ୍ତି। କିଛି ସମୟ ଖରାରେ ରଖିଥାନ୍ତି। ପକ୍ଷୀ ନ ଖାଆନ୍ତୁ ସେଥିପାଇଁ ଜଗି ରହିଥାନ୍ତି। ଏପରି ସାତ, ଆଠ ଦିନ ପରେ ଗଜା ହୋଇଥାଏ। ପରନ୍ତୁ ଯଦି କାହିଁ ଗଜା ହେଉନାହିଁ ଭାବି ପ୍ରତ୍ୟେକ ଦିନ ସକାଳୁ ଉଠି ପାତ୍ରରୁ ମାଟି ବାହାର କରି ପୁଣି ରଖାଯାଏ ତେବେ ଧାନ କିମ୍ବା ଗହମ ଗଜା ହୋଇ ପାରିବ କି? ତେଣୁ ଅପେକ୍ଷାତ ନିହାତି ଆବଶ୍ୟକ। ଏହି ଅପେକ୍ଷା ହିଁ ଧୈର୍ଯ୍ୟ ଅଟେ। ଠିକ୍ ସେହିଭଳି କ୍ଷୀରରେ ଅଳ୍ପ ମହୀ ପକାଇ ଅପେକ୍ଷା କରିବାକୁ ପଡିଥାଏ ଦହି ହେବା ପାଇଁ। ଏହାକୁ ହଲଚଲ କଲେ ଠିକ୍ ଭାବରେ ଦହି ହୋଇ ପାରେନା। ଯେଉଁ ବ୍ୟକ୍ତି ସ୍ଥିର ବୁଦ୍ଧି ସମ୍ପନ୍ନ ତା ପାଖରେ ଧୈର୍ଯ୍ୟ ରହିଥାଏ। ଅସ୍ଥିର ବୁଦ୍ଧି ବାଲା ଧୈର୍ଯ୍ୟହୀନ ଅଟନ୍ତି।

ଜୀବନ ପଥ ସିଧା ନୁହେଁ। ଆରୋହ, ଅବରୋହ ଭରା ଅଟେ। ତେଣୁ ଉଚ୍ଚାଟ କିମ୍ବା ଅସ୍ଥିର ହେଲେ କାମ ହେବ ନାହିଁ। ଏହାବି ମନେ ରଖିବା ଦରକାର ଭୟଙ୍କର ଝଡ ତୋଫାନ ପରେ ଏକ ସୁନ୍ଦର ସକାଳ ବି ଆସିଥାଏ। ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦଜୀ ମହାରାଜ ଦୃଷ୍ଟାନ୍ତ ଦେଇ ଏକ କାହାଣୀ କୁହନ୍ତି ଯେ - ଜଣେ ପିତାର ମୃତ୍ୟୁ ପରେ ଦୁଇଭାଇଙ୍କ ମଧ୍ୟରେ ସମ୍ପତ୍ତି ବଣ୍ଟାକୁଣ୍ଟା ହେଲା। ସବୁ ସମ୍ପତ୍ତି ବାଣ୍ଟି ସାରିବା ପରେ ପିତାଙ୍କର ତକିଆ ତଳୁ ଏକ ଡବା ଓ ଏକ ମୁଦି ମିଳିଥିଲା। ଡବାରେ ମୂଲ୍ୟବାନ ହୀରା ଥିଲା। ବଡଭାଇ କହିଲା ଏହି ହୀରା ଆମ କୁଳର ସମ୍ପତ୍ତି। ପିଢ଼ି ପରେ ପିଢ଼ି ଏହାକୁ ରଖି ଆସୁଛନ୍ତି। ତେଣୁ ଏହାକୁ ମୁଁ ରଖିବି। ସାନଭାଇ କିଛି କହିଲା ନାହିଁ। ମୁଦିକୁ ନିଜ ପାଖରେ ରଖିଲା। ସମୟକ୍ରମେ ବଡଭାଇକୁ ବହୁତ ଖରାପ ଅବସ୍ଥାର ସମ୍ମୁଖୀନ ହେବାକୁ ପଡିଥିଲା। ସମସ୍ତ ସମ୍ପତ୍ତି ହରାଇ ସେ କାଙ୍ଗାଳ ହୋଇ ଯାଇଥିଲା। କିନ୍ତୁ ଛୋଟଭାଇ ପ୍ରତ୍ୟେକ କଠିନ ପରିସ୍ଥିତିରେ ସ୍ଥିରତାର ସହ ଧୈର୍ଯ୍ୟ ରଖି ପରିସ୍ଥିତିର ସାମ୍ନା କରି ନିଜକୁ ଠିଆ କରାଇଥିଲା କାରଣ ତା ଭାଗରେ ଆସିଥିବା ମୁଦିଟିରେ ଖୋଦାହାଇ ଲେଖା ହୋଇଥିଲା Even this will pass away ଏ ମଧ୍ୟ ଚାଲିଯିବ।

(କ୍ରମଶଃ)

# ସମ୍ପର୍କର ସୂତାଖିଅ

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।


କ୍ଷୀରୋଦ ଦାସ

ଭାଗ-୨୭

ମନ ଚାହୁଁଥିବା କଥା କେବେ ଘଟିଲାଣି କି କାହା ଜୀବନରେ!

ସେଦିନ ରାତିରେ ସେ ଘର ଭାରି ମାଡି ମାଡି ପଡୁଥିଲା। ସେଠି ପ୍ରାୟ ଛ' ସାତବର୍ଷ ରହିବା ଭିତରେ ଏପରି କେବେ ଅନୁଭବ କରିନଥିଲା ସୁରେନ୍ଦ୍ର। ନିଦ ହେଲା ନାହିଁ ଜମା। ଘରର ଝରକା, କାନ୍ଥ, ଚଟାଣ, ଛାତ ଭିତରୁ ଛାଇଟିଏ ପରି ଦିଶିଯାଉଥିଲା ଗୋଟେ ଅସ୍ପଷ୍ଟ ଛବି। ଦିଶୁଥିଲା... ପୁଣି... ଉଭେଇ ଯାଉଥିଲା। ଲାଇଟ୍ ଲିଭାଇ ଦେଇ ସେ ଚୁପ୍‌ଚାପ୍ ଗଡିପଡିଲା ଖଟ ଉପରେ।

ନିଦ ଗଲା କୁଆଡେ?

ମମତା ତା ହେଲେ ପଳେଇଲା? ଏକବାରେ ଘର ଛାଡ଼ି ପଳେଇଲା? ଅବଶ୍ୟ ସମୟର ସୁଅ ଉପରେ ସେମାନେ ଠିକ୍ ଭାବେ ଗତି କରିପାରିଲେ ନାହିଁ। ସେଥିପାଇଁ ମନ ଓ ଯୋଜନା ଅନୁଯାୟୀ, ରୁଚି ମୁତାବକ ଜୀବନଟେ ବଞ୍ଚି ହେଲାନାହିଁ। ନା ବଞ୍ଚିପାରିଲା ମମତା, ନେ ସେ। କୋଉଠି କିଛି ଗଣ୍ଡଗୋଳିଆ ହୋଇଗଲା। ଗୋଟେ ଭାବପ୍ରବଣତାରେ ଭାସିଯାଇ ସିନା ତରବରିଆ ଭାବେ ଏତେବଡ ସିଦ୍ଧାନ୍ତଟେ ନେଇଯାଇଥିଲା ମମତା, ହେଲେ ସ୍ୱପ୍ନ ଓ ବାସ୍ତବତା ଭିତରେ କେତେ ଯେ ପ୍ରଭେଦ, ସେକଥା ସେ ଭାବି ନଥିଲା ସେତେବେଳେ।

କିଏ ଭାବେ ଯେ?

ବିଭାଘର ପୂର୍ବରୁ ଲଭ୍ କରୁଥିବା ସମୟରେ ଦେହ ଓ ମନ ଭିତରେ ଗ୍ଲାମର୍ ବୋଲି ଯେଉଁ ଜିନିଷଟି ଖୁନ୍ଦି ହୋଇ ରହିଥିଲା, ବିଭାଘର ପରେ ତାହା ସହସା କୁଆଡେ ଅନ୍ତର୍ଦ୍ଧାନ ହୋଇଗଲା। ଯାହା କଥା ଭାବିବା ମାତ୍ରେ ସାରା ପୃଥିବୀ ଉଚ୍ଛୁଳି ଉଠୁଥିଲା ରଙ୍ଗ ବେରଙ୍ଗର ନାନା ବାସ୍ନାମୟ ଫୁଲର ସମ୍ଭାରରେ, ସେକଥା ପରବର୍ତ୍ତୀ ସମୟରେ ମନ ଭିତରକୁ ବୋହି ଆଣିଲା ଶୁଷ୍କ, ନୀରସ ଅବବୋଧ ଗୁଡାଏ। ମାନସିକ ସ୍ଥାଣୁତ୍ୱ ଆବୋରି ପକାଇଲା ସର୍ବାଙ୍ଗକୁ। ଦୁନିଆଯାକର କ୍ଳାନ୍ତି ବୋଲି ହୋଇଗଲା ଦେହ, ମନ ଆତ୍ମାରେ।

ମମତାର କଥା ଓ କାମ ଭିତରେ ତାଳ ମେଳ ରହିଲା ନାହିଁ। ମାତ୍ର ମାସଟେ ଭିତରେ ମିଛ ହୋଇଗଲା ପ୍ରଲମ୍ବିତ ପ୍ରତିଶ୍ରୁତି।

ପ୍ରବଳ ମାନସିକ ଚାପ ସତ୍ତ୍ୱେ ତାପର ଦିନ ସୁରେନ୍ଦ୍ର ଗଲା ଦୋକାନକୁ। କହିଲା ନାହିଁ କାହାକୁ ଏକଥା, ଏପରି ମାଲିକଙ୍କୁ ମଧ୍ୟ। ସବୁ ଯେପରି ନିର୍ମାଲ୍, ସେ ସତେ କି ଜଞ୍ଜାଳହୀନ ଜୀବନଟେ ବଞ୍ଚୁଛି, ସେହିପରି ଛବିଟେ ଝୁଲାଇ ରଖିଥିଲା ମୁହଁରେ, ବହୁତ କଷ୍ଟରେ।

ସେଦିନ ଖରାବେଳେ ତା' ଠିକଣାରେ ପୋଷ୍ଟକାର୍ଡଟିଏ ଆସି ପହଞ୍ଚିଲା। ବୋଉ ଚିଠି ଦେଇଥିଲା ଗାଁ'ରୁ।

"ସୁରରେ, ପାଖାପାଖି ଛ' ମାସ ହେଲା ଗଲୁଣ୍ଣ, ତୋର ଆଉ ଦେଖାଦର୍ଶନ ନାହିଁ। ସେଇ ତୋ ବାପାଙ୍କ କାମ ବେଳକୁ, ଯାହା ଆସିଥେଲୁ! ବାପରେ, ଘରେ ଭାରି ଅସୁବିଧା। ନଟଦାସ ଆମ ଘର ଡିହ ଜବରଦଖଲ କରିନେଇଛି। ଆମେ ମା' ଝିଅ ଦିହେଁ ନାଳବନ୍ଧରେ ଝୁମ୍ପୁଡିଟିଏ କରି ମୁଣ୍ଡ ଗୋଞ୍ଜୁଛୁ। ଘରେ ଧାନ ଚାଉଳ କିଛି ନାହିଁ। ତୋ ମାମିନା ଅପା ଦେହ ଭଲ ନାହିଁ। ତା' ପେଟ କାଟୁଚି ସବୁବେଳେ। ତା' ଅବସ୍ଥା ଦେଖି ମୋ ପେଟକୁ ଭାତ ଯାଉ ନାହିଁ। କ'ଣ କରିବି ମତେ କିଛ ବୁଦ୍ଧିବାଟ ଦେଖାଯାଉ ନାହିଁ। ବୋହୂ ଦେହ ପା' କେମିତି ଅଛି? ମୋ ବାଇଆଟା ପରା, ଏ ଚିଠି ପାଇ ବସିଲା ଥାନରୁ ଉଠି ଆସିବୁ...।"

ଦିନ ଦ୍ୱିପ୍ରହରରେ ତା' ଆଖି ଆଗରେ ସୃଷ୍ଟି ହୋଇଗଲା ଅନନ୍ତ ଅନ୍ଧକାର। ଚିଠିଟିକୁ ଥରେ ନୁହେଁ, ସେ ବାରମ୍ବାର ପଢ଼ିଲା। ଆଖିର ଲୁହରେ ପୋଷ୍ଟକାର୍ଡର ଅକ୍ଷର ଧୋଇହୋଇଯିବା ପର୍ଯ୍ୟନ୍ତ ପଢ଼ିଲା। ଅନେକ ସମୟଯାଏ ଜାକି ଧରିଲା ଛାତିରେ। ଲାଗିଲା ଚିଠିକୁ ନୁହେଁ, ଚମ ଧୁଡୁଧୁଡୁ ତା' ବୋଉକୁ ସେ ଧରିଛି କୋଳରେ। ଆଖିର ଲୁହରେ ପୋଛି ଦେଉଛି ତା' ଭିତରର ସବୁ ଦୁଃଖ, ସବୁ ଯାତନା। ଚିଠିର ଅସ୍ପଷ୍ଟ ଅକ୍ଷର ପରି ଦୟନୀୟ ଦେଖାଯାଉଛି ବୋଉ ମୁହଁ।

କଇଁ କଇଁ ହୋଇ କାନ୍ଦି ଉଠିଲା ସୁରେନ୍ଦ୍ର। ଦୋକାନରେ ଉପସ୍ଥିତ ଅନ୍ୟ ତିନିଜଣ ସହକର୍ମୀ ତାଜୁବ୍ ହୋଇଗଲେ। ହାଁ କରି ଅନେଇ ରହିଥିଲେ ତା' ମୁହଁକୁ।

ସେ'ଦିନ ରାତିରେ ଠିକ୍ କଲା ଆଗେ ଯିବ ସେ ମମତା ଘରକୁ। ଜୀବନରେ ପ୍ରଥମ ଥର ପାଇଁ, ବୋଧହୁଏ ଶେଷଥର ପାଇଁ। ଏ ବ୍ୟାପାରରେ ତାକୁ ଏକ ନିଷ୍ପତ୍ତି ନେବାକୁ ପଡିବ, ଯେତେ ଶୀଘ୍ର। ସେଠୁ ଫେରି ଯିବ ଗାଁକୁ। ତା'ପରେ ଯାଇ କଥାବାର୍ତ୍ତା ନଟଦାସ ସହିତ। ନକୁଳ ପ୍ରଧାନ ସହିତ।

ତା'ପରଦିନ ଅପରାହ୍ନ ଚାରିଟା ବେଳକୁ ଭୁବନମୋହନ ପଟ୍ଟନାୟକଙ୍କ ତ୍ରିତଳ ଅଟ୍ଟାଳିକାର ଗେଟ୍ ବାହାରେ ଠିଆହୋଇଥିଲା ସୁରେନ୍ଦ୍ର। ମୁଣ୍ଡ ଉଠାଇ ଦେଖିନେଲା ନେମ୍ ପ୍ଲେଟ୍। ଯେସ୍ ଠିକ୍ ସ୍ଥାନରେ ସେ ଆସି ପହଞ୍ଚି ସାରିଛି।

ଗେଟ୍ ସେପାଖରୁ ସୁରେନ୍ଦ୍ରକୁ ସ୍ୱାଗତ କଲା ଭୀଷଣ ଦର୍ଶନ ଆଲ୍‌ସିସିଆନ୍ କୁକୁର। ବାଘପରି ଦାନ୍ତ ଦେଖାଇ ବହେ ଶୋଧିଲା, ସତେ ଯେପରି ତା'ସାମ୍ନାରେ ଠିଆହୋଇଥିବା ମଣିଷଟି ଜଣେ ଖୁଣୀ ଆସାମୀ କି ଉଗ୍ରପନ୍ଥୀ!

ପରେପରେ ବାହାରି ଆସିଲେ ଭୁବନମୋହନ ବାବୁ! ଡେଙ୍ଗା ଚୌଡା ଗୋରା ସୌମ୍ୟଦର୍ଶନ ପୌଢ଼। ଆଖିରେ ଦାମୀ ଚଷମା। ପରିଧାନ ସଫା ଧଳା ଚୂଡ଼ିଦାର ପଞ୍ଜାବୀ। ତୀକ୍ଷ୍ଣ ଯଥା ତାତ୍ପର୍ଯ୍ୟପୂର୍ଣ୍ଣ ଚାହାଣୀରେ ପଚାରିଲେ - 'କିଏ ତୁମେ?'

'ତୁମେ କିଏ? - ଏ ପ୍ରଶ୍ନଟି ବାହାରି ଆସୁଆସୁ ସୁରେନ୍ଦ୍ର ନିଜକୁ ସଂଯତ କଲା ଏବଂ କହିଲା- ମୁଁ ସୁରେନ୍ଦ୍ର କୁମାର ମହାନ୍ତି।

'ଓଃ!' - ଉଚ୍ଚାରଣ କଲେ ଭୁବନମୋହନ ବାବୁ- "ତମେ ତେବେ ମିଷ୍ଟର ସୁରେନ୍ଦ୍ର! ସଙ୍ଗୀତ ଶିକ୍ଷା ଦେବା ଆଳରେ ମୋ ଝିଅକୁ ଅପହରଣ କରି ନେଇଥିବା ଜଣେ ଗୁଣ୍ଡା, ଅପହରଣକାରୀ, ଅସାମାଜିକ ଯୁବକ! ଆମ୍ ଆଇ ରାଇଟ୍...!!

ଚୁପ୍‌ଚାପ ଠିଆହୋଇ ସୁରେନ୍ଦ୍ର ଶୁଣୁଥିଲା ତା' ଲକ୍ଷପତି ଶଶୁରଙ୍କ ବାର୍ତ୍ତାଳାପ।

"ସୋ, ମିଷ୍ଟର ସୁରେନ୍ଦ୍ର, ଆସିଛ ଭଲ କରିଛ। ଯଦି ସମୟ ଥାଏ, ଜମା ଦଶମିନିଟ୍ ଅପେକ୍ଷା କର। ଥାନା ଏଠୁ ମାତ୍ର ଦେଢ଼ କିଲୋମିଟର ବାଟ। ତମକୁ ସ୍ୱାଗତ କରିବା ପାଇଁ ମୁଁ ଦଳେ ଖାକିବାଲାଙ୍କୁ ଡାକି ଦେଉଛି...।"

ଭୁବନମୋହନ ବାବୁ ଫେରିଯାଉଥିବା ବେଳେ ଅଟକିଲେ ଏବଂ ବୁଲିପଡି କହିଲେ- "ବାଇ ଦି ୱେ, ଝିଅ ଅପହରଣ ମାମଲାରେ ମୋର ନିରବତାକୁ ମୋର କାପୁରୁଷତା ବୋଲି ତମେ ଭାବୁଛ କି? ଏ ସହରରେ ମୋର ଲୋକପ୍ରିୟତା ଓ ପ୍ରତିପତ୍ତି ବିଷୟରେ ତୁମକୁ ଅବଗତ କରାଇବାକୁ ପଡିବ ନାହିଁ ବୋଲି ମୋର ବିଶ୍ୱାସ। ମୁଁ ଜାଣିଥିଲି ଠିକ୍ ସମୟରେ ମୋ ଝିଅ ଫେରିଆସିବ ମୋ ପାଖକୁ। ତେଣୁ ପୋଲିସ କିମ୍ବା ଗୁଣ୍ଡା କାହାର ସାହାଯ୍ୟ ନେବାର ଆବଶ୍ୟକତା ଅନୁଭବ କରିନଥିଲି ମୁଁ। ଯଦିଓ ମୋର ଗୋଟାଏ ଚୁଟ୍‌କିରେ ଅନେକ କିଛି ଘଟିଯାଇପାରେ ଏ ସହରରେ। ଏକଥା ମୁଁ ଆଗରୁ କହିସାରିଛି ତମର ସେ ବନ୍ଧୁକୁ। ଓ.କେ., ତମେ ଏବେ ଯିବ ନା ମୁଁ ଡାକିବି ମୋ ସିକ୍ୟୁରିଟି ଗାର୍ଡକ?"

(କ୍ରମଶଃ)

# ପ୍ରେମିକା



**ଡଃ. କିଶୋର ମହାନ୍ତି**

କବିତାରେ
ଶବ୍ଦର ଚିତ୍ରକଳା
ପ୍ରେମିକା!
ଅବା ଖିଟିଂର ମୀନକରା
ମୁଗୁନି ପଥରେ ଅଙ୍କା ନିଟୋଳ ଯୌବନ
ପାଦରେ ଘୁଙ୍ଗୁର... ଫୁଲେଇ ଆମ୍ରପାଲି ବାଳା
ମିଛ ବାହାନା ଖାଲି
ହସରେ ସଜାଇଥାଏ ଚଉଷଠି ମସଲା
କେତେବେଳେ ଓଠ ଥର ଥର
କେତେବେଳେ ଆନମନା ଭୁଇଁରେ କାଟୁଥାଏ ପାଦରେ ଗାର
ଚିନିଚମ୍ପା ଆଙ୍ଗୁଳିକୁ ଗୁଡେଇ ପଣତ କାନିରେ
ପୁଣି ଫିଟାଉଥାଏ ବାର ବାର
ତିଳ ଚିହ୍ନ ତାର ଲାଲ ଜରଜର





ନିରୀହ ଆଖିରେ ତାର ଖେଳୁଥାଏ କେମିତି
ଜାଣି ନ ଜାଣିଲା ପରି ଶବ୍ଦଙ୍କ ଜୁଆର
ଲାଗିଥାଏ ଦୁଇଟି ଜାଉଁଳି କବାଟ
ପବନ ସାଥିରେ କିଏ କରଇ ଅଝଟ
ଭଲ ପାଇବାର ଗୋଟିଏ ଦ୍ୱାର ବନ୍ଧରେ ଦିହେଁ ମିଶିଗଲେ
ଲାଗେ ଖୁବ ଆପଣାର. ତାର ବାସ୍ନାରେ କରେସେ ବିଭୋର
ପ୍ରେମର ଈଶ୍ୱରୀ ସେ ପ୍ରେମିକାର ଅବତାର।

*ସିଡିଏ, କଟକ-୧୪*
*ଦୂରଭାଷ : ୯୪୩୭୭୨୮୪୭୫*

# ମହାଳୟାର ମହୋତ୍ସବ



**ରାଜଶ୍ରୀ ମହାପାତ୍ର**

ଦେଖ ତ ଥରେ ତୋର ସେ ପରିପୂର୍ଣ୍ଣା ନୟନେ,
ସଂପୂର୍ଣ୍ଣ ବିଶ୍ୱଟା ଆଜି ମାର୍ଜନା ରତ ତୋ ଆଗମନେ,
ଆଜି ବ୍ରହ୍ମାଣ୍ଡ ଉତ୍ସବ ମୁଖରିତ ତୋ ସୁସ୍ୱାଗତେ,
ତୁ ଆସୁଛୁ ତୁ ଆସୁଛୁ ତୁ ଆସୁଛୁ
ହଁ ତୁ ଆସୁଛୁ ବୋଲି ତ।
ଏଇ ଦେଖତ ନୂଆ ନୂଆ ରୂପରେ
ନିଜକୁ କେମିତି ସଜେଇବାରେ ବ୍ୟସ୍ତ
ଏଇ ଧରିତ୍ରୀ ରାଣୀଟା, ସୂର୍ଯ୍ୟ ଚନ୍ଦ୍ର ଓ
ନକ୍ଷତ୍ରମାନଙ୍କୁ ନେଇ କେତେ କମନିୟ
ରୂପେ ସଜେଇ ଚାଲିଛି ନିଜକୁ କେବଳ
ତୋରି ଆଗମନର ଆଭାସେ।
ମହାଳୟାର ମହୋତ୍ସବରେ ଚଳଚଞ୍ଚଳ
ପାର୍ବରର ମହା ନବରାତ୍ରୀର ହାଟ,
ମହମହ ସୁଗନ୍ଧରେ ବ୍ୟାକୁଳତା ଓ
ତତ୍ପରତାକୁ ସ୍ପର୍ଶ କରୁଛି ଘାଟରେ
ଚୁଆ ଓ ଚନ୍ଦନ ବୋଳା ଘଟ।
ତୋ ଆଗମରେ ଉତ୍ଫୁଲିତ
ଆନନ୍ଦ ମୁଖରିତ ଆହ୍ଲାଦିତ ରଙ୍ଗରେ
ରଙ୍ଗେଇ ହେଉଛି ଏଇ ମାଟିରୁ ଆକାଶ
ଓ ପ୍ରଫୁଲତାର ମହକକୁ ପ୍ରାପ୍ତ ଆଜି ପାଣି
ପବନ, ଦେହ, ମନ ଆଉ ଏଇ ପ୍ରାଣ।
ତୋ ଆବାହନ ଓ ଜୀବନ୍ୟାସ ଅର୍ଥେ
ମୁଁ ବରାଙ୍ଗନାଟିଏ ବ୍ୟସ୍ତ ଖୋଜିବାରେ
ଘନନିଶାରାତ୍ରୀରେ ନିଷିଦ୍ଧ ଦୁଆରେ
ବାରାଂଙ୍ଗନା ପାଦ ତଳର ପବିତ୍ର ମାଟିକୁ।
ମୁଁ ସାରିଛି ଆସନ ସୁଦ୍ଧି, ଅଙ୍ଗ ସୁଦ୍ଧି
ଅଙ୍ଗ ନ୍ୟାସ, ସ୍ୱାହା ସ୍ୱାଧାରେ ମନ୍ତ୍ର
ପଲ୍ଲଭନର ନବାର୍ଣ୍ଣରେ ସମ୍ପୁଟିକରଣ,
ଓ ପାପବିମୋଚନ, କବଚ, କୀଳକ, ରାତ୍ରୀଶୁକ୍ତ,
ଧ୍ୟାନରତା ତୋ ଆସିବା ଆଭାସେ, ମୁଁ ବିସ୍ମିତ
ଭାବପ୍ରବଣତାରେ ମୁଁ ଭାବବିହୋଳିତ,
ସମସ୍ତ ନାରୀ ମାନଙ୍କ ପାଦତଳେ
ଲୋଟିପଡେ ମୋର ଆରକ୍ତ ମସ୍ତକ।
ହେ ମା ତୁ ଦେବୀ ରୂପେ ମାନବୀ
ନା ମାନବୀ ରୂପେ ଦେବୀ କହତ ମା।

*ଶ୍ରୀନିବାସ ନଗର, ହୋସୁର*
*କ୍ରିଷ୍ଣାଗିରୀ, ତାମିଲନାଡୁ*

# ନଷ୍ଟକୃଷ୍ଣ



**ଭାଗିରଥୀ ବେହେରା**

ଜୀବନ ଯନ୍ତ୍ରଣାର ଏପାଖରେ ଥାଇ ଅନୁଭବ ଭାବୁଛି ସେ ମଲ୍ଲୀର ପେଟରେ ବଢ଼ିଥିବା ପାପଛୁଆଟାକୁ ତା ବାପର ପରିଚୟ ଦେଇ ଭୁଲ କରିନ ତ ! ନା ଏକ ସାମୟିକ ଆବେଗରେ ଉତ୍ତେଜନାରେ ବଶବର୍ତ୍ତୀ ହୋଇ ସେ କହି ପକେଇଲା ମଲ୍ଲୀଲୋ ତୁ ଚିନ୍ତା କରନା। ମୁଁ ତୋ ପିଲାକୁ ବାପର ପରିଚୟ ଦେବି । ତା'ର ଏ ନିଷ୍ପତି ମଲ୍ଲୀକୁ ଭଲପାଇବା ଏକତରଫା ଭାବନା ନୁହଁତ ! ନା ଏମିତି ସେ କହୁକହୁ କହିଦେଲା ଜଣକୁ ବଂଚେଇବାକୁ ଯାଇ । ତାହା ହେଲେ କ'ଣ ସେ ଲୁଚି ପଳେଇବ ଚୋର ଭଳି ବମ୍ବେ କିମ୍ବା ସୁରାଟ । ମଲ୍ଲୀର ପ୍ରେମିକ ନଷ୍ଟକୃଷ୍ଣ ଭଳି ସେ ବି କ'ଣ ମଲ୍ଲୀ ଆଗରେ ପଳାତକ ସାଜିବ!

ପିଲାବେଳୁ ଅନୁଭବ ବାପା ମା ଛେଉଣ୍ଡ । ଘରଭିତରେ ସେ ପଡ଼ିରହିଛି ଦୀର୍ଘ ଚବିଶି ବର୍ଷ ହେଲା ପେଡ଼ିରେ ସାଇତା ଅଳନ୍ଧୁ ଲଗା ଦୀପାଳି ଭଳି । ସେଇଠୁ ଏପଟ ସେପଟ ହୋଇ ସପ୍ତମ ପାଶ୍ କଲା ସେ । ପିଲାବେଳୁ ଜାଉତୋରାଣୀ ପିଇଛି ଏଯାଏଁ ଜୀବନ ଧାରଣ କରିବାକୁ। ଜାଉତୋରାଣୀ ଆଜିକାଲି କିଏ ଦେଇଛି । ମଲ୍ଲୀ ମା ସୁଲୀ ମାଉସୀ ହିଁ ତା'ର ନିଜର । ଘରେ ପହଞ୍ଚୁ ପହଞ୍ଚୁ ଥୋଇ ଦେଉଛି ପଖାଳ କସାଏଁ, କଞ୍ଚାଲଙ୍କା ଓ ପିଆଜ ଖଣ୍ଡେ ବାପଧନ ସଙ୍ଖାଳି । ସେଇଠୁଁ ଦିନଯାକ ପ୍ରଧାନ ଘର କ୍ଷେତରେ ପଶୁଭଳି ଖଟୁଛି। ଯାହା ଆଣୁଛି ମାଉସୀ ଅଣ୍ଟିରେ ଢ଼ାଳିଦେଉଛି ।

ସେବଠୁ ଦେଖୁଛି ମଲ୍ଲୀକୁ । ମଲ୍ଲୀ ମଖମଲ୍ଲୀ 'ଫୁଲପରି ସୁନ୍ଦର । ହଳଦିଆ ଦେହରେ ନାଲିଆ ନାକପୁଲ ଓ 'ଫୁଲପକା ଶାଢ଼ୀ ଶହ ନେଳିଆ ବ୍ଲାଉଜ ମଲ୍ଲୀକୁ ଭାରିମାନେ । ଗାଁରେ ଯାତନାଚ ହେଲେ ମଲ୍ଲୀଟା ତା' ପାଇଁ ନାଲିଆ ନାକଫୁଲ ଓ ନେଳିଆ ବ୍ଲାଉଜ୍ ଆଣିବ ବୋଲି ବରାଦ କରେ । ଏମିତି ଏମିତି ବରାଦରେ ଅନୁଭବ ମଲ୍ଲୀକୁ ନେଇ କେତେ ସ୍ୱପ୍ନ ଦେଖେ । ମନେ ମନେ କହେ ହଉ ତୁ ମୋର ବୋହୁପିଲା ପାଲଟିଲେ କେତେ ବରାଦ କରିବୁ ଦେଖିବି । ହେଲେ ମଲ୍ଲୀ ଏମିତି କାଣ୍ଡଟିଏ କରିବସିବ ବୋଲି ଭାବିନଥିଲା ସେ!

ସେଦିନ ପ୍ରଧାନଘର ଚାଉଳ ଟ୍ରକ୍ ସହରରେ ଛାଡ଼ି ଅନ୍ଧାରିଆ ରାତିରେ ଫେରୁଥାଏ ଗାଁ ଶେଷ ଆମ୍ବତୋଟା ଦେଇ । ରାସ୍ତା ତାକୁ ସଫା ସଫା ଦିଶୁନଥାଏ । ଆମ୍ବ ତୋଟା ବି ବେଶି ଗହଳିଆ ଓ ଲମ୍ବିଯାଇଛି ପାହାଡ଼ର କୋଳଯାଏ ।

କିଏ ଗୋଟେ ଦେହରେ ଆସି ଧକ୍କା ଖାଇଲା । ତଳେ ପଡୁ ପଡୁ ନିଜକୁ ସମ୍ଭାଳି ନେଇ କୁଣ୍ଢେଇ ଧରିଲା ଧକ୍କା ଦେଇଥିବା ଲୋକକୁ।

-"କିଏ ତୁ ? ଆଲୋ କିଏ ତୁ ?"

-"ଅନୁଭାଇ ତମେ" ... କାନ୍ଦି ଉଠିଲା ଝିଅଟା।

-ଚିହିଁକି ଉଠିଲା ଅନୁଭବ । ଆରେ ! ଏଇତ ଆମ ମଲ୍ଲୀର ସ୍ୱର । ମଲ୍ଲୀର ହାତଗୋଡକୁ ସାଉଁଟି ଦେଲା ସେ ଏକା ନିଃଶ୍ୱାସେ ।

-"କିଲୋ ମଲ୍ଲୀ ! କୁଆଡେ ଦୌଡୁଛୁ ?" ତାଟକା ହେଲା ଅନୁଭବ ।

-"କ'ଣ ଆଉ କରିବି । ସେ ରାକ୍ଷସଟା ମୋ ସ୍ୱପ୍ନକୁ ଛାରଖାର କରିଦେଲୋ । ମୋ ପେଟରେ ତା' ରକ୍ତ ବଢ଼ିବାର ଚାରି ମାସ ହେଲାଣି। ଗାଁ ସାରା ଟୁପୁରୁ ଟାପର । ଆଉ ସହିପାରୁନି ଏ ଯନ୍ତ୍ରଣା ଅନୁଭାଇ । ମରିଗଲେ ହିଁ ସବୁ ଠିକ୍ ହୋଇଯିବ ।"

-"ତୁ ସିନା ମରିଯିବୁ । ହେଲେ ଆଉ ଜଣକୁ ମାରିବାର ତୋତେ କିଏ ଅଧିକାର ଦେଲା ?"

-"ସେଇଟା ବି ମରିଯାଉ । ବାପ ନଥିବା ପିଲାଟା ବାରଦୁଆର ବାରକଥା ଶୁଣିବ କାହିଁକି ? ମୋ ସହ ଲୀନ ହେଇଯାଉ ନିଶ୍ଚିନ୍ତରେ !"

-"ତାକୁ କ'ଣ ବଞ୍ଚେଇ ପାରିବୁନି ?"

-"କ'ଣ ପାଇଁ ବଞ୍ଚେଇବି ? କିଏ ତାକୁ ବଞ୍ଚେଇବ ? କାହା ପାଇଁ ସେ ବଞ୍ଚିବ ?"

-"ମୁଁ କ'ଣ ମରିଯାଇଛି ?"

-"ଅନୁଭାଇ !" ମଲ୍ଲୀର କଣ୍ଠରେ କାତରର ସ୍ୱର।

-"ହଁ ମଲ୍ଲୀ । ତୁ ଯଦି ରାଜିହେବୁ ମୁଁ ତୋ ଛୁଆକୁ ବାପର ପରିଚୟ ଦେବି ।"

-ମଲ୍ଲୀ ଅନୁଭାଇର କୋଳେ ଢ଼ଳିପଡିଲା । ସେ ଅନ୍ଧାର ଭିତରୁ ଫେରେଇ ଆଣୁଥିଲା ମଲ୍ଲୀକୁ ଘର ମୁହାଁକରି, ତାକୁ ନୂଆ ଜୀବନ ଦେବ ବୋଲି ଅନୁଭବ।

ମାଉସୀ ସବୁ ଘଟଣା ଜାଣି ଶୁଣି ଶୁଣି ଆରପାରିକୁ ଚାଲିଗଲେ । ମଲ୍ଲୀର ମଥାରେ ସିନ୍ଦୂର ଦେଇ ବାହାଦେଇ ପଡ଼ିଲା ଅନୁଭବ । ଗାଁ ସାରା ଭୋଜିଭାତ ଖାଇ ବାଃବାଃ କଲେ ।

ବାହା ହେବାର ପାଞ୍ଚ ମାସ ଦଶ ଦିନରେ ଅନାମ ଜନ୍ମ ହେଲା । ପାପଛୁଆଟା ଭୂମିଷ୍ଠ ହେବା କ୍ଷଣି ଗାଁ ଲୋକେ କେତେ କ'ଣ କହିଲେ । ଯେଉଁଠି ସେଇଠି ଟୁପୁରୁ ଟାପୁର । କ'ଣ ନା ମଲ୍ଲୀ ସହ ଅନୁଭବର ଖରାପ ସଂପର୍କ ଥିଲା । ନହେଲେ ବାହା ହେବାର ପାଞ୍ଚ ମାସ ପରେ ପିଲା ହେଲା କେମିତି ?

ଅନୁଭବ ସବୁଶୁଣି ମଥା ପୋତୁଥିଲା । ଆଖିଲୁହ ପଦାକୁ ବାହାରି ପାରୁନଥିଲା । ବାହାହେବା ଦିନଠୁଁ କେବେହେଲେ ସେ ମଲ୍ଲୀର ଦେହକୁ ଛୁଇଁନି । ଏକଥା କ'ଣ କହିବାର କଥା । ବାସର ରାତିରେ ମଲ୍ଲୀର ଲୁହ ଓ ଅନ୍ୟ ମନସ୍କତା ଦେଖି ଅନୁଭବ ତା ଦେହ ଛୁଇଁ ଶପଥ କରିଥିଲା । ଯେତେ ପର୍ଯ୍ୟନ୍ତ ମଲ୍ଲୀ ତାକୁ ନିଜେ ନ ସମର୍ପିଛି ସେ ପର୍ଯ୍ୟନ୍ତ ବଳକ୍ତାର କରିବନି । ଯେତେ ପର୍ଯ୍ୟନ୍ତ ମଲ୍ଲୀର ସେ ନଷ୍ଟକୃଷ୍ଣ ଫେରି ନଆସିଛି, ମଲ୍ଲୀକୁ ଦେବ ସୁରକ୍ଷା ଓ ଅନାମକୁ ଦେବ ବାପର ପରିଚୟ । ଦୁନିଆ ଆଗରେ ସିନା ସେମାନେ ସ୍ୱାମୀ ସ୍ତ୍ରୀ, କିନ୍ତୁ ଗୋଟିଏ ଛାତତଳେ ବସା କରୁଥିବ ଦୁଇଟି ଅଜଣା ଚଢ଼େଇ ।

ଆଜି ଗୋଟେ କ'ଣ ବଡ଼ ବ୍ରତ । ଆକାଶକୁ ଅନେଇଲା ଅନୁଭବ । ନା ! ଜହ୍ନ ଆହୁରି ବାହାରିବ । ପିଣ୍ଡା ଉପରେ ହଳଦି ପାଣି ଥୋଇ ସେମିତି ମଲ୍ଲୀ ବସିଛି ଜହ୍ନକୁ ଦେଖିବ ବୋଲି । ଜହ୍ନକୁ ଦେଖିଲା ପରେ ସେ ତା ସ୍ୱାମୀର ମୁହଁକୁ ଦେଖିବ । ତା ପରେ ଜଳଅନ୍ନ ସ୍ପର୍ଶ କରିବ।

ହସ ମାଡୁଛି ଅନୁଭବକୁ । କେଜାଣି କେଉଁ ରାଇଜରେ ଥିବ ତା ନଷ୍ଟକୃଷ୍ଣ । ପୁଣି କେଉଁଠି ଲୀଳା କରୁଥିବ ଯାଇ । ଆଇମା କାହାଣୀ ହେଇଛି ଯେ, ଘୋଡା ଝପଟେଇ ଧାଇଁ ଆସିବ ରାଜକୁମାର ରାଜକୁମାରୀକୁ ନେଇ ପଳାଇଯିବାକୁ । କେଜାଣି ମଲ୍ଲୀର କ'ଣ ପାଇଁ ଏ ପ୍ରହସନ୍ନ। ନା ସେ ପୁରୁଷ ଆଉ ଫେରିବ, ନା ମଲ୍ଲୀ ତା ଅପେକ୍ଷିତ ପୁରୁଷକୁ ଫେରି ପାଇଛ । ଅନୁଭବ ମୁହଁରେ ନିରାଶର ଭାବ ସହ ତାତ୍ସଲ୍ୟର ଭାବ ଫୁଟିଉଠିଲା ।

ରାତି ନଅଟା ହେଲା । ଅନୁଭବ ଅଗଣାରେ ଥିବା ନଡ଼ିଆ ଗଛ ମୂଳେ ତାଟିପାରି ବସିଗଲା । ମଲ୍ଲୀକୁ ଡାକି ଦେବ ଡାକି ଦେବ ହୋଇ ଡାକିପାରୁନି । ତା ତପସ୍ୟା ଭଙ୍ଗ କରିବାକୁ ସେ ଆଉ ଚେଷ୍ଟା କରିପାରୁନି ଯେମିତି । ଭିତରେ ଅନାମ ଶୋଇଛି । ନିଦ ଭାଙ୍ଗିଲେ ମାଆକୁ ଖୋଜି ପକେଇବ । ବିଚରା ! ଦୀର୍ଘ ନିଶ୍ୱାସ ଛାଡ଼ିଲା ଅନୁଭବ ।

ହଠାତ୍ ମଲ୍ଲୀ ଅଗଣାକୁ ଆସି ତା ଆଗରେ ଥାଳି ଥୋଇଦେଲା । ଥାଳିର ପାଣିରେ ତା ଆଖି ଦିଇଟା ଝଲସି ଉଠିଲା । ପାଣିକୁ ଅନେଇ ଦେଲା ବେଳକୁ ଦୁଇଟି ମୁହଁ ଦେଖାଯାଉଥିଲେ ସେ ଅର୍ଦ୍ଧ ବୃତ୍ତାକର ରୂପ ଦେଇ । ସେ ମୁହଁ ଭିତରେ ନଷ୍ଟକୃଷ୍ଣ ମୁହଁଟା ଯେପରି ନାଚି ଉଠିଲା ଅନୁଭବର ଆଖିରେ ।

-"ମଲ୍ଲୀ !" ଚିତ୍କାର କରି ଉଠିଲା ଅନୁଭବ ।

-"କାହିଁ ଏତେ ଜୋର୍‌ରେ ପାଟିକରୁଛ । ଆଉ ମୁଁ ଅପେକ୍ଷା କରିପାରିବିନି କାହାକୁ । ସେ ପୋଡ଼ାମୁହାଁ ନଷ୍ଟକୃଷ୍ଣ ଚୁଲୀକୁ ଯାଉ । ମୁଁ ଆଉ ଦେଖିପାରୁନି । ମୁଁ ଜାଣିପାରୁଛି ତମେ ମୋ ଉପରେ ଦୟା ଦେଖେଇ କଷ୍ଟପାଉଛ । ତମେ ପିଞ୍ଜରାରେ ରହିଲା ଭଳି ଅନୁଭବ କରୁଛ । ମୁଁ ବା ଆଉ କିଏ ଯେ ତମ ଇଚ୍ଛା, କାମନା, ଦେହ ମନକୁ ଜାଳିପୋଡ଼ି ପାଉଁଶ କରିବାକୁ। ଏବେ ତମେ ହିଁ ମୋର ସ୍ୱାମୀ । ତମେ ହିଁ ଅନାମର ବାପା । ତମେ ଏବେ ତମ ସ୍ୱାମୀତ୍ୱର ଅଧିକାର ମୋ ତନୁମନ ଉପରେ ଜାହିର କର । ନହେଲେ ଆଉ ଜଣକୁ ବାହା ହୋଇ ଖୁସିରେ ସଂସାର କର । ମୁଁ ତମ ପାଦ ଧରୁଛି । ତମେ ଆଉ ଏକା ଏକା ଜଳନା । ଅନାମ ଶେଯରେ ବାପା ବାପା ହୋଇ ଅଣ୍ଡାଳି ହେଲେ ମତେ କି କଷ୍ଟ ହେଉଛି ତମେ ବୁଝିପାରିବନି ।"

ମଲ୍ଲୀ କାନ୍ଦି କାନ୍ଦି ଅନୁଭବର ପାଦ ଧରିପକେଇଲା । ଅନୁଭବ ଏକବାରେ ଆଶ୍ଚର୍ଯ୍ୟ । ତାର ସମସ୍ତ ବାକ୍‌ଶକ୍ତି କିଏ ଯେମିତି ଚୋରେଇ ନେଇଛି । ମଲ୍ଲୀକୁ ଉପେକ୍ଷା କରି ସେ ଆଉ ଜଣେ ନଷ୍ଟକୃଷ୍ଣ ସାଜିବ କାହିଁକି ?

ମଲ୍ଲୀକୁ ଅନୁଭବ ଛାତିରେ ଜାବୁଡି ଧରିଲା । ତା ଅଗଣା ସାରା ମଖମଲ୍ଲୀ ଫୁଲ ଫୁଟିଗଲା । ଜହ୍ନ ଧୀରେ ଧୀରେ ଉପରକୁ ଉଠୁଥିଲା । ତୋଫା ଜହ୍ନ ଆଲୁଅରେ ଦୁଇଜଣ ନରନାରୀ ବିବସ୍ତ୍ର ହୋଇ ଉଠୁଥିଲେ।

ଅନୁଭବ ଅନୁଭବ କରୁଥିଲା ସେ ଜଣେ ନଷ୍ଟକୃଷ୍ଣ ନୁହଁ .... ସେ ଜଣେ ପ୍ରେମିକ .... ମଲ୍ଲୀର ସ୍ୱାମୀ ।



*ସଂପାଦକ : ଗଞ୍ଜାମର କବିତାଘର*
*ମାଳିସାହି, ବାରିବନ୍ଧ, ଆଙ୍କୁଲି, ବ୍ରହ୍ମପୁର*
*ଗଞ୍ଜାମ – ୭୬୦୦୧୦*
*ଫୋନ୍ : ୮୨୮୦୨୨୩୬୪୪*

# ପିଲାଙ୍କ ଦୁନିଆ







ଐଶାନୀ ମିଶ୍ର
ଷ୍ଟାଣ୍ଡାର୍ଡ-୪
କେନ୍ଦ୍ରୀୟ ବିଦ୍ୟାଳୟ-୧
ଭୁବନେଶ୍ୱର





ପ୍ରାଚୀ ଦାସ
ଓଲ୍ଡ ଟାଉନ
ଭୁବନେଶ୍ୱର

# ବିଜେଡି-ବିଜେପି ଚାଷୀ ଓ ଶ୍ରମିକ ବିରୋଧୀ : ଦିଗ୍‌ବିଜୟ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ଚାଷୀ ସ୍ୱାର୍ଥ ବିରୋଧୀ ବିଲ୍‌କୁ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଦିଗ୍‌ବିଜୟ ସିଂହ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ଉପସ୍ଥିତିରେ ଆହୃତ ଏକ ସାମ୍ବାଦିକ ସମ୍ମିଳନୀରେ କଟୁ ସମାଲୋଚନା କରିଥିଲେ। ଚାଷୀଙ୍କୁ ତାଙ୍କର ନ୍ୟାଯ୍ୟ ହକ୍ ଦେବା ପାଇଁ କଂଗ୍ରେସ ସବୁବେଳେ କାର୍ଯ୍ୟ କରିଆସୁଛି। କଂଗ୍ରେସ ସବୁବେଳେ ଜାତିର ଜନକ ମହାତ୍ମା ଗାନ୍ଧି, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ ଓ ବାବା ସାହେବ ଆମ୍ବେଦକରଙ୍କ ନୀତି, ଆଦର୍ଶ ଓ ବିଚାରଧାରାକୁ ପାଥେୟ କରି ଜନତାଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀ ସର୍ବପ୍ରଥମେ କଷ୍ଟ ସପୋର୍ଟ ପ୍ରାଇସ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ମିନିମମ୍ ସପୋର୍ଟ ପ୍ରାଇସ୍ (ସର୍ବନିମ୍ନ ସହାୟକ ମୂଲ୍ୟ) ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସମୟରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। କିନ୍ତୁ ୨୦୧୪ ମସିହା ପରଠାରୁ କେନ୍ଦ୍ରରେ ମୋଦି ସରକାର କ୍ରମାଗତ ଭାବେ ଚାଷୀ ଓ ଶ୍ରମିକ ବିରୋଧୀ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଆଜିର ଚାଷୀ ସ୍ୱାର୍ଥ ବିରୋଧୀ ଆଇନକୁ ମୁକ୍ତ ବାଣିଜ୍ୟିକ ରାଜନୀତିର ବୃଦ୍ଧି ପାଇଁ ଦେଇ କିଛି ବିକଶିତ ବିଦେଶୀ ରାଷ୍ଟ୍ରମାନଙ୍କୁ ଖୁସି କରିବା ପାଇଁ ମୋଦି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥ ସହିତ ସାଲିସ୍ କଲାଭଳି କୌଣସି ବିଦେଶୀ ଚାପକୁ କଂଗ୍ରେସ ସରକାର ସମୟରେ କେବେ ବି ପ୍ରଶ୍ରୟ ଦିଆଯାଇନଥିଲା। ଉତ୍ପାଦନ ମୂଲ୍ୟର ୧୦ ପ୍ରତିଶତରୁ ଅଧିକ ସବ୍‌ସିଡ୍ ନଦେବା ପାଇଁ ଡବ୍ଲ୍ୟୁଟିଓରେ ଥିବା ବ୍ୟବସ୍ଥାକୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ସରକାର କେବେ ଗ୍ରହଣ କରିନଥିଲେ। ବର୍ତ୍ତମାନର ବିଲରେ ଥିବା ବ୍ୟବସ୍ଥା ଅନୁସାରେ ଚାଷୀଙ୍କୁ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନ ମିଳିବା ସ୍ଥଳେ ବ୍ୟବସାୟୀ ବା ଖରିଦଦାରଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବନାହିଁ। ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଏହି ଆଇନର ବ୍ୟବସ୍ଥା ଫଳରେ ସିଧାସଳଖ ଭାରତର ଗ୍ରାମୀଣ କୃଷି ବଜାର ଉପରେ ନିଜର ଏକଚାଟିଆ ଅଧିକାରୀ ଜାହିର କରିବାର



ସୁଯୋଗ ପାଇବେ। ଘରୋଇ କମ୍ପାନୀଗୁଡିକ ନିଜେ ମଣ୍ଡି ଖୋଲିବାର ସୁଯୋଗ ପାଇବେ ଏବଂ ସରକାରଙ୍କ ନିୟନ୍ତ୍ରଣ ନରହିବା ହେତୁ ଚାଷୀ ଶୋଷଣର ଶିକାର ହେବେ। ଚୁକ୍ତିଭିତିକ ଚାଷରେ ଚାଷୀଙ୍କ ସ୍ୱାର୍ଥ ଅପେକ୍ଷା କମ୍ପାନୀମାନଙ୍କ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତାରଣାର ଶିକାର ହୋଇଥିବା ଚାଷୀଟି କମ୍ପାନୀ ବିରୁଦ୍ଧରେ ସିଧାସଳଖ ନ୍ୟାୟାଳୟକୁ ଯିବାର ବ୍ୟବସ୍ଥା ନାହିଁ। ପ୍ରଥମେ ଉପଜିଲ୍ଲାପାଳ ଏବଂ ପରେ ଜିଲ୍ଲାପାଳଙ୍କ ପାଖରେ ଫେରାଦ ହେବାର ବ୍ୟବସ୍ଥା ରହିଛି। ଯଦି ଜିଲ୍ଲାପାଳଙ୍କ ପାଖରୁ ଚାଷୀଟିକୁ ନ୍ୟାୟ ନମିଳେ ତେବେ କେନ୍ଦ୍ର ସରକାରଙ୍କ ପାଖରେ ଫେରାଦ ହେବାକୁ ପଡିବ। କୃଷି ଏକ ରାଜ୍ୟଭିତିକ ବିଷୟ ହୋଇଥିବା ହେତୁ ଏ ପ୍ରାବଧାନ ଫଳରେ କେନ୍ଦ୍ର ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ପୂର୍ବରୁ ଥିବା ଏପିଏମ୍‌ସି ଆକ୍ଟ ବା ମଣ୍ଡି ଆଇନ୍ ବର୍ତ୍ତମାନ କେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ ହେବ, ଯାହା ଚାଷୀକୂଳର ସର୍ବନାଶ କରିବ। ଅତ୍ୟାବଶ୍ୟକୀୟ ଆଇନ୍‌ର ସଂଶୋଧନ ଫଳରେ ବେଆଇନ୍ ମହଜୁଦକାରୀଙ୍କ ବିରୁଦ୍ଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ, ତାହାର ପ୍ରମୁଖ କାରଣ ହେଉଛି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀକୁ ମହଜୁଦ କରି ରଖିବାର ନିର୍ଦ୍ଧାରିତ ସୀମା ରହିଲା ନାହିଁ। ପରୋକ୍ଷରେ ଏହା କଳାବଜାରୀ ଏବଂ ବେଆଇନ୍ ମହଜୁଦକାରୀଙ୍କୁ ପ୍ରୋତ୍ସାହିତ କରିବ। ଆଜି ମଧ୍ୟ ଦେଶର ୭୦ଭାଗ କ୍ଷୁଦ୍ର ଓ ନାମମାତ୍ର ଚାଷୀ ତାଙ୍କର ଉତ୍ପାଦିତ ଶସ୍ୟକୁ ମଣ୍ଡି ବାହାରେ କମ ମୂଲ୍ୟରେ ବିକ୍ରି କରିବାପାଇଁ ବାଧ ହେଉଛନ୍ତି। ଶ୍ରୀଯୁକ୍ତ ସିଂହ ଚାଷୀ ବିଲ୍‌କୁ ଲୋକସଭାରେ ବିଜେଡିର ସମର୍ଥନ ନେଇ କଟୁ ସମାଲୋଚନା କରି କହିଥିଲେ ଯେ ଉଭୟ ବିଜେପି ଓ ବିଜେଡି ଭିତରେ ଗୁପ୍ତ ବୁଝାମଣା ରହିଛି ଏବଂ ଦୁଇଟି ଯାକ ଦଳ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ବିରୋଧି। ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ବିଲ୍‌କୁ ଚାଷୀ ସ୍ୱାର୍ଥ ବିରୋଧ ଦର୍ଶାଇ ଥିଲେ। ସେ ଉଦାହରଣ ଦେଇ କହିଥିଲେ ଯେ ମାନ୍ୟବର ଓଡିଶା ହାଇକୋର୍ଟ କେସ୍ ନଂ ୩୭୨୧/୨୦୦୨ ରେ ପ୍ରଦତ ରାୟ ଅନୁସାରେ ଚାଷୀମାନେ ମିଲ୍ ମାଲିକମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା କଥାକୁ ଗ୍ରହଣ କରିଥିଲେ ଏବଂ ଏଫ୍‌ସିଆଇକୁ ସିଧାସଳଖ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କ ପାଖରୁ ଧାନ କିଣିବା ପାଇଁ ପରାମର୍ଶ ଦେଇଥିଲେ। ଏଭଳି ନିଷ୍ପତି ବିରୁଦ୍ଧରେ ଓଡିଶାର ବିଜେଡି ସରକାର ଓ ତତ୍‌କାଳିନ ଏନ୍‌ଡିଏ ସରକାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ। କିନ୍ତୁ ମାନ୍ୟବର ସୁପ୍ରିମ୍‌କୋର୍ଟ ଏଭଳି ଚାଷୀ ସ୍ୱାର୍ଥ ବିରୋଧି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିନଥିଲେ। ମଣ୍ଡି ବ୍ୟବସ୍ଥା ଅନୁସାରେ ଚାଷୀ ନିଜର ଉତ୍ପାଦିତ ଶସ୍ୟକୁ ମଣ୍ଡିରେ ବିକିବା ସହିତ ବାହାରେ ମଧ୍ୟ ବିକ୍ରୀ କରିପାରିବ। କିନ୍ତୁ ମୋଦି ସରକାର ସଂପୂର୍ଣ୍ଣ ଭାବରେ ମିଥ୍ୟା ତଥ୍ୟ ପ୍ରଦାନ କରି କହୁଛନ୍ତି ଯେ ପୂର୍ବରୁ ଚାଷୀ ନିଜର ଶସ୍ୟକୁ ମଣ୍ଡି ବାହାରେ ବିକ୍ରି କରିପାରିବାର ବ୍ୟବସ୍ଥା ନଥିଲା। ତେଣୁ ଉଭୟ ବିଜେଡି ଓ ବିଜେପି ଚାଷୀ ସ୍ୱାର୍ଥ ବିରୋଧି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ମଶାନ ...

କାରଣ କେବଳ ଭୁବନେଶ୍ୱର ସତ୍ୟନଗର ମଶାଣିରେ ଦୈନିକ ୩୦ ରୁ ୪୦ କୋଭିଡ୍ ରୋଗୀଙ୍କ ଶବ ପୋଡା ଯାଉଥିବା କହିଛନ୍ତି ବିଏମ୍‌ସି ସୁପରଭାଇଜର। କଟକ ସତୀ ଚଉରା, କାଳିଆବୁଦା, ପୁରୀ ସ୍ୱର୍ଗଦ୍ୱାର ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବି ଶବ ସତ୍କାର ହେଉଛି। ତେଣୁ ସରକାରୀ ହିସାବ ଓ ପ୍ରକୃତ ତଥ୍ୟ ମଧ୍ୟରେ କେତେ ଫରକ ଏବେ ତାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ବିଏମ୍‌ସି ସୁପରଭାଇଜରଙ୍କ କହିବା ଅନୁସାରେ ସତ୍ୟନଗର ଶ୍ମଶାନରେ ଦୈନିକ ୩୦ ରୁ ୪୦ଜଣ କରୋନାରେ ମୃତ ଲୋକଙ୍କ ଶବ ସତ୍କାର କରାଯାଉଛି। ତାଙ୍କ କଥା ଯଦି ସତ, ତେବେ ରାଜ୍ୟରେ ଦୈନିକ କେତେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି ତାକୁ ନେଇ ଉଠିଛି ପ୍ରଶ୍ନ। କାରଣ ରାଜ୍ୟ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ଗୋଟିଏ ଦିନରେ ଏଯାବତ୍ ସର୍ବାଧିକ ୧୬ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଏଯାଏଁ କୋଭିଡ୍‌ରେ ୭୫୨ଜଣ ଓ କୋଭିଡ୍ ସଂକ୍ରମିତ ହୋଇ ଅନ୍ୟ କାରଣରୁ ୫୩ଜଣଙ୍କ ମୃତ୍ୟୁ ଘଟିଛି। ହେଲେ କେବଳ ସତ୍ୟନଗରରେ ଏଯାଏଁ ୧୧ଶହରୁ ଅଧିକ କରୋନା ରୋଗୀଙ୍କ ମୃତଦେହ ଦାସ ସରିଥିବା ବିଏମ୍‌ସି ସୁପରଭାଇଜର କହିଛନ୍ତି। ତେବେ ସମସ୍ତେ କେବଳ କରୋନା ଆକ୍ରାନ୍ତ ନା ଏଥିରେ ସାଧାରଣ ରୋଗୀ ବି ଅଛନ୍ତି ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଭୁବନେଶ୍ୱର ବାଦ୍ କଟକ, ପୁରୀ ଓ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ବି କରୋନା ରୋଗୀଙ୍କ ମୃତ୍ୟୁ ହେଉଛି। ଅନ୍ୟପକ୍ଷରେ ତାଙ୍କ ପାଖରେ ଏ ସମ୍ପର୍କରେ ପ୍ରକୃତ ତଥ୍ୟ ନଥିବା କହିଛନ୍ତି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ। ଅନ୍ୟ ଜିଲ୍ଲାରେ ପ୍ରାଣ ହରାଉଥିବା କରୋନା ରୋଗୀଙ୍କୁ ବି ଏଠାରେ ଦାହ ସଂସ୍କାର କରାଯାଉଥିବାରୁ ସଂଖ୍ୟା ବଢ଼ିଥାଇପାରେ ବୋଲି ସେ କହିଛନ୍ତି। କରୋନା ମୃତ୍ୟୁକୁ ନେଇ ଚାଲିଥିବା ସତ-ମିଛ ଚର୍ଚ୍ଚା ଭିତରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। କଂଗ୍ରେସ ନେତା ମାନସ ଚୌଧୁରୀ ଟ୍ୱିଟ୍ କରି ମଶାଣିର ଅକୁହା କାହାଣୀକୁ ଲୋକ ଲୋଚନକୁ ଆଣିଥିଲା ବେଳେ କରୋନା ରୋଗୀଙ୍କ ମୃତ୍ୟୁ ସମ୍ପର୍କିତ ତଥ୍ୟ ପଦାକୁ ନ ଆସିଲେ ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ କୋଭିଡ୍ ପରିଚାଳନା ବିଫଳତାକୁ ନେଇ ବିଜେପି ପକ୍ଷରୁ ମଧ୍ୟ ଅଭିଯୋଗ ହେଉଛି। ରାଜ୍ୟ ବିଜେପି କହିଛି ଯେ, ସରକାର କୋଭିଡ୍ ସମ୍ପର୍କରେ ସବୁ ତଥ୍ୟ ଲୁଚାଉଥିବାରୁ ସତ କ'ଣ ତାହା ପଦାକୁ ଆସିପାରୁନି। ତେଣୁ ଏଭଳି ପରିସ୍ଥିତିରେ କିଏ ସତ କହୁଛି- ସରକାର, ମଶାଣୀ ନା ବିରୋଧୀ !

### ଜାତିସଂଘ ...

ଆହ୍ୱାନର ସମ୍ମୁଖୀନ ହୋଇଛି। କହିବାକୁ ଗଲେ ୩ୟ ବିଶ୍ୱଯୁଦ୍ଧ ହୋଇନି, କିନ୍ତୁ ବିଶ୍ୱବାସୀ ଅନେକ ଯୁଦ୍ଧର ସମ୍ମୁଖୀନ ହୋଇଛନ୍ତି। ଏହି ଯୁଦ୍ଧରେ ଅନେକ ଅନେକ ନିରୀହ ଲୋକଙ୍କ ଜୀବନ ମଧ୍ୟ ଯାଇଛି। କରୋନା ମହାମାରୀ ବେଳେ ଜାତିସଂଘର ଭୂମିକା କୁଆଡେ ଗଲା ? ଜାତିସଂଘରେ ସଂସ୍କାର ଆସିବା ଦରକାର। ଏହା ସମୟର ଆବଶ୍ୟକତା। ଭାରତକୁ କେତେଦିନ ଯାଏ ଜାତିସଂଘର ନିଷ୍ପତ୍ତି ଗ୍ରହଣ କରୁଥିବା ବର୍ଗଠାରୁ ବଞ୍ଚିତ କରି ରଖାଯିବ ? ଯେବେ ଆମେ ମଜବୁତ ଥିଲୁ କେବେ ବି ପୃଥିବୀକୁ କଷ୍ଟ ଦେଇନୁ। ଯେବେ ମଜଭୁତ ଥିଲୁ, ପୃଥିବୀ ଉପରେ ବୋଝ ହୋଇନୁ। ଏଭଳି ଦେଶକୁ ଆଉ କେତେଦିନ ଅପେକ୍ଷା କରିବାକୁ ପଡିବ ? ଆମେ ପୁରା ବିଶ୍ୱକୁ ଏକ ପରିବାର ମାନୁ, ଏହା ଆମର ସଂସ୍କୃତି ଓ ସଂସ୍କାର। ଭାରତ ସବୁବେଳେ ବିଶ୍ୱ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛି। ଆଗକୁ ମଧ୍ୟ ପ୍ରାଥମିକତା ଦେବ। ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ଭାରତ ସବୁଠାରୁ ଅଧିକ ଯବାନଙ୍କୁ ହରାଇଛି। ଭାରତ ନିଜ ସ୍ୱାର୍ଥ ନୁହେଁ, ସବୁବେଳେ ମାନବଜାତିର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ଭାରତ ଯେବେ ବନ୍ଧୁତ୍ୱର ହାତ ବଢ଼ାଏ, କାହା ଖିଲାପରେ ଯାଏନି। ମହାମାରୀ ଭଳି କଠିନ ସମୟରେ ଭାରତ ୧୫୦ ଦେଶକୁ ଔଷଧ ଯୋଗାଇଛି। ଭାରତର ଭ୍ୟାକସିନ୍ ଉତ୍ପାଦନ କ୍ଷମତା ମାନବ ଜାତିର କଲ୍ୟାଣରେ ଲାଗିବ। ଭାରତରେ ପ୍ରସ୍ତୁତ ହେଉଥିବା କରୋନା ଟିକା ସମଗ୍ର ବିଶ୍ୱକୁ ଯୋଗାଇ ଦିଆଯିବ। ଏନେ କେବେ ହେଲେ ଭାରତ ପଛଘୁଞ୍ଚା ଦେବନାହିଁ। ପଡୋଶୀ ପ୍ରଥମ ନୀତିକୁ ଭାରତ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଆମର ମାର୍ଗ ଜନ କଲ୍ୟାଣରୁ ଜଗତ କଲ୍ୟାଣ ଯାଏ ପରିବ୍ୟାପ୍ତ। ମହାମାରୀ ପରବର୍ତ୍ତୀ ଅବସ୍ଥାରେ ଆମେ ଆତ୍ମନିର୍ଭର ଦିଗରେ ଅଗ୍ରସର ହେବୁ। ଏଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭାରତ କେବେ ହେଲେ ମାନବଜାତି ଶତ୍ରୁଙ୍କ ବିରୋଧରେ ସ୍ୱର ଉଠାଇବାକୁ ଡରିବ ନାହିଁ। ଆସନ୍ତା ବର୍ଷ ଜାନୁଆରୀ ମାସରୁ ଭାରତ ଜାତିସଂଘର ଅସ୍ଥାୟୀ ସଦସ୍ୟ ଭାବେ ଦାୟିତ୍ୱ ଆରମ୍ଭ କରିବ। ଭାରତ ସର୍ବଦା ଶାନ୍ତି, ସ୍ଥିରତା ସପକ୍ଷରେ ମତ ରଖିବ। ଭାରତ ସବୁବେଳେ ଆତଙ୍କବାଦ, ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଡ୍ରଗ୍ସ ଓ ମନି ଲଣ୍ଡରିଂ ବିରୋଧରେ ସ୍ୱର ଉଠାଇ ଚାଲିବ ବୋଲି ମୋଦି କହିଛନ୍ତି।

### କାଳିଆ ଟଙ୍କା ...

ପାଇ ନଥିବାରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକର କିଛି ଯୋଗ୍ୟ ଚାଷୀ କାଳିଆ ଟଙ୍କା ପାଇନଥିବାରୁ ଓ ଯୋଗ୍ୟ ଅଯୋଗ୍ୟ ତାଲିକାରେ ବିଭ୍ରାଟ ହୋଇଥିବାକୁ ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଯାହାର ଡ.ଚ(ଉ) ଘକ୍ଟ. ୨୩୮୬୯/୨୦୧୯। ଉଚ୍ଚ ନ୍ୟାୟାଳୟ ଜିଲ୍ଲାପାଳ ଜଗତସିଂହପୁରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେକି ଆଦେଶନାମା ପାଇବାର ଦୁଇମାସ ମଧ୍ୟରେ ତାର ପ୍ରତିକାର କରିବା ସହିତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ମଧ୍ୟ ପ୍ରଦାନ କରିବାକୁ କହିଥିଲେ। ଏହି ମାମଲା ଦାୟାର ହେଲାପରେ କୃଷି ବିଭାଗର ନିଦ ଭାଙ୍ଗିବା ସହିତ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଚୟନକରି ଟଙ୍କା ଫେରେଇବାକୁ ନୋଟିସ୍ ମଧ୍ୟ ଜାହିର କରିଥିଲେ। ଜଗତସିଂହପୁର ଜିଲ୍ଲାର ୮ଗୋଟି ବ୍ଲକ ମଧ୍ୟରୁ ଜଗତସିଂହପୁର ବ୍ଲକର ୩୭୫ଜଣ, ତିର୍ତ୍ତୋଲ ବ୍ଲକର ୪୬୮ଜଣ, ନାଉଗାଁ ବ୍ଲକର ୨୦୩ ଜଣ, ବାଲିକୁଦା ବ୍ଲକର ୫୨୯ଜଣ, ଏରସମା ବ୍ଲକର ୩୭୬ଜଣ, କୁଜଙ୍ଗ ବ୍ଲକର ୬୮୯ଜଣ, ବିରିଡି ବ୍ଲକର ୨୮୨ଜଣ ଓ ରଘୁନାଥପୁର ବ୍ଲକର ୩୧୩ଜଣ ଚାଷୀଙ୍କୁ ନୋଟିସ୍ ଦିଆଯାଇଥିଲା। କାଳିଆ ଯୋଜନାରେ ପାଇଥିବା ଅର୍ଥରାଶିକୁ ଫେରସ୍ତ କରିବାପାଇଁ କୁହାଯାଇଥିବାବେଳେ ତିର୍ତ୍ତୋଲ ଉପ ନିର୍ବାଚନକୁ ଲକ୍ଷରଖି ଚାଷୀମାନଙ୍କ ଭୟରେ ସରକାର ବାଟବଣା ହେବାକୁନେଇ ଓହରି ଯାଇଥିଲାବେଳେ ଏବେ ଯୋଗ୍ୟ ତାଲିକା ଭୁକ୍ତ ଚାଷୀ ମଧ୍ୟ ତାଙ୍କର ପାଉଣା ପାଇପାରିନାହାନ୍ତି। ବିଭିନ୍ନ ବ୍ଲକର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦଉଡି ଦଉଡି ନୟାନ୍ତ ହେଉଥିଲେବି କୃଷିଅଧିକାରୀ ମାନେ ପୁନଃ ଆବେଦନ କରିବାକୁ ପରାମର୍ଶ ଦେଉଛନ୍ତି ହେଲେ ଚାଷୀମାନେ ଆମ୍ଭେ କିପରି ଅଯୋଗ୍ୟ ତାଲିକାରେ ରହିଲୁ ବୋଲି ପଚାରିବାରେ ସେମାନେ ଉତ୍ତର ଦେଉଛନ୍ତି ଯେ ନିର୍ବାଚନ ବେଳେ ଘଟଣା ଏସବୁ ଆମ୍ଭମାନଙ୍କ ଦ୍ୱାରା ହେଉନଥିଲା, ଏହା ଉପର ମହଲାରେ ଚୟନ କରାଯାଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ବାବଦରେ ଆମ ପ୍ରତିନିଧି ଓକିଲ ଦୋଳଗୋବିନ୍ଦ ମହାପାତ୍ରଙ୍କୁ ପଚାରିବାରେ ସେ କହିଥିଲେଯେ, ଉପ-ନିର୍ଦ୍ଦେଶକ, କୃଷିବିଭାଗ, ଜଗତସିଂହପୁର ଓ ଜିଲ୍ଲାପାଳ ସାକ୍ଷୀ ମାନଙ୍କୁ ଡାକି ବିଚାର କରିଥିଲେବି ଆଜି ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାର ଅର୍ଥରାଶି ପାଇନାହାନ୍ତି। ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ପଚାରିବାକୁ ଯାଇଥିଲେବି କୋଭିଡ କଟକଣା ଯୋଗୁ ଜିଲ୍ଲାପାଳଙ୍କୁ ଭେଟି ହେବ ନାହିଁ ବୋଲି ଅଧସ୍ଥନ କର୍ମଚାରୀ କହିଥିବାରୁ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ରୁଜୁ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। କାଳିଆ ଯୋଜନା ଘୋଟାଲାରେ ଯେଉଁ ସରକାରୀ ବାବୁ ମାନେ ନ୍ୟସ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ମଧ୍ୟ ହେଉଛି।

### ଉପନିର୍ବାଚନ ...

ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ମଧ୍ୟ ସିବିଆଇ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏପରିକି ବଡମ୍ବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମଧ୍ୟ ଚିଟ୍‌ଫଣ୍ଡ କେଲେଙ୍କାରୀ ଘଟଣାରେ ସିବିଆଇ ଜେରାର ସମ୍ମୁଖିନ ହୋଇଥିଲେ। ବିଜେଡି ଦଳର କିଛି ବିଧାୟକ ଓ ଏବେ ମନ୍ତ୍ରୀ ଦାୟିତ୍ୱରେ ଥିବା କିଛି ନାମୀଦାମୀ ତଥା ଚର୍ଚ୍ଚିତ ନେତା ସିବିଆଇର ନୋଟିସ୍ ପାଇଥିଲେବି ଦଳର ସୁପ୍ରିମୋ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ଦଳୀୟ ଟିକେଟ ପ୍ରଦାନ କରିବା ସହିତ ମନ୍ତ୍ରିମଣ୍ଡଳରେ ସେମାନଙ୍କ ମଧ୍ୟରୁ କିଛି ରଖିଛନ୍ତି, ହେଲେ କିଛି ସିବିଆଇ ସ୍କାନରରେ ଥିବା ନେତାଙ୍କୁ ଦଳୀୟ ଟିକେଟ ନ ଦେଇଥିଲେବି ସେମାନଙ୍କ ପୁଅଙ୍କୁ ଦେଇ ଜିତାଇବାରେ ସକ୍ଷମ ହୋଇଥିଲେ। ସିବିଆଇ ପଞ୍ଝାରେ ଲଟକିଥିବା କିଛି ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇନଥିଲେ ମଧ୍ୟ ତାଙ୍କ ଦବ୍‌ଦବା ଉପରେ ଦଳ ସୁପ୍ରିମୋ ଅଙ୍କୁଶ ଲଗାଇଥିବା ଜଣାପଡିଛି। ଏପରିକି କରୋନା ଯନ୍ତ୍ରଣା ଦବିଗଲାପରେ ମନ୍ତ୍ରିମଣ୍ଡଳ ଅଦଳ ବଦଳ ହେବ ଓ ଏଠାରେ ସିବିଆଇ ସ୍କାନରରେ ଦାଗ ଲାଗିଥିବା କିଛି ମନ୍ତ୍ରୀ ବାଦ ପଡୁଥିବାର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳୁଥିବା ବେଳେ 'ମୋ ସରକାର'ରେ କେତେକ ଯୁବନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରି ମନ୍ତ୍ରିମଣ୍ଡଳର ନବକଳେବର କରୁଥିବାର ଜଣାପଡୁଛି। ଓଡିଶାର ଦୁଇଗୋଟି ବିଧାନସଭା ଆସନରେ ଉପନିର୍ବାଚନ ହେବାର ଥିବାବେଳେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀଟି ବିଜେପି ହାତରେ ଥିବାରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟି ପୁର୍ନବାର ବିଜେଡି ହାତକୁ ନଯାଇ ବିଜେପିକୁ ପରୋକ୍ଷରେ ସାହାଯ୍ୟ କରୁଥିବାର ଆଶଙ୍କା ସୃଷ୍ଟି ହେଲାଣି। ସେଥିପାଇଁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳରେ ବିବାଦମାନ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ଓ ଅସନ୍ତୋଷ ବଢି ବଢି ଚାଲିଛି। ବିଜେଡି ବିଜେପି ହାତକୁ ନିଜର ଆସନ ଟେକିଦେଲେ ରାଜ୍ୟରେ ବିଜେପିର ଆସନ ସଂଖ୍ୟା ବୃଦ୍ଧି ପାଇବ। ଏଥିପାଇଁ ବିଜେପି ବିଜେଡିର କିଛି ନେତାଙ୍କ ସହ ଭିତିରି ସମ୍ପର୍କ ରଖିଥିବା ସନ୍ଦେହ ସୃଷ୍ଟି ହେଲାଣି। ବିଜେପିର ରଣନୀତିକୁ ଲକ୍ଷ୍ୟ କରି କଂଗ୍ରେସ ମଧ୍ୟ ଏହି ଦୁଇଟି ଆସନ ହାତେଇବା ଲକ୍ଷ୍ୟରେ ରହିଛି। ମାତ୍ର ନିଜର କିଛି ହାତଗଣତି ନେତା ଓ କର୍ମୀଙ୍କୁ ଧରି ଭୋଟ ବଢ଼ାଇବା ଚିନ୍ତାରେ ଥିଲା ବେଳେ ଉପନିର୍ବାଚନ ପୂର୍ବରୁ ସିବିଆଇର ଖୋଳତାଡ ଆରମ୍ଭ ବିଜେପି ପାଇଁ ସଫଳତା ଆଣିଦେବା ପୁଣି ଏକ ପ୍ରହସନରେ ପରିଣତ ହେବ ବୋଲି ବୁଦ୍ଧିଜୀବ ମହଲରେ ଚର୍ଚ୍ଚା ହେଉଛି।

### ନଡ୍ଡାଙ୍କ ଟିମ୍‌ରେ ...

ପଶ୍ଚିମବଙ୍ଗରୁ ଅନୁପମ ହାଜରା, ଜାମ୍ମୁ-କାଶ୍ମୀରରୁ ଡ. ନରେନ୍ଦ୍ର ସିଂହ, ମହାରାଷ୍ଟ୍ରରୁ ବିଜୟ ରତ୍ନାକର ଓ ରାଜସ୍ଥାନରୁ ଅଲକା ଗୁରଜାର ଅଛନ୍ତି। ଜେପି ନଡ୍ଡାଙ୍କ ୧୨ଜଣିଆ ରାଷ୍ଟ୍ରୀୟ ଉପାଧକ୍ଷ ତାଲିକାରେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାୟକ ଡ. ରମଣ ସିଂହ, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାୟକ ବସୁନ୍ଧରା ରାଜେ, ବିହାରର ସାଂସଦ ରାଧା ମୋହନ ସିଂହ, ଓଡ଼ିଶାର ବୈଜୟନ୍ତ ପଣ୍ଡା, ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବୀର ଦାସ, ପଶ୍ଚିମବଙ୍ଗର ମୁକୁଲ ରାୟ, ଉତ୍ତରପ୍ରଦେଶର ସାଂସଦ ରେଖା ବର୍ମା, ଝାଡଖଣ୍ଡର ସାଂସଦ ଅନ୍ନପୂର୍ଣ୍ଣା ଦେବୀ, ଗୁଜୁରାଟର ସାଂସଦ ଡ. ଭାରତୀ ବେନ ଶିୟାଳ, ତେଲେଙ୍ଗାନାର ଡିକେ ଅରୁଣା, ନାଗାଲାଣ୍ଡର ଏମ ଚୁବା ଓ କେରଳର ଅବଦୁଲ୍ଲା କୁଟ୍ଟୀ ସ୍ଥାନ ପାଇଛନ୍ତି।

### ବାଧକ ସାଜିଛି ...

ବିଷୟରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି । ପୁନଶ୍ଚ ସେବା ସମବାୟ ସମିତି କାଦବରାଙ୍ଗ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ୧୫/ତା୧୧.୦୯. ୨୦୨୦ରେ ବ୍ଲକ ଉନ୍ନୟନ ଅଧିକାରୀ ବନ୍ତ , ଜିଲା ଗ୍ରାମୀଣ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭଦ୍ରକ , ଏଆରସିଏସ ଭଦ୍ରକ, ବିଆରସିଏସ ବାଲେଶ୍ୱର, ସଂପାଦକ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଓ ଜିଲାପାଳ ଭଦ୍ରକଙ୍କ ସମେତ ସରପଂଚଙ୍କୁ ମଧ୍ୟ ଚିଠି ପଠାଯାଇଥିବା ଜଣାପଡ଼ିଛି । କିନ୍ତୁ ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ:୧୯୫୨ ମସିହାରେ କାଦବରାଙ୍ଗ ପଂଚାୟତଟି ପ୍ରତିଷ୍ଠିତ ହୋଇଥିଲା ଏବଂ ସେତେବେଳେ ଏହା ଅଧିନରେ ୪/୫ଟି ପଂଚାୟତ ରହିଥିଲା । ୧ଏକର ୯୧ଡ଼ିସିମିଲ ଜାଗାକୁ ନେଇ ଗଠିତ ଏହି ପଂଚାୟତ ପରିସରରେ ନିର୍ମିତ ଗୃହରେ ପଂଚାୟତ କାର୍ଯ୍ୟାଳୟ ଚାଲୁଥିଲା ଏବଂ ପରବର୍ତ୍ତି ସମୟରେ ଲୋକଙ୍କ ସ୍ୱାର୍ଥକୁ ଆଖିରେ ରଖି ଉକ୍ତ ପରିସରରେ ପଂଚାୟତ କାର୍ଯ୍ୟାଳୟ ଚାଲିବା ସହ ମିଳିତ ଭାବେ ସେବା ସମବାୟ ସମିତି ମଧ୍ୟ ଚାଲିଥିଲା । ତେଣୁ ଏଠାରେ ସ୍ୱତନ୍ତ୍ର ଭାବେ ଗ୍ରେନଗୋଲା ଗୃହ ଗଠନ କରାଯାଇନାହିଁ ଏବଂ ସେବା ସମବାୟ ସମିତି ଦ୍ୱାରା ବ୍ୟବହୃତ ଗୃହଟି ପଂଚାୟତର । ତେଣୁ ପଂଚାୟତବାସୀଙ୍କ ବୃହତ ସ୍ୱାର୍ଥକୁ ଆଖିଆଗରେ ରଖି ଏହି ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଗୃହ ନିର୍ମାଣ ନିମନ୍ତେ ମଂଜୁର ଅର୍ଥ ଫେରିଯିବାର ସମ୍ଭାବନା ଦେଖାଦେଇଥିବାରୁ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୯ ତାରିଖରେ ଅନୁଷ୍ଠିତ ଗ୍ରାମ ପଂଚାୟତ ବୈଠକରେ ପଂଚାୟତ ତରଫରୁ ଏକ ବୈଠକ ବିବରଣୀ ପ୍ରସ୍ତୁତ କରାଯାଇ କାର୍ଯ୍ୟାଳୟ ଚିଠି ନଂ୧୩୩/ତା୨୩.୦୯.୨୦୨୦ରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାର ଜଣାପଡ଼ିଛି ।

## ସୁନୀଲ ନାୟକ ମୟୂରଭଞ୍ଜ ବିଜୁ ଛାତ୍ର ଜନତା ଦଳ ସଭାପତି



**ବାରିପଦା :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ନୂତନ କାର୍ଯ୍ୟକର୍ତାଙ୍କ ନାମ ଘୋଷଣା କରାଯାଇଛି। ସେଥି ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ଟାଣୁଆ ଛାତ୍ର ନେତା ସୁନୀଲ କୁମାର ନାୟକଙ୍କୁ ମୟୂରଭଞ୍ଜ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବରେ ନିଯୁକ୍ତି କରାଯାଇଛି। ସୁନୀଲ ନାଏକ ତାଙ୍କ ଛାତ୍ର ଜୀବନ ଆରମ୍ଭରୁ ପ୍ରଥମେ ବାରିପଦା ମହାରାଜା ପୁର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ସହସାଂସ୍କୃତିକ ସମ୍ପାଦକ ଏବଂ ପରେ ସାଂସ୍କୃତିକ ସମ୍ପାଦକ ପଦରେ ବିଜୟ ଲାଭ କରିଥିଲେ। ତା'ପରେ ତାଙ୍କର ଦୃଢ ଛାତ୍ର ନେତୃତ୍ୱରେ ବି.ବି.କଲେଜ ବାଇଗଣ ବାଡିଆରେ ସଭାପତି ପଦରେ ବିଜୟ ଲାଭ କରିଥିଲେ। ପରେ ପରେ ବି.ବି.କଲେଜର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପଦ ଅଳଙ୍କୃତ କରିଥିଲେ, ଏବଂ ବର୍ତ୍ତମାନ ମୟୂରଭଞ୍ଜର ସମସ୍ତ ଆଗ ଧାଡିରେ ଥିବା କଲେଜ ମାନଙ୍କର ନେତୃତ୍ୱ ନେବା ସହିତ ଏବେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ଛାତ୍ର ନେତୃତ୍ୱ ତୁଲାଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବି.ଜେ.ଡି. ସୁପ୍ରିମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଜେଡି ରାଜ୍ୟ ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଚାନ୍ଦବାଲି ବିଧାୟକ ତଥା ଛାତ୍ର ବ୍ୟାପର ଅଧକ୍ଷ ବ୍ୟମକେଶ ରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ୍, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜସଭା ସାଂସଦ ମମତା ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାର୍ଣ୍ଡି, କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ମୋରଡା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଭାଦବ ହାଁସଦା, ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, ମହିଳା ସଭାପତି ବିଣାପାଣୀ ସାହୁ ଏବଂ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଜୁ ଜନତା ଦଳ, ବିଜୁ ଯୁବ ଜନତା ଦଳ, ବିଜୁ ମହିଳା ଜନତା ଦଳ, ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ଭଦ୍ରକ ଜିଲ୍ଲାରେ ମାଳମାଳ ନକଲି ଶିକ୍ଷକ !**

## ବେଫିକର ଶିକ୍ଷା ବିଭାଗ

**ଭଦ୍ରକ :** ରାଜ୍ୟରେ 'ମୋ ସରକାର' ଓ ୫-ଟି' ଶାସନ ଚାଲିଥିଲା ବେଳେ ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ଏହାର କୌଣସି ପ୍ରଭାବ ପଡୁନାହିଁ। କାରଣ ସ୍ୱରୂପ ଦେଖିଲେ ଏହି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନକଲି ଶିକ୍ଷକଙ୍କ ପ୍ରାଦୁର୍ଭାବ ବଢୁଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷକ, ଶିକ୍ଷୟିତ୍ରୀ ବିଭିନ୍ନ ସଂଘର ନେତା ଓ ନେତ୍ରୀ ହୋଇ ନିଜକୁ ଶିକ୍ଷାନୁଷ୍ଠାନ ମାନଙ୍କରେ ପରାକ୍ରମୀ ଭାବେ ପ୍ରମାଣିତ କରିବାରେ ଲାଗିଛନ୍ତି। ବିଶେଷକରି ଭଦ୍ରକ ବ୍ଲକରେ ଏହାର ପ୍ରଭାବ ଅଧିକ ବୋଲି ଅଭିଯୋଗ ହେଉଛି। ପୂର୍ବରୁ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ଅବଗତ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଫଳରେ ମାମଲା ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଛି। ସବୁ ଜାଣି ଶିକ୍ଷା ବିଭାଗ କାହିଁକି ନିରବ ରହିଛି ଏହାର କାରଣ ଖୋଜୁଛନ୍ତି ଜିଲ୍ଲାବାସୀ। ଏଭଳି ଧାରା ଜାରି ରହିଲେ ଆଗାମୀ ଦିନରେ ଭଦ୍ରକ ଯେ ନକଲି ଶିକ୍ଷକଙ୍କ ପେଣ୍ଠସ୍ଥଳ ନ ପାଲଟିବ କିଏ କହିବ ?

## 'ମୋ ଅନୁଷ୍ଠାନ' ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା




**ଖଇରା :** ଦିନକୁ ଦିନ ମୋ ଅନୁଷ୍ଠାନର ଖ୍ୟାତି ସାରା ରାଜ୍ୟରେ ବ୍ୟାପିବାରେ ଲାଗିଛି । ସେଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି । ଆଜିର ସମାଜ ପାଇଁ ସାହିତ୍ୟ ଏକାନ୍ତ ପ୍ରୟୋଜନ । ସାହିତ୍ୟର ଉନ୍ନତି ସମାଜର ଉନ୍ନତି । ସାହିତ୍ୟର ବିକାଶ ରାଜ୍ୟ ବା ଦେଶର ବିକାଶ । ଯେ ପର୍ଯ୍ୟନ୍ତ ସାହିତ୍ୟର ଉନ୍ନତି ହୋଇ ନାହିଁ ସେ ପର୍ଯ୍ୟନ୍ତ ସମାଜର ଉନ୍ନତି ଅସମ୍ଭବ ବୋଲି ମନେ କରି ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ଆଗେଣ ଚାଲିଛି । ଗଦ୍ୟ ସାହିତ୍ୟର ବିକାଶ ପଥରେ । ଏଥିପାଇଁ ଆଜିର ସମାଜରେ କବି କବୟିତ୍ରୀ ମାନଙ୍କ ଠାରୁ ଧିରେ ଧିରେ ଦୂରେଇ ଯାଉଥିବା ଗଳ୍ପ ସାହିତ୍ୟକୁ ନିକଟତର ତଥା ଗଳ୍ପ ସାହିତ୍ୟର ବିକାଶ ପାଇଁ ବାଲେଶ୍ୱର ଜିଲ୍ଲା ଖଇରା ଠାରେ ୨୦୧୯ ମସିହାରେ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ସମ୍ପାଦନାରେ ଗଢ଼ିଉଠିଥିବା "ମୋ ଅନୁଷ୍ଠାନ" ସାହିତ୍ୟ ସଂସଦ (ସରକାରୀ ପଞ୍ଜିକୃତ ନଂ - ୧୧୨୦୦୦୬୩୧/୨୦୨୦) ପ୍ରତି ମାସରେ ହ୍ୱାର୍ଟ୍‌ସପ ମାଧ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରଖିଛି । ଏଥିରେ ମୁଖ୍ୟତଃ ଗଳ୍ପ,ପ୍ରବନ୍ଧ ଓ ବିଶ୍ଳେଷଣାତ୍ମକ ଉପରେ ଗୁରୁତ୍ୱ ଦିଆଯାଉଛି । ସାରା ଓଡ଼ିଶାର କବି,କବୟିତ୍ରୀ,ଲେଖକ ଓ ଲେଖିକା ମାନଙ୍କୁ ନେଇ ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ ଅତିକ୍ରମ କରି ତ୍ରୟୋଦଶ(୧୩) ପର୍ଯ୍ୟାୟରେ ପହଁଚିଛି ଅନୁଷ୍ଠାନ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଭୁବନେଶ୍ୱର :** ଯାଜପୁର ସହରର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରଜନୀକାନ୍ତ ଶାସ୍ତ୍ରୀଙ୍କ ଧର୍ମପତ୍ନୀ ତଥା ଯାଜପୁରର ବିଶିଷ୍ଟ ଓକିଲ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିରୁପାକ୍ଷ କରଙ୍କ କନ୍ୟା ଓ ଧର୍ମପ୍ରାଣା ମହିଳା ଶାନ୍ତିମୟୀ ଶାସ୍ତ୍ରୀ ଗତ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ତାଙ୍କ 'ସନ୍ଥମାଧବ' ସ୍ଥିତ ବାସଭବନରେ ଗତ ୧୮ ତାରିଖରେ ୮୬ ବର୍ଷ ବୟସରେ ଇହଲିଳା ସମ୍ବରଣ କରିଛନ୍ତି। ତାଙ୍କ ବଡପୁତ୍ର ଅବସରପ୍ରାପ୍ତ ବହିଶୁଳ୍କ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ଶାସ୍ତ୍ରୀ ବାରୁଣୀ ପଡିଆ ଶ୍ୱଶାସନରେ ମୁଖାଗ୍ନି ଦେଇଥିଲେ। ଯାଜପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଦେଇଥିଲେ ଓ ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ




ଅକ୍ଷୟ କୁମାର ରାଉତ


ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧ ବିଶ୍ୱାସ,ଅନ୍ଧ ଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବଧ ଅଭିଜ୍ଞତା ଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।




ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍‌ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍ ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ। ଏକ ସ୍ଥାନୀୟ ବିଦ୍ୟାଳୟରେମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ।ଦାରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେଙ୍କ ପାଠ ପଢାରେ ଡ଼ୋରବାନ୍ଧୀ ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍ ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େ ଙ୍କ କାମ ଥିଲା ସେ ଗୋଞ୍ଜାଞ୍ଜିଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହାକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରିନଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହ ଗୁଡ଼ିକୁ ପଢୁଥିଲେ। ମାର୍ସେଟ୍‌ଙ୍କରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇ କ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଡୋ ଡ଼କ୍‌ସନଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ।ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବେଞ୍ଜାମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ପ୍ରସ୍ତୁତ କରିପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତ କର୍ତା ସାର୍ ହମ୍ଫ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡ଼ାଭେକ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତି ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍ ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡ଼ାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ। ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକ ମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ ,

ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରି ଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ।

ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା,କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସ କୁ ପ୍ରମାଣିତ କରିଥିଲେ। ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେଞ୍ଜିନକୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ।

୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟଷରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିଳ୍ପ ଅନିଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍‌ସଫର୍ମର ଓ କିଛି ଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ।





ବ୍ରିଟେନର ପ୍ରଧାନ ମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ଲଡ଼ ମେଲ୍‌ବୋର୍ଭ ପେନ୍‌ସନ୍ ଦେଲେ ନାହିଁ,ପରେ ପ୍ରଧାନ ମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର୍, ଜେନେରେଟର ଓ ଟ୍ରାନ୍‌ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚି Experimental Researches in chemistry and physics ଏବଂ The Chemical History of a Candal ପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବଞ୍ଜି।


*ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି*
*ପାରାଦ୍ୱୀପ ଗଡ଼,କୁଜଙ୍ଗ,ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*


## ଘରୋଇ କମ୍ପାନୀ ଓ ଶାସକ ଦଳର ମଧୁଚନ୍ଦ୍ରିକା

# ସଙ୍କଟ ଭିତରେ ୨ ଜିଲ୍ଲାବାସିନ୍ଦାଙ୍କ ଜୀବନ ଓ ଜୀବିକା : ବିଜେପି

**ଭୁବନେଶ୍ୱର :** ଶିଳ୍ପ ପ୍ରତିଷ୍ଠା ହେଉଛି ରାଜ୍ୟର ବିକାଶ ପାଇଁ, ସ୍ଥାନୀୟ ଅଂଚଳବାସିଙ୍କ ବିକାଶ ପାଇଁ। ମାତ୍ର ଲାଭାନ୍ୱିତ ହେଉଛନ୍ତି କିଛି ନ୍ୟାସ୍ତସ୍ୱାର୍ଥ ଶାସକ ଦଳର ନେତା, ମାଫିଆ ଏବଂ ନିର୍ଦ୍ଧିଷ୍ଟ ଘରୋଇ କଂପାନୀମାନେ। ଘରୋଇ କମ୍ପାନୀ ଏବଂ ଶାସକ ଦଳର ମଧୁଚନ୍ଦ୍ରିକା କାରଣରୁ ଆଜି ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାବାସିନ୍ଦାଙ୍କ ଜୀବନ ଓ ଜୀବିକା ସଂକଟ ଭିତରେ ଗତି କରୁଛି। ଶିଳ୍ପାଞ୍ଚଳ ଭାବେ ପରିଚିତ ଏହି ଅଂଚଳରେ ଥିବା ଶିଳ୍ପ କାରଖାନାରୁ ନିର୍ଗତ ପାଉଁଶ ଗଦା ହୋଇ ଧନଜୀବନ ପ୍ରତି ବିପଦ ହୋଇପଡିଛି । ବିନା ଅନୁମତିରେ ଜିଲ୍ଲାର ବିଭିନ୍ନ ଗୋଚର ଓ ଜଙ୍ଗଲ ଜମିରେ ଅନାବଶ୍ୟକ ଓ ବିଷାକ୍ତ ପାଉଁଶ ଗଦା ହୋଇ କୃତ୍ରିମ ପାହାଡ ସୃଷ୍ଟି ହୋଇଛି। ଏହା ଦ୍ୱାରା ପାନୀୟ ଜଳ, ପରିବେଶ ଆଦି ପ୍ରଭାବିତ ହୋଇ ସ୍ଥାନୀୟବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅତି ଗୁରୁତର ହେବା ସହ ବିପଦରେ ପଡିଛି। ଏପରିକି ଚାଷଜମିରେ ବିଷାକ୍ତ ପାଉଁଶ ପାଣି ମାଡିଯିବାରୁ ବ୍ୟାପକ କ୍ଷୟକ୍ଷତି ହେଉଛି। ସ୍ଥାନୀୟ ବାସିନ୍ଦାମାନେ ବେଆଇନ ଭାବେ ପାଉଁଶ ଗଦାକୁ ବିରୋଧ କଲେ, କିଛି ନ୍ୟସ୍ତସ୍ୱାର୍ଥ ମାଫିଆମାନଙ୍କ ଦ୍ୱାରା ସେମାନଙ୍କୁ ମାରି ଦିଆଯିବାର ଧମକ ମାଧ୍ୟମରେ ଭୟଭୀତ କରାଯାଇ ଆତଙ୍କ ସୃଷ୍ଟି କରାଯାଉଛି। ଏଥିରେ ଶାସକ ବିଜେଡି ଦଳର କିଛି ପ୍ରଭାବଶାଳୀ ନେତା, ମାଫିଆ ଓ ଗୁଣ୍ଡାମାନେ ସଂପୃକ୍ତ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ୨ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଅଭିଯୋଗ ଆସିବା ପରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାଧାରନ ସଂପାଦକ ରବି ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚଳିତ ମାସ ୯ ଏବଂ ୧୩ ତାରିଖ ଦୁଇ ଦିନ ଧରି ଝାରସୁଗୁଡା ଏବଂ ସମ୍ବଲପୁର ଜିଲ୍ଲାର ବିଭିନ୍ନ ପାଉଁଶ ଗଦା ହୋଇଥିବା ଅଞ୍ଚଳ ଗସ୍ତ କରି ବାସ୍ତବ ସ୍ଥିତି ନିରିକ୍ଷଣ କରିଥିଲେ। ଏହି ପ୍ରତିନିଧି ଦଳ ଝାରସୁଗୁଡା ଜିଲ୍ଲାର ପଞ୍ଚପଡା, କଟିକେଲା, ସିରିଆପାଲି ଏବଂ ସମ୍ବଲପୁର ଜିଲ୍ଲାର ଶ୍ରୀପୁରା, ଡେର୍ବା, ଗୁମକୁର୍ମା, ଲାରିଆପାଲି, ଗୁଲାମାଲ୍ ଆଦି ଅଂଚଳ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳରେ ବିଧାୟକ ନାଉରୀ ନାଏକ, କୁସୁମ ଟେଟେ, ଶଙ୍କର ଓରାମ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ ଏବଂ ପରବର୍ତ୍ତୀ ସମୟରେ ସାଂସଦ ସୁରେଶ ପୁଜାରୀ ଏବଂ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଉଭୟ ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାସ୍ଥିତ ବେଦାନ୍ତ ଆଲୁମିନା, ଭୂଷଣ ପାୱାର ଓ ଷ୍ଟିଲ୍, ସମଲେଶ୍ୱରୀ ସ୍ପଞ୍ଜ, ବିରାଜ ଷ୍ଟିଲ୍ ଆଦି କଂପାନୀରୁ ନିର୍ଗତ ହେଉଥିବା ଅନାବଶ୍ୟକ ପାଉଁଶକୁ ଜିଲ୍ଲା ପ୍ରଶାସନର ଜ୍ଞାତସାରରେ ସମସ୍ତ ପ୍ରକାରର ସରକାରୀ ଆଇନ ଓ ନୀତିନିୟମକୁ ଉଲ୍ଲଂଘନ କରି ଜିଲ୍ଲାର ବିଭିନ୍ନ ଗୋଚର ଏବଂ ଜଙ୍ଗଲ ଜମିରେ କୃତ୍ରିମ ପାହାଡ ସଦୃଶ ଗଦା କରାଯାଇଛି। ଏହା ଦ୍ୱାରା ପରିବେଶ ପ୍ରଦୁଷଣ ହେବା ସହ ପାଉଁଶ ପାଣି ମାଡି ଯାଇ ଚାଷଜମି, ପୋଖରୀ, ନଦୀ ଆଦି ମଧ୍ୟ ପ୍ରଦୁଷିତ ହେଉଛି। ପ୍ରଦୁଷିତ ଓ ବିଷାକ୍ତ ପାନୀୟ ଜଳ କାରଣରୁ ନିରୀହ ଓ ଜନସାଧାରଣଙ୍କ ଜୀବନ ଓ ସ୍ୱାସ୍ଥ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡିଛି । ଏପରିକି ନିର୍ଗତ ବିଷାକ୍ତ ପାଉଁଶ ପାଣି ହିରାକୁଦ ଜଳଭଣ୍ଡାରରେ ମିଶିବା କାରଣରୁ ମହାନଦୀ ବହୁ ମାତ୍ରାରେ ପ୍ରଦୁଷିତ ହେଉଛି। କଂପାନୀରୁ ଅନାବଶ୍ୟକ ବିଷାକ୍ତ ପାଉଁଶକୁ ଡମ୍ପିଙ୍ଗ୍ ୟାର୍ଡକୁ ଟ୍ୟାଙ୍କର ଦ୍ୱାରା ନିଆଯିବାର ଆଇନ ଥିବା ସତ୍ୱେ ଖୋଲା ଟ୍ରକ ଏବଂ ହାଇୱା ଦ୍ୱାରା ଅଧିକ ପରିମାଣର ପାଉଁଶ ନିଆଯାଉଥିବା କାରଣରୁ ବାୟୁମଣ୍ଡଳ ମଧ୍ୟ ପ୍ରଦୁଷିତ ହେଉଛି। ପାଉଁଶ ଗାଡି ଯାତାୟତ କରୁଥିବା ରାସ୍ତାର ଉଭୟ ପାଶ୍ୱରେ ଗଛ ଲଗାଯିବା, ପାଣି ଦ୍ୱାରା ରାସ୍ତାକୁ ଓଦା କରାଯିବାର ଆଇନ ଥିବା ସତ୍ୱେ ଗଛ ଲଗାଯାଉନାହିଁ। ପାଉଁଶ ବୋଝେଇ ଗାଡି ସବୁ ଗହଳିପୂର୍ଣ୍ଣ ଅଂଚଳ ଦେଇ ଯାତାୟତ କରୁଥିବାରୁ ସେ ଅଞ୍ଚଳବାସୀ ନାନାଦି ହଇରାଣର ଶିକାର ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ଗତ ୧୨ ତାରିଖ ଦିନ ବେଦାନ୍ତ କାରଖାନାରୁ ନିର୍ଗତ ହୋଇଥିବା ବିଷାକ୍ତ ପାଉଁଶ ଝାରସୁଗୁଡା ଜିଲ୍ଲା କଲେକ୍ଟର ଏବଂ କୋର୍ଟ ପଛ ପାର୍ଶ୍ୱସ୍ଥିତ ପଂଚପଡା ଡଂପିଙ୍ଗ ୟାର୍ଡ ନିକଟସ୍ଥ କପୁମାଲ ନାଳରେ ମିଶି ପ୍ରଭାହିତ ପାଣିକୁ ଦୁଷିତ ହୋଇଥିଲା । ପିଏଚଡି ଦ୍ୱାରା ଏହି ଦୁଷିତ ଓ ବିଷାକ୍ତ ପାଣିକୁ ଝାରସୁଗୁଡା ସହର ଭିତର ଅନେକାଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯାଇଥିବା କାରଣରୁ ବହୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥିଲା ବୋଲି ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟ ବିଧାୟକ ନାଉରୀ ନାଏକ କହିଛନ୍ତି। ଚାକିରୀ ଯୋଗାଇ ଦେବାର ମିଥ୍ୟା ପ୍ରତିଶୃତି ଦେଇ ଗ୍ରାମବାସିଙ୍କଠାରୁ ଜମି ହାତେଇବା ପରେ ପରିବେଶକୁ ଦୁଷିତ କରି ସେମାନଙ୍କ ଜୀବନ ସହ ଖେଳ ଖେଳାଯାଉଛି ବୋଲି ବିଧାୟିକା କୁସୁମ ଟେଟେ ଅଭିଯୋଗ କରିଛନ୍ତି।




ବିଷାକ୍ତ ପାଉଁଶ ପାଣି ଚାଷ ଜମିରେ ମିଶିଯାଇ ବହୁ କ୍ଷତି ଘଟାଉଥିବାର ବାରମ୍ବାର ଅଭିଯୋଗ ସତ୍ୱେ ଉଭୟ ପ୍ରଶାସନ ଏବଂ କଂପାନୀ କର୍ତୃପକ୍ଷ ନା ଏଥି ପ୍ରତି ଧ୍ୟାନ ଦେଉଛନ୍ତି ନା କ୍ଷତିଗସ୍ତଙ୍କୁ କ୍ଷତିପୁରଣ ଦେଉଛନ୍ତି। ପାଉଁଶ ପରିବହନର ଠିକା ନେଇଥିବା ଗ୍ଲୋବାଲ ଲଜିଷ୍ଟିକ, ୟୁନାଇଟେଡ ଲଜିଷ୍ଟିକ ଏବଂ ଦାସ ଟ୍ରାନସ୍ପୋର୍ଟ ସମସ୍ତ ନିୟମକାନୁନକୁ ହେୟଜ୍ଞାନ କରି କାର୍ଯ୍ୟ କରୁଛନ୍ତି । ଏ ସମସ୍ତ ବେଆଇନ ଏବଂ ନିୟମ ଉଲ୍ଲଂଘନକାରୀ କାର୍ଯ୍ୟ ଶାସକ ଦଳର ଜଣେ ପ୍ରଭାବଶାଳୀ ମନ୍ତ୍ରୀ, କିଛି ନିର୍ଦ୍ଧିଷ୍ଟ ନେତା ଓ ମାଫିଆଙ୍କ ପ୍ରରୋଚନାରେ କରାଯାଉଛି । ସ୍ଥାନିୟବାସିନ୍ଦା ଏବଂ ଗ୍ରାମବାସୀ ଏହାକୁ ବିରୋଧ କଲେ ତାଙ୍କୁ ମାରି ଦେବାର ଧମକ ଦେଇ ଭୟଭୀତ କରାଯାଉଛି ବୋଲି ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି। ଉଭୟ ଜିଲ୍ଲାର ପ୍ରଶାସନ ଉପରୋକ୍ତ ନିୟମ ଖିଲାପକାରିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ କଂପାନୀ ପ୍ରିତୀର ପରିଚୟ ଅଟେ। ରାଜ୍ୟ ସରକାର ତୁରନ୍ତ ଏଭଳି ଗୁରୁତର ସଂକଟର ସମସ୍ୟା ପାଇଁ ହସ୍ତକ୍ଷେପ କରି ବିହୀତ ପଦକ୍ଷେପ ଗ୍ରହଣ କରିବା ସହ ଦୋଷୀ ଏବଂ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି। ଉଭୟ ଜିଲ୍ଲାର ବାସ୍ତବ ସମସ୍ୟାକୁ ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନରେ ଉପସ୍ଥାପନା କରାଯାଇ ସମସ୍ୟାର ସମାଧାନ ପାଇଁ ବିଜେପି ସମସ୍ତ ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।



# ନଦୀବନ୍ଧ ଓ ଘାଇ ମରାମତି ପାଇଁ ୯୩୨ କୋଟି ମାଗିଲା ଓଡ଼ିଶା



**ଭୁବନେଶ୍ୱର :** ଅଗଷ୍ଟ ମାସରେ ରାଜ୍ୟର ଆସିଥିବା ବନ୍ୟା ଯୋଗୁଁ ବଡ଼ଧରଣର କ୍ଷତି ହୋଇଛି। ବିଭିନ୍ନ ଜିଲ୍ଲାରେ ବନ୍ୟା ଯୋଗୁଁ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି। ୧୧ଟି ଜିଲ୍ଲାର ମୋଟ୍ ୩୮ଟି ଘାଇ ହୋଇଥିବା ବେଳେ ଏଥିଯୋଗୁଁ ୨୮୩.୭୪ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ସେହିପରି ୧୧ ଜିଲ୍ଲାରେ ୩୫୧ କିମି ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୬୪୮.୮୯ କୋଟି ଟଙ୍କାର ଅନୁଦାନର ଆବଶ୍ୟକ ରହିଛି। ତେଣୁ ଘାଇ ମରାମତି ଓ ଅସ୍ଥାୟୀ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୯୩୨. ୬୪ କୋଟି ଟଙ୍କା ଆବଶ୍ୟକ। ଏଥିଲାଗି ଆବଶ୍ୟକୀୟ ଅର୍ଥ ତୁରନ୍ତ ଯୋଗାଇ ଦେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି)ଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିବା ନେଇ ରାଜ୍ୟ ବନ୍ୟା ନିୟନ୍ତ୍ରଣ ମୁଖ୍ୟଯନ୍ତ୍ରୀ ସୁଶାନ୍ତ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇ ଶ୍ରୀ ରଥ କହିଛନ୍ତି, ରାଜ୍ୟର ୧୧ଟି ଜିଲ୍ଲାରେ ୩୮ଟି ନଦୀବନ୍ଧ ଭାଙ୍ଗିଛି। ଏଥିଯୋଗୁଁ ୨୮୩ କୋଟି ଟଙ୍କାର କ୍ଷତି ହୋଇଛି। ଏହାସହ ୬୪୮.୮୯ କୋଟି ଟଙ୍କା ବିଭିନ୍ନ ବନ୍ଧକୁ ବନ୍ୟା ନିୟନ୍ତ୍ରଣ ପାଇଁ ସୁଦୃଢ଼ କରିବାକୁ ମଗାଯାଇଛି। ବନ୍ୟାରେ ୯୯୬ କିଲୋମିଟର ନଦୀବନ୍ଧ ଆଂଶିକ ନଷ୍ଟ ହୋଇଛି। ଅନ୍ୟପକ୍ଷରେ ୧୧ ଜିଲ୍ଲାରେ ୩୫୧ କିଲୋମିଟର ନଦୀବନ୍ଧକୁ ସୁଦୃଢ଼ କରିବାକୁ ଅନୁଦାନ ଦାବି କରାଯାଇଛି। ଏବେ ରାଜ୍ୟରେ ବନ୍ୟା ବିପଦ ନାହିଁ। ହେଲେ ଆଗାମୀ ବର୍ଷ ପାଇଁ ଏହାକୁ ପ୍ରସ୍ତୁତ କରିବାକୁ ପଡ଼ିବ। ତେଣୁ ଏଥିପାଇଁ ଏହି ଅନୁଦାନ ମଗାଯାଇଛି। ମୋଟ୍ ୯୩୨ କୋଟି ୬୪ ଲକ୍ଷ ଟଙ୍କା ଅର୍ଥ ଅନୁଦାନ ମଗାଯାଇଛି ବୋଲି ସେ କହିଛନ୍ତି। ଗତ ୨୨ ତାରିଖରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ବିଭାଗୀୟ ପ୍ରମୁଖ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ ଗତମାସରେ ବନ୍ୟା ଯୋଗୁଁ ୨୩୮ କୋଟି ଟଙ୍କାର ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି। ଗତ ୧୦ ତାରିଖରେ ପ୍ରାଥମିକ ଆକଳନ ଅନୁସାରେ ୧୮୧.୪୬ କୋଟି ଟଙ୍କାର ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ଦିଆଯାଇଥିଲା। ତେବେ ବନ୍ୟା ପାଣି କମିବା ପରେ ବୃହତ୍ ଏବଂ ମଧ୍ୟମ ନଦୀବନ୍ଧ ଏବଂ କେନାଲ୍ କ୍ଷୟକ୍ଷତି ନେଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ମୋଟ୍ ୨୮୩.୭୪ କୋଟି ଟଙ୍କାର ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନଦୀବନ୍ଧକୁ ସୁଦୃଢ଼ କରିବାକୁ ୬୪୮.୮୯ କୋଟି ଟଙ୍କା ଆବଶ୍ୟକ ଥିବା ସେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଗତମାସରେ ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ ଏବଂ ମହାନଦୀରେ ବଡ଼ ବନ୍ୟା ଆସିଥିଲା। ବନ୍ୟା ଯୋଗୁଁ ପ୍ରାୟ ୧୮ ଜିଲ୍ଲାର ୧୨୭୬ ପଞ୍ଚାୟତର ୬୦୬୬ ଗାଁ ଏବଂ ୨୧ଟି ପୌରାଞ୍ଚଳ ପ୍ରଭାବିତ ହୋଇଛି। ପାଖାପାଖି ୧୩.୮୭ ଲକ୍ଷ ଲୋକ ଜଳବନ୍ଦୀ ହୋଇଥିଲେ। ମୋଟ୍ ୨୫.୮୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ସେହିପରି ପାଖାପାଖି ୩.୧୧ ଲକ୍ଷ ହେକ୍ଟର ଫସଲ ପ୍ରଭାବିତ ହେବାସହ ପାଖାପାଖି ୬୨.୪୬ ହେକ୍ଟର ଫସଲରେ ବାଲି ମାଡ଼ି ଯାଇଥିଲା। ୩୦ ହଜାର ୬୫୪ ପଶୁ ସମ୍ପଦ ନଷ୍ଟ ହୋଇଥିବା ବେଳେ ୮.୫୯ ଲକ୍ଷ ପଶୁ ସମ୍ପଦ ବନ୍ୟାରେ ପ୍ରଭାବିତ ହୋଇଥିଲେ। ସେହିପରି ବନ୍ୟାରେ ୧ଲକ୍ଷ ୧୨ ହଜାର ୬୭୦ଟି ଘର ନଷ୍ଟ ହୋଇଥିଲା। ମୋଟ୍ ୩୦ ଜଣ ଲୋକ ପ୍ରାଣ ହରାଇଛନ୍ତି। କ୍ଷତିଗ୍ରସ୍ତ ଫସଲ ମଧ୍ୟରୁ ପ୍ରାୟ ୨.୨୫ ଲକ୍ଷ ହେକ୍ଟର ଚାଷଜମିରେ ସର୍ବନିମ୍ନ ୩୩%ରୁ ଅଧିକ ଫସଲ ନଷ୍ଟ ହୋଇଥିବା ନେଇ ରାଜ୍ୟ ସରକାର ପ୍ରାଥମିକ କ୍ଷୟକ୍ଷତି ଆକଳନ କରିଥିଲେ।

# ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀକୁ କେନ୍ଦ୍ରର ୮୪ କୋଟି ରିହାତି



**ନୂଆଦିଲ୍ଲୀ :** ଲକ୍ଡାଉନ୍ ସମୟରେ ବିଦ୍ୟୁତ୍ କିଣିବା ପାଇଁ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ(ଡିସ୍କମ) ଗୁଡ଼ିକୁ ଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୮୪ କୋଟି ଟଙ୍କାର ରିହାତି ଦିଆଯାଇଛି। ଫଳରେ ରାଜ୍ୟରେ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଲାଘବ ହୋଇପାରିବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ. ସିଂହଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନରେ ଥିବା ଏନ୍ଏଚ୍ପିସି ୩.୭୮ କୋଟି, ଏନ୍ଟିପିସି ୫୬.୮ କୋଟି ଏବଂ ପିଜିସିଆଇଏଲ୍ ପକ୍ଷରୁ ୨୪.୩୫ କୋଟି ରିହାତି ଦିଆଯାଇଛି। କରୋନା ସମୟରେ ଉପଭୋକ୍ତାମାନଙ୍କ ପାଇଁ ନିରନ୍ତର ବିଦ୍ୟୁତ୍ ସରବରାହ ହୋଇପାରିବା ଲକ୍ଷ୍ୟରେ ଏହି ଆର୍ଥିକ ରିହାତି ଦିଆଯାଇଛି। ଓଡ଼ିଶାରେ କରୋନା ଦ୍ୱାରା ପ୍ରଭାବିତ ଶକ୍ତି କ୍ଷେତ୍ର ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀକୁ ସହାୟତା ପ୍ରଦାନ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ସହ ମୋଦୀ ସରକାର ନିରନ୍ତର ସହଯୋଗ ଦେଉଛନ୍ତି। ବିଦ୍ୟୁତ୍ ଉତ୍ପାଦନ ଓ ସରବରାହ କମ୍ପାନୀଗୁଡ଼ିକ ପକ୍ଷରୁ ଦିଆଯାଇଥିବା ରିହାତି ଦ୍ୱାରା ଆନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଚାର୍ଜ ଏବଂ ବିଦ୍ୟୁତ ଚାର୍ଜର ରିହାତି ଉପଭୋକ୍ତାଙ୍କ ପାଖରେ ପହଞ୍ଚିପାରିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାମାନେ ଅଧିକ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶାକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏବଂ ଶିଳ୍ପ, ବ୍ୟବସାୟିକ ଏବଂ ଘରୋଇ ଗ୍ରାହକଙ୍କ ଦ୍ୱାରା ହେଉଥିବା ଅତିରିକ୍ତ ବିଦ୍ୟୁତ୍ ଶକ୍ତିର ଚାହିଦାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାର ଫଳସ୍ୱରୂପ ଓଡ଼ିଶାର ଅର୍ଥନୀତିରେ ଅଭିବୃଦ୍ଧି ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଶକ୍ତିମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର :** ଲୋକଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଉପରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଦ୍ୟୁତ ସେବା ଉପରେ ସମୀକ୍ଷା କରି ମନ୍ତ୍ରୀ ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ମଧ୍ୟ ଲୋକେ ଯେପରି ସ୍ଥିର ବିଦ୍ୟୁତ ସେବା ପାଇପାରିବେ ତାହା ବିଭାଗର ଆଭିମୁଖ୍ୟ ହେବା ଉଚିତ ବୋଲି କହିଥିଲେ। ତେବେ ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ଯୋଜନା କଳାହାଣ୍ଡିର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଓଏଚ୍ପିସି, ଓପିଟିସିଏଲ୍, ୱେସ୍କୋର ମିଳିତ ଉଦ୍ୟମ ଏହାକୁ ସମ୍ଭବ କରିପାରିଛି ବୋଲି ସେ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ସମୀକ୍ଷା କରି ମନ୍ତ୍ରୀ ବିଦ୍ୟୁତସେବା ଯୋଗାଣରେ ଜିଲ୍ଲାରେ ଯାହାକିଛି ସମସ୍ୟା ରହିଛି ତାହା ବଲାଙ୍ଗିର-କେସିଙ୍ଗା ଲାଇନ୍ ସଂଯୋଗ ହେଲେ ବହୁ ପରିମାଣରେ ସମାଧାନ ହୋଇପାରିବ ବୋଲି କହିଥିଲେ। ଏଥି ସହିତ ସେ ଜୁନାଗଡ଼-ବାନେର୍ ୧୧ କେଭି ଲାଇନ୍, ବାନେର-ବଡ଼କୁଟ୍ଟ ୩୩ କେଭି, ବାନେର-ଲଡୁଗାଁ ୩୩ କେଭି ଏବଂ ବାନେର ଜୁନାଗଡ଼ ୩୩ କେଭି ଲାଇନ୍ ସଂଯୋଗର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ପରେ ସେ ଜଳସମ୍ପଦ ବିଭାଗର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ଯୋଜନାଠାରେ ଇକୋ-ଟୁରିଜିମ୍ ନିମନ୍ତେ ସ୍ଥାନ ନିରୂପଣ କରିବା, ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ସହ ଏହାର ପାରିପାର୍ଶ୍ୱିକ ବିକାଶ ଦିଗରେ ଧ୍ୟାନ ଦେବାକୁ ସେ ପ୍ରସ୍ତାବ ରଖିଥିଲେ। ଜୟପାଟଣାଠାରୁ ମୁଖୀଗୁଡ଼ା ଯାଏଁ ମୁଖ୍ୟରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ଓଏଚ୍ପିସି ତୁରନ୍ତ ଏ ବିଷୟରେ ପୂର୍ତ୍ତ ବିଭାଗ ସହ ଯୋଗାଯୋଗ କରି ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ କହିଥିଲେ।

# କରୋନା ଗାଇଡ୍ଲାଇନ ନମାନିଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର :** କରୋନା ଗାଇଡ୍ଲାଇନ ନ ମାନିଲେ ଏଣିକି ରାଜଧାନୀରେ ମାର୍କେଟକୁ ସଟ୍ଡାଉନ୍ କରିଦିଆଯିବ। କିନ୍ତୁ ଆମେ ସେମିତି କରିବାକୁ ଚାହୁଁନାହୁଁ। ମାର୍କେଟ ବନ୍ଦ ରହିଲେ ବ୍ୟବସାୟୀଙ୍କର ବହୁତ କ୍ଷତି ହେବ। ତେଣୁ ସହରରେ ସମସ୍ତ ବ୍ୟବସାୟୀ ଓ ଗ୍ରାହକ କରୋନା ଗାଇଡ୍ଲାଇନ୍ ପାଳନ କରିବାକୁ ଅନୁରୋଧ ବୋଲି କହିଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ। ଭୁବନେଶ୍ୱରରେ କେମିତି ପାଳନ ହେଉଛି କୋଭିଡ୍ ଗାଇଡଲାଇନ୍ ଏହାର ଅନୁଧ୍ୟାନ କରିବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଉମାଶଙ୍କର ଦାସ ଓ ସିକ୍ୟୁରିଟି ଡିସିପି ନିର୍ମଳ ଶତପଥୀ ୟୁନିଟ୍-୨ ମାର୍କେଟ ବିଲ୍ଡିଂକୁ ଯାଇଥିଲେ। ମାର୍କେଟ୍ ବିଲ୍ଡିଂ ଅଞ୍ଚଳ ଅନୁଧ୍ୟାନ ବେଳେ ଶ୍ରୀ ଷଡଙ୍ଗୀ କହିଥିଲେ ଯେ, ଏଠାରେ ସ୍ଥିତି ଠିକ୍ ଅଛି ଏବଂ ଭିଡ କମ୍ ରହିଛି। ତେବେ ପୋଲିସ କମିଶନର ମାର୍କେଟ୍ ବିଲ୍ଡିଂର କର୍ମକର୍ତ୍ତାଙ୍କ ସହିତ ବ୍ୟବସାୟ ପ୍ରତିଷ୍ଠାନରେ ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧିବାକୁ ନେଇ ଗୁରୁତ୍ୱାରୋପ କରିବା ସହିତ ଅନ୍ୟାନ୍ୟ ବିଷୟ ଆଲୋଚନା କରିଥିଲେ। ଏଥିସହ କୋଭିଡ୍ ଗାଇଡ୍ଲାଇନ୍ ପାଳନ କରିବାକୁ ସମସ୍ତଙ୍କୁ କହିଥିଲେ। ଶ୍ରୀ ଷଡଙ୍ଗୀ ଆହୁରି କହିଥିଲେ ଯେ, ମାର୍କେଟ ବିଲ୍ଡିଂରେ ଗତ ରଜ ଭଳି ପରିସ୍ଥିତି ସୃଷ୍ଟି କରାନଯାଉ। ରଜ ବେଳେ ଭିଡ ନିୟନ୍ତ୍ରଣ କରାଯାଇନଥିବାରୁ ପୂରା ମାର୍କେଟକୁ ବନ୍ଦ କରିଦିଆଯାଇଥିଲା। ଆଗକୁ ଦୁର୍ଗାପୂଜା ଥିବାରୁ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡିବ। ଯଦି ଦୋକାନରେ କିଛି ଲୋକ କିଣାକିଣି କରୁଛନ୍ତି, ତା'ହେଲେ ଆଉ କାହାରିକୁ ଯିବାକୁ ଅନୁମତି ଦିଆନଯାଉ। ସେମାନଙ୍କ ପାଇଁ ବାହାରେ ବସିବାର ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ। ସେହିପରି ସିକ୍ୟୁରିଟି ଡିସିପି ଶ୍ରୀ ଶତପଥୀ ବ୍ୟବସାୟୀମାନଙ୍କୁ କୋଭିଡ୍ ଗାଇଡଲାଇନ୍ ଠିକ୍ ଭାବରେ ପାଳନ କରିବାକୁ ପରାମର୍ଶ ଦେବା ସହିତ ଅମାନିଆ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ମଧ୍ୟ ସୂଚନା ଦେଇଥିଲେ।

# ରାଜ୍ୟରେ 'ସମଗ୍ର ଶିକ୍ଷା ଯୋଜନା' ଆରମ୍ଭ

**ଭୁବନେଶ୍ୱର :** ରାଜ୍ୟରେ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଲାଇବ୍ରେରୀ ବା ପାଠାଗାରଗୁଡ଼ିକର ଅଡିଟ୍ କରାଯିବ। ଗତ ୫ବର୍ଷ ମଧ୍ୟରେ ପିଲାଙ୍କ ଲାଗି କେତେ ପରିମାଣର ପାଠ୍ୟପୁସ୍ତକ, ମାଗାଜିନ୍, ସମ୍ବାଦପତ୍ର କ୍ରୟ କରାଯାଇଛି ଏବଂ ଦୈନିକ କେତେ ଛାତ୍ରଛାତ୍ରୀ ଲାଇବ୍ରେରୀରେ ସେ ସବୁକୁ ବ୍ୟବହାର କରୁଛନ୍ତି ତାହାର ରେକର୍ଡ ମଧ୍ୟ ସଂଗ୍ରହ କରାଯିବ। ତେବେ ଏହି ପ୍ରକ୍ରିୟା ମାର୍ଚ୍ଚ ଶେଷ ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ପାଠାଗାରକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ଯାଞ୍ଚରେ ସ୍କୁଲମାନଙ୍କରେ ପିଲାଙ୍କ ଲାଗି ପାଠ୍ୟପୁସ୍ତକ ଯୋଗାଇଦେବା ସୁବିଧା କେତେ ଉନ୍ନତମାନର ରହିଛି ତାହା ସ୍ପଷ୍ଟ ହେବ। ଅଡିଟ୍ ରିପୋର୍ଟକୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗକୁ ପ୍ରଦାନ କରାଯିବ। ଏହାବ୍ୟତୀତ ସମଗ୍ର ଶିକ୍ଷା ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଲାଗି ବର୍ଷକୁ ପ୍ରାୟ ୧୫ହଜାର ଟଙ୍କା ଲାଇବ୍ରେରୀ ଲାଗି ଅନୁଦାନ ଯୋଗାଇ ଦିଆଯିବା ସହ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ପାଇଁ ବର୍ଷକୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ରାଜ୍ୟରେ ଆରମ୍ଭ ହୋଇଛି 'ସମଗ୍ର ଶିକ୍ଷା ଯୋଜନା'। ଏହି ଯୋଜନାରେ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକୁ ସାମିଲ କରାଯାଇଛି। ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତ ଭିତ୍ତିଭୂମିକୁ ଗୁରୁତ୍ୱ ଦେବା ସହ ଉଚ୍ଚମାନର ଶିକ୍ଷାଦାନ ପ୍ରତି ସରକାର ସଜାଗ ରହିଛନ୍ତି। ଏନେଇ ଛାତ୍ରଛାତ୍ରୀମାନେ ନିଜ ପାଠ୍ୟପୁସ୍ତକ ପଢ଼ିବା ସହ ପାଠାଗାରରେ ଯେପରି ଅନ୍ୟାନ୍ୟ ପୁସ୍ତକ ପଢ଼ି ନିଜର ବହିଃଜ୍ଞାନର ବିକାଶ କରିବେ ସେ ଦିଗରେ ସ୍କୁଲଗୁଡ଼ିକରେ ଉନ୍ନତମାନର ପାଠାଗାର ପ୍ରସ୍ତୁତି ଲାଗି ଅନୁଦାନ ଯୋଗାଉଛନ୍ତି। ରାଜ୍ୟରେ ମୋଟ ୨୦୪୮ଟି ଉଚ୍ଚମାଧ୍ୟମିକ ସ୍କୁଲ ରହିଛି। ଏଥିରେ ପିଲାଙ୍କ ସଂଖ୍ୟା ପ୍ରାୟ ୭ଲକ୍ଷ। ରାଜ୍ୟରେ ଜାନୁଆରୀରେ ଲର୍ଣ୍ଣିଂ ସେଣ୍ଟର ଖୋଲିବାକୁ ସରକାର ପ୍ରୟାସ କରୁଥିବା ବେଳେ ଏହି ଯୋଜନାରେ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକ ସାମିଲ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ୨୨ହଜାର ସ୍କୁଲରେ ଥିବା ଲାଇବ୍ରେରୀରେ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ପୁସ୍ତକ ଥିବା ବେଳେ ପ୍ରାୟ ୨୧ହଜାର ସ୍କୁଲ୍ରେ ସର୍ବନିମ୍ନ ୧୦ହଜାର ଟଙ୍କାରୁ କମ୍ ପୁସ୍ତକ ରହିଛି। ସେହିପରି ପ୍ରାୟ ୪୦ପ୍ରତିଶତ ସ୍କୁଲରେ ପାଠାଗାର ସୁବିଧା ଥିବାବେଳେ ପାଠ୍ୟପୁସ୍ତକ ନଥିବା ଜଣାପଡ଼ିଛି। ତେବେ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକ ମଧ୍ୟରୁ କେବଳ ସରକାରୀ ସ୍କୁଲଗୁଡ଼ିକରେ ଲାଇବ୍ରେରୀରେ ୫ଲକ୍ଷ ଟଙ୍କାରୁ ଅଧିକ ପୁସ୍ତକ ରହିଥିବା ବେଳେ ଅନୁଦାନପ୍ରାପ୍ତ ଅନୁଷ୍ଠାନ ମଧ୍ୟରୁ ପ୍ରାୟ ୫୦ପ୍ରତିଶତ କଲେଜରେ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ପୁସ୍ତକ ରହିଛି। ପ୍ରତିବର୍ଷ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକ ପ୍ରଥମବର୍ଷ ନାମ ଲେଖାଉଥିବା ପିଲାଙ୍କ ଫି'ରୁ ପାଠାଗାର ଲାଗି ପ୍ରାୟ ୨.୫ ପ୍ରତିଶତ ଟଙ୍କାର ପାଠ୍ୟପୁସ୍ତକ କ୍ରୟ କରାଯିବ ବୋଲି ନିଷ୍ପତ୍ତି ଥିବାବେଳେ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଶିକ୍ଷାନୁଷ୍ଠାନରେ ଏହି ନିୟମକୁ ଅବମାନନା କରୁଛନ୍ତି। ଏହାବ୍ୟତୀତ ସମଗ୍ର ଶିକ୍ଷା ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଲାଗି ବର୍ଷକୁ ପ୍ରାୟ ୧୫ହଜାର ଟଙ୍କା ଲାଇବ୍ରେରୀ ଲାଗି ଅନୁଦାନ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ସେହିଭଳି ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକ ପାଇଁ ବର୍ଷକୁ ୨୫ହଜାର ଟଙ୍କା ପାଠଗାରରେ ପୁସ୍ତକ ଏବଂ ପିଲାଙ୍କ ଶିକ୍ଷା ଉପଯୋଗ ଲାଗି ସହାୟତା ପ୍ରଦାନ କରାଯିବ। ତେବେ ଏହି ଅନୁଦାନ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ସପ୍ତାହ ସୁଦ୍ଧା ପ୍ରଦାନ କରାଯିବ। ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ଅଡିଟ୍ କାର୍ଯ୍ୟ ଶେଷ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଏଦିଗରେ ଅଧିକ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ କରୋନା ଲାଗି ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ଖୁବ୍ଶୀଘ୍ର ଏହାକୁ କାର୍ଯ୍ୟକାରୀ କରି ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ପିଲାଙ୍କୁ ସୁଯୋଗ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିଠାରୁ ରେଡିଓ ପାଠଶାଳା

**ଭୁବନେଶ୍ୱର :** ରାଜ୍ୟରେ ବିଦ୍ୟାଳୟଗୁଡିକରେ କରୋନା ଲାଗି ସ୍କୁଲରେ ଶିକ୍ଷାଦାନ ବନ୍ଦ ରହିଛି। ତେବେ ଏହି ପରିପ୍ରେକ୍ଷୀରେ ପିଲାଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ ଗଣଶିକ୍ଷା ବିଭାଗ ପକ୍ଷରୁ 'ରେଡ଼ିଓ ପାଠଶାଳା' କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ୨୮ତାରିଖରୁ ରେଡିଓ ପାଠଶାଳା ପ୍ରସାରଣ କରାଯିବ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ରେଡିଓ ପାଠଶାଳା କାର୍ଯ୍ୟକ୍ରମ ସକାଳ ୧୦ ଟାରୁ ୧୦.୧୫ ମିନିଟ ପର୍ଯ୍ୟନ୍ତ ଚାଲିବ। ସୋମବାର ପ୍ରଥମ ଓ ପଞ୍ଚମ ଶ୍ରେଣୀ, ମଙ୍ଗଳବାର ଦ୍ୱିତୀୟ ଓ ଷଷ୍ଠ ଶ୍ରେଣୀ, ବୁଧବାର ତୃତୀୟ ଓ ସପ୍ତମ ଶ୍ରେଣୀ, ଗୁରୁବାର ୪ର୍ଥ ଓ ଅଷ୍ଟମ ଶ୍ରେଣୀ, ଶୁକ୍ରବାର ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ପାଇଁ କ୍ଲାସ କରାଯିବ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ସବୁ କେନ୍ଦ୍ରରୁ ଏକ ସମୟରେ ପ୍ରସାରିତ ହେବ। ପ୍ରସାରିତ ପାଠ୍ୟ ବିଷୟଗୁଡ଼ିକ ଦୀକ୍ଷା ଆପ୍ରେ ମଧ୍ୟ ଉପଲବ୍ଧ ହେବ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି